

# ବାଲିଝଡ଼

ନଂ ୨୪୦

17 JUL 1959

ସଜଶ୍ରୀ ସିରିଜ୍




ପ୍ରକାଶକ

ପ୍ରାଣକୃଷ୍ଣ ଦାସ

**ରାଜଶ୍ରୀ ପ୍ରକାଶନୀ**

୫ଏ, ନୁରମହମ୍ମଦ ଲେନ୍

କଲିକତା-୯

ମୁଦ୍ରଣ

କଳିଙ୍ଗ ମୁଦ୍ରଣୀ

୫ଏ, ନୁରମହମ୍ମଦ ଲେନ୍

କଲିକତା-୯

ପ୍ରଚ୍ଛଦ ଶିଳ୍ପୀ

ଅସୀମ ବସୁ

ପ୍ରଥମ ପ୍ରକାଶ

ଅକ୍ଟୋବର - ୧୯୫୮

**ଟ୧.୫୦ ନୂ: ପ:**

ଶ୍ରଦ୍ଧେୟ ବିବେକାନନ୍ଦ ମହାନ୍ତିଙ୍କୁ......

## ଏହି ଲେଖକଙ୍କର ଲେଖା —

ରକ୍ତ ତାଣ୍ଡବ ( ୩ୟ ସଂସ୍କରଣ )
୫୩ପଞ୍ଚ ଘାସ ( ୨ୟ „ )
୩୦୩ ରିଭଲଭର ( ୨ୟ „ )

ଜଲାଗ୍ରହର ସନ୍ଧାନୀ ( ୨ୟ ସଂସ୍କରଣ )
ସି: ଅଇ: ଓ: ( ୨ୟ „ )
ଦାଗ ( ୨ୟ „ )

ଧୂଳିର ଧରଣୀ
ଦୁନିଆ ଗୋଲ
ଦଓନ ସ୍ତଢରେ

ଅଶରିସ୍ତର କାରସାଦ ୧ମ ଓ ୨ୟ ଭାଗ
ମିଡ୍ନାଇଟ୍ ହୋଟେଲ
ବାଲିହଁଡ଼ି

ଜନ୍ମମାଟି

★

280
17 JUL 1959

ଅଶ୍ରୁ, ବନ୍ଧୁ ଏ ନୁହେଁ ସେ ସିନ୍ଧୁ ଏ । ପ୍ଲାବନୀ ପୋଛି-ଦେଲା । ଅଁଖିଲ ତା'ର ସିକ୍ତ, ହୃଦୟ ତାର ଦଗ୍ଧ, ପ୍ରାଣ ତା'ର ଉଦ୍‌ବେଳ । ମୁହଁର ଭାଷା ଜମି ଯାଇଛି । ହୃଦୟର ଆବେଗ ଜମି ଯାଇଛି, ପ୍ଲାବନର ଉଚ୍ଛ୍ୱାସ ଦମି ଯାଇଛି । ସେ ଶାନ୍ତ, ସ୍ଥିର ଅଚଞ୍ଚଳ ।

ତମ ଆଖିରେ ଅଶ୍ରୁର ଜମକ ? ମୁଁ ହସିବ ନା କାନ୍ଦିବ ? ବିଭୋର ହେବ ନା ଅଧୀର ହେବ ? ନିସ୍ତବ୍‌ଧତା ଯେ ମୋତେ ବିଜସ୍ତ୍ରା କରି ପକାଉଛି ଅଭି !

ଅଭିରାମ ଆଖି ଖୋଲିଲା । ସକାଳର ଲାଲସୂର୍ଯ୍ୟ ଏଇମାତ୍ର ବିକଶିତ । କିରଣର କଅଁଳ ଶିଖା ବନୀ ମୁହଁରେ ରକ୍ତିମ ଆଭା ବିକଚେଇଛି । ଶାନ୍ତ ସ୍ଥିର ପୃଥିବୀ, ବିଭ୍ରାନ୍ତ ବିକଳ ମନ, ଅନ୍ତେ-ଜନର ତରଙ୍ଗ ସହିତ ବନୀର କଣ୍ଠସ୍ୱର ଆହୁରି ଛନ୍ଦମୟ, ଆହୁରି ଦୁର୍ଭେଦ୍ୟ, ଆହୁରି ଦୁର୍ଜ୍ଞେୟ ।

କେତେବେଳେ ଆସିଲା ବନୀ, ଆସିବାରତ କଥା ନ ଥିଲା । ଏଇ ଟିକକ ଆଗରୁ ହଠାତ୍ ଚାଲି ଆସିଲା । ମନ କାହିଁକି

ଖାପିଲନି ମୋଟେ, ସବୁବେଳେ କ'ଣ ଗୋଟାଏ ହଜେଇଲା ପରି ମନେ ହେଲା ।

ଅନ୍ୟମାନେ ?

ଅଛନ୍ତି, ରହିଲେ ।

ତୁ ?

ଫେରିଗଲି । ବାପାଙ୍କ ଦେହ ଭଲନାହିଁ, ମା ହଇରାଣ ହେଉଛନ୍ତି । ଛାଡ଼ୁ ନ ଥିଲେ । ମୁଁ ବାଧ୍ୟ କଲି ।

କାହିଁକି ଆସିଲୁ, କିଛି ଜରୁରୀ କାମଥିଲା ?

ନା ।

ତେବେ ?

ଏମିତି ।

କେବେ ଯିବୁ ?

କାଲି ସଂଧ୍ୟା ସୁଦ୍ଧା ପହଞ୍ଚିବାକୁ କଥାଦେଇ ଆସିଛି ।

ଭଲ । ଅଭିରାମର ନାକରୁ ଦୀର୍ଘଶ୍ୱାସଟିଏ ବାହାରି ମିଳେଇ ଗଲା । ବିନି ଅନୁଭବ କଲା, ହୃଦର ପ୍ରବାହସ । କିନ୍ତୁ କାହିଁକି ? କାହିଁକି ଏ ଶୋଚନା, କାହିଁକି ଏ ମନସ୍ତାପ ? କାହିଁକି ହୃଦକୁ ଏ ସ୍ୱଗତିକା ? ଦୁନିଆ କ'ଣ ଦେବ ଅଭିକୁ ? ଅଭି କ'ଣ ବା ଆଶାକରେ ଦୁନିଆ ଠାରୁ ? ବହୁ ଚେଷ୍ଟା କରିଛି, ବହୁ ନିବେଦନ ଅବେଦନ କରିଛି, ଯାହାର ସନ୍ତୋଷ ଜନକ ଉତ୍ତର କେବେ ଦେଇନି ଅଭି । ଅଭି ତା'ର ଅନ୍ତରଙ୍ଗ, ଅଭି ତା'ର ପ୍ରିୟ, ଅଭି ତା'ର ଶୁଭକାଂକ୍ଷୀ । ବାସ୍ ଏତିକି, ଅଭି ତେଣିକି ଅଗେଇ ପାରିନି ବିନି । ଏ ସବୁ ପରେ ବି ଅଧିକ କେତୋଟି ସ୍ତର ଅଛି ଆତ୍ମୀୟତାର । ବିନି ଦୁଆର ଠେଲି ପଶିବାକୁ ଚେଷ୍ଟା କରିଛି ଅନେକ ଥର, ଯତ୍ନ କରିଛି ନାନା ଭାବରେ,

ବ୍ୟସ୍ତ ହେଉଛି । ଅଗେଇ ପାରୁନି, ଖୋଲି ପାରୁନି ସେ ଲୁହାର କବାଟ । ଭେଦ ପାରୁନି ସେ କଠିନ ସ୍ତର । ଯାଏ ଅସେନା କିଛି ସେଥିରୁ, ତଥାପି ଅଭି ତାର ପ୍ରିୟ, ଅଭି ତାର ଆତ୍ମୀୟ, ଅଭି ତାର ଅନ୍ତରଙ୍ଗ ।

ଧୀରେ ସୂର୍ଯ୍ୟର କଅଁଳ ରଶ୍ମି କ୍ଷୀଣ ହେଉଛି । ଅଭିରାମର ତପ୍ତଶ୍ୱାସ ଉତ୍ତପ୍ତ ହେଉଛି । ମୁଣ୍ଡରେ ଉଇଁସି ଖୋଳୁଛି ଦୁନିଆଟା । ଆଖି ଆଗରେ ବନ । ଉଦ୍‌ବେଳ, ଉତ୍ତାଳ । ପାଗଳୀଟା । ଗ୍ରହର ବାଲି ଉପରେ ପାଦ ଥାପିଛି । ନିରସ୍ତ କଲେ ବି ପରାସ୍ତ ହେଉନି । ଆଗେଇବାର ସ୍ୱପ୍ନ ନେଇ ଯୁଗ୍ମରେ । ମୋହାବିଷ୍ଟା । ଠକିଯିବ । ପାଦ ଠାକିବନି ଗ୍ରହବାଲି ଉପରେ । କିନ୍ତୁ କାହିଁକି ଏ ମୋହ ?

ସମର ପଶି ଆସିଲା କବାଟ ଆଡେଇ । ଦମକା ତୋଫାନ ପରି । ଥମକି ଗଲା ପ୍ରଥମେ । ଅଭିରାମର ମୋହ କଟିଗଲା । ଭୁଲି ଅନେଇଲା ସମରର ତରଙ୍ଗାୟିତ ଗୃହାଣୀ ଆଡ଼େ । ଆଗେଇବ କି ପଛେଇବ । ଦ୍ୱନ୍ଦ୍ୱ ସମାସ ଧନ୍ଦାରେ ଧନ୍ଦ ହେଉଛି ବିଚରା । ନୁଖୁରା ବାଳ କେରାକ ଫୁରୁ ଫୁରୁ ଉଡୁଛି—ହାତରେ ଗୋଟାଏ ମୋଟାବହି । ବୋଧହୁଏ କୌଣସି ସମସ୍ୟାର ସମ୍ମୁଖୀନ ହେଉଛି ସେ । ଅଭିରାମ ଭିତରକୁ ଡାକିଲା ।

ସମର ବସିଲା ଖଣ୍ଡେ ଚେୟାର ଉପରେ । ପ୍ଲାବନୀ ମୁହଁରୁ ଆଖି ଫେରାଇ ଅଭିରାମ ମୁହଁରେ କମାଟ ବାନ୍ଧିଲା । ଶାନ୍ତ, ଗମ୍ଭୀର । ସମସ୍ତେ ନୀରବ । ସମର ଆରମ୍ଭ କଲା,

କ୍ଷମା କରିବେ ଅଭିରାମ ବାବୁ, କୌଣସି ଗୁରୁ ସମସ୍ୟାର ସମାଧାନ ପୂର୍ବରୁ ମୁଁ ଆସି ନିଶ୍ଚୟ ବାଧା ସୃଷ୍ଟି କଲି । କିନ୍ତୁ ଭାବିବେ ନାହିଁ । କେବଳ ପଦେ କଥାର ଉତ୍ତର ଲୋଡ଼ା ।

ତା'ପରେ ଗୁଳି ଯିବ । ପ୍ରାର୍ଥନା ଦେବା ମଧ୍ୟ ମୋର ଏହି ଅନଧିକାର ଚର୍ଚ୍ଚା ପାଇଁ କ୍ଷମା ଦେବେ ବୋଲି ଆଶା କରୁଚି । ସମର, ବନ୍ଧୁକଟିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଙ୍ଗୁଠି ମାଡ଼ି ପଢ଼ିବାକୁ ଆରମ୍ଭ କଲା,

'ପଙ୍ଗପାଳ ଦଳ ଆକାଶ ମାର୍ଗରେ ଉଡ଼ି ଯାଆନ୍ତି, ଦେଶରୁ ଦେଶାନ୍ତରକୁ । ଅଗଣିତ ସେମାନଙ୍କର ସଂଖ୍ୟା, ଅକଳନ ସେମାନଙ୍କର ପଂକ୍ତି, କିନ୍ତୁ କ'ଣ ହେବ ? ମଣିଷ ରଚିତ ମାରଣାସ୍ତ୍ର ସେମାନଙ୍କର ଦର୍ପ ଚୁରିଦିଏ, ଦଳଭାଙ୍ଗି ଦିଏ । ଶେଷରେ ସେମାନେ ମୃତ୍ୟୁ ବରଣ କରନ୍ତି । ଚତୁରର ଚାତୁରୀ ତଳେ ସବୁ ଶକ୍ତି କ୍ଷୀଣ ହୋଇ ଯାଏ, ଏପରି କି ଚୂର୍ଣ୍ଣ ହୋଇ ଯାଏ । କିନ୍ତୁ ବଞ୍ଚିରୁହେ ଚତୁର ।'

ସମର ହୋ ହୋ ହୋଇ ହସି ଉଠିଲା । ବନ୍ଧୁଠାକୁ ବନ୍ଦ କରିଦେଇ ପ୍ରାର୍ଥନା ଆଡୁ ଗୋଟାଏ ଦର୍ପିତ ଚାହାଣୀ ଫେରେଇ ଆଣି, ସମର ପୁଣି ଆରମ୍ଭକଲା, କାଲିର ଥିଓରୀଟାକୁ ମୋର ନାକଚ କରି ଦେଇଥିଲେ, ଆଜି ପାଇଲେ ତା'ର ପ୍ରମାଣ ! ଏକଦମ୍ ଅକାଟ୍ୟ ପ୍ରମାଣ । ସମର ପୁଣି ହୋ ହୋ ହୋଇ ହସି ଉଠିଲା ।

ଅଭିସମର ତନ୍ଦ୍ରା ସେତେବେଳ ଯାଏ କଟିନାହିଁ । ଝଡ଼ କମି ନାହିଁ । ଚଳ ଚଞ୍ଚଳ ଭାବନା ଲହରୀ ଉପରେ ବାଲି ବନ୍ଧଟିଏ ପକାଇବାର ଚେଷ୍ଟା କରି କହିଲା,

ତମେ ଭୁଲ୍ କରନି ସମର । ତଥାପି ପଙ୍ଗପାଳର ଆକ୍ରମଣ ଆଶଙ୍କାରେ ମଣିଷ ଆତଙ୍କିତ ହୁଏ । ସେମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଆୟୋଜନ କରେ । କିନ୍ତୁ ପଙ୍ଗପାଳ

ଦଳ !  ମରଣର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ବି ସେମାନେ ଧ୍ୱଂସର ସ୍ୱପ୍ନ ଦେଖୁଥାଆନ୍ତି ।

ତା' ବୋଲି ଧ୍ୱଂସକାଙ୍କ୍ଷୀ ବାତାବରଣକୁ କ'ଣ ଆମେ ପ୍ରଶ୍ରୟ ଦେବା ?

ମୁଁ ତ ସେକଥା କହୁନାହିଁ ।

ଆଉ କ'ଣ ଆପଣ କହୁଛନ୍ତି ?

ମୋ କଥା ତମେ ବୁଝି ପାରିବ ନାହିଁ ସମର । ମୁଁ ଚାହୁଁଚି ପଙ୍ଗପାଳ ଦଳର ମୂଳଚ୍ଛେଦନ । ମାନେ ସେମାନଙ୍କୁ ଏପରି ଭାବରେ ନିପାତ କରିବାକୁ ହେବ ଯେ, ଯେପରି ସେମାନେ ଆଉ ଏ ପାଣି ପବନରେ ଡିମ୍ବ ଫୁଟେଇ ଛୁଆ ଜନ୍ମେଇ ପାରିବେନି । ତା ନ ହେଲେ ଘଣ୍ଟା ପରେ ଘଣ୍ଟା, ଦିନ ପରେ ଦିନ, ସେମାନେ ମାଡି ଆସିବେ ଆତଙ୍କ ସୃଷ୍ଟି କରି ।

ଚମତ୍କାର !  ଚମତ୍କାର ବିଶ୍ଳେଷଣ ଅଭିରାମ ବାବୁ । ମୁଁ ତ ସେଇକଥା କହୁଚି, ବରଂ ଧନୀ ହୋଇ ଦଶଜଣ ବଞ୍ଚନ୍ତୁ ।  କିନ୍ତୁ ଗରିବ ହୋଇ ଲକ୍ଷେ ଜଣ ନ ବଞ୍ଚନ୍ତୁ ଏ ଦେଶରେ ।  ନର୍ଦ୍ଦମା ପୋକପରି ସାଲୁ ବାଲୁ ହୋଇ ମରିବା ଅପେକ୍ଷା ସାତ ମହଲା ଉପରେ ଶୀତାତପ ନିୟନ୍ତ୍ରିତ ଯନ୍ତ୍ର ବସେଇ, ଦୁଗ୍ଧ ଫେନନିଭ ଶେଯରେ ଶୋଇ, ସୁଖ ଆଉ ସାକାର ସ୍ୱପ୍ନ ଦେଖିବା ରୁଚିର ନୁହେଁ କି ?  କି ସ୍ୱାଦୁ ଅଛି ନିପିଡ଼ିତ ଜୀବନରେ ?  ରୋଗ, ଶୋକ, ଭୋକ ଯାହାର ଜୀବନ ଯାତ୍ରାର ପାଥେୟ, ସେ ତ ଅକାଳେ ସକାଳେ ଥାନ ଅଥାନରେ ଟଳି ପଡ଼ିବ ।  ଆଉ ପଡ଼ିବା ମଧ୍ୟ ଉଚିତ ।  ଆପଣ ମତ ପରିବର୍ତ୍ତନ କରନ୍ତୁ ଅଭିରାମ ବାବୁ । ଦେଖିବେ ଆପଣଙ୍କ ଭଳି ଜଣେ ବିଚାରବାନ ପୁରୁଷ ପାଇ ଧନୀକ

ସମାଜ ଚେଇଁ ଉଠିବ । ମୁଁ ଯାଉଛି । ଆପଣ ମୋ କଥା
ବିଚାର କରନ୍ତୁ ।

ସମର ସନ୍ଦେହ । ମନରେ ଉଠିଗଲା । କିନ୍ତୁ ଅଭିରାମର
ସେ ଆଡେ କାନ ଥିଲା କି ନାହିଁ ସେଇ ଜାଣେ । ସେ କିନ୍ତୁ
ପୂର୍ବର ଭାବନା ସହିତ ଯୋଗସୂତ୍ର ସ୍ଥାପନ କରିବା ପାଇଁ ଚେଷ୍ଟା
କରୁଥିଲା ।

ପ୍ଲାବନୀ ମଉଜନ । ଅଭିରାମକୁ ସେ ଚିହ୍ନିଚି ଭଲକରି ।
ପରଖିଛି କଷଟି ପଥରରେ । ସେ କାହାରି ନୁହେଁ, ପୁଣି ସଭିଙ୍କ
ପାଇଁ ତା' ଆଖିରୁ ଲୋତକ ଝରେ । ସେ ଶାନ୍ତ, ସ୍ଥିର,
କୋମଳ, ପୁଣି ପ୍ରଚଣ୍ଡ, ଦୁର୍ବାର, ଉଦ୍‌ବେଳ । ସମସ୍ୟାର ଛିନ୍ନ
ପତ୍ର ତା' ଲେମେ ଲେମେ, କିନ୍ତୁ ସମାଧାନର ଶୁଷ୍କ ପତ୍ରଟିଏ ବି
ଝରେନା ତା' ମାନସ ବୃକ୍ଷରୁ ।

ଅଭିରାମ ସଜ ହୋଇ ବସିଲା । ସମସ୍ୟାର ଅନ୍ତୁଆ ତାରରୁ
ଖିଏ ଛିଡ଼ିଗଲା ବୋଧେ ଝଣ୍ ଝଣ୍ ହୋଇ ।

ସିଧା ଘରଠୁ ଏଇଠିକି ଚାଲି ଆସିଚୁ ବୋଧେ ।

ହଁ, କିନ୍ତୁ ତମେ......

ଆରେ ହଁ ବନି ! ଗୋଟାଏ ଶୁଭ ସମ୍ବାଦ ତତେ
ଦେଇନି, କାଲି ସ୍ଥିର କରି ନେଇଛୁ ବି, ଏ, ପରୀକ୍ଷାଟା ଆଉ
ଦେବିନାହିଁ ।

ଅଭିରାମ ଲକ୍ଷ୍ୟ କରିଥିଲା ବନିର ମୁଖ ଭଂଗୀକୁ । ଆଶା କରି-
ଥିଲା ବହୁତ । କିନ୍ତୁ ନିରାଶ ହେଲା । ସେମିତି ଅପରିବର୍ତ୍ତିତ
ଧୀର, ସ୍ଥିର ସେ ଗୃହିଣୀ । ଥରଟିଏ ଖାଲି ଆଖିପତା ଯୋଡ଼ିକ
ନାଚିଗଲା ଏକ ସମୟରେ ।

ତମେ ଯାହାକୁ ଶୁଭ ବୋଲି କହୁଚ, ମୁଁ ତାକୁ ଅଶୁଭ

ବୋଲି ମଣୁନାହିଁ । ତେବେ ତମ ଡ଼ିଗ୍ରୀ ହାସଲର ପ୍ରବଳ ଆକାଂକ୍ଷା ତଳେ ମୋ ଉତ୍ସାହ ଜଳି ରହିଥିଲା । ଅଭ ନିହାତି ଡ଼ିଗ୍ରୀଟାଏ ବି ଦରକାର ଥିଲା ତମ ଜୀବନରେ ।

ଏକ ସମୟରେ ମୁଁ ତାର ପ୍ରୟୋଜନ ଉପଲବ୍ଧି କରୁଥିଲି କିନ୍ତୁ ଆଜି ଆଉ ପ୍ରୟୋଜନର ଆବଶ୍ୟକତା ଖୋଜି ପାଉନି । ଯା' ହେଉ ସଂବାଦଟା ତୋ ପ୍ରାଣରେ ପ୍ରତିକ୍ରିୟା ସୃଷ୍ଟି କରିନି ଜାଣି ଖୁସି ହେଲି । ଆରେ ହଁ, ବାପାଙ୍କ କଥାତ ପଚାରିବି ନାହିଁ, କେମିତି ଅଛନ୍ତି ସେ ?

ଟିକିଏ ସର୍ଦ୍ଦିଜର ହେଇଥିଲା,ଅପେକ୍ଷାକୃତ ଭଲ ଅଛନ୍ତି ।

ତା' ହେଲେ ସବୁ ଭଲ ନା ?

ହଁ ଚଳି ଯାଉଛି ।

ତୋର ମୁଁ ମନେ ଅଛି ଜାଣି ସୁଖୀ ହେଲି ।

କିନ୍ତୁ ମୋତେ ଭୁଲି ଯାଇଥିଲେ ଅଧିକ ଖୁସି ହୋଇ ଥାଆନ୍ତି । ଭୁଲିବାକୁ ଯେତେବେଳେ ସେକଥା ଆଉ ଉଠେଇ ଲାଭ ନାହିଁ । ତା'ପରେ ଏଇଫିଣା ଫିରୁ କୁଆଡେ ?

ବିଜୟର ହସିବାକୁ ମନ ହେଉଥିଲା । ଏତେ ବାଧା ଏତେ ବିପର୍ଯ୍ୟୟକୁ ଯେ ଗୋଡ଼ରେ ମକଚି ଧାଇଁ ଆସିଛି ଯାହା ପାଇଁ, ପଦେ କଥା, ଟିକେ ସାନିଧ୍ୟ ଲୋଡ଼ିଛି ଯାହାଠାରୁ; ତା' ଠାରୁ ଏମିତିଆ କଥା ଶୁଣି ଅନ୍ୟକେହି ହୁଏତ ସେହି ମୁହୂର୍ତ୍ତରେ ଛୁଟି ପଳାଇ ଥାଆନ୍ତା—କିନ୍ତୁ ବିଜୟ କେବଳ ପ୍ରାଣଭରି ହସିବାକୁ ଚାହୁଁଥିଲା । ବହୁ କଷ୍ଟରେ ସେ ଉତ୍ତର ଦେଲା—

କିଛି ଠିକଣା ନାହିଁ । କହିବ ଯଦି କୌଣସି ଭଦ୍ରଲୋକଙ୍କ ଘରୁ ଯାଇ ଗାଧୋଇ ପାଧୋଇ ଆସିବି ।

ଆରେ ନା, ମୁଁ କ'ଣ ତା' କହୁଚି । ତୁ ଯଦି ଏକାନ୍ତ

ମୋର ପାଖକୁ ଆସି ଥାଅ, ତେବେ ଗୃଲ ଯିବାଟା ଅବଶ୍ୟ ମୋତେ ଜାଣା ହେବ । ଏଇଠାରେ ରହିପାରୁ । କିନ୍ତୁ ଜାଣୁଛ ! ଏଇଟା ଗୋଟାଏ ମେସ୍ ! ସ୍ତ୍ରୀ ଲୋକ ମାନଙ୍କ ପାଇଁ କୌଣସି ବିଶେଷ ବ୍ୟବସ୍ଥା ନାହିଁ ।

ଅନେକ ଦିନରୁ ସେ କଥା ଜାଣିଛି ଅଭି ! ଭାବୁଛି କ'ଣ ମାସ ଗୃରିଟା ହେବ ମୁଁ ଏଠା ଛାଡ଼ି ଗୃଲିଗଲି ବୋଲି ସବୁ ଭୁଲି ଗଲି ?

ମୁଁ ତା'ତ କହୁନି ବିନା ! ସବୁବେଳେ ତୋ'ର ମୋ ପ୍ରତି ଖାଲି ଗୋଟାଏ ଭୁଲ୍ ବୁଝାମଣା । ଆରେ ତୁ ଥିଲୁ ସିନା ଆମର ପଡ଼ୋଶୀ ହୋଇ, କେବେ ଅତିଥି ହୋଇ ନଥିଲୁ ତ ! ଅଜି ନୂଆ ଅଧ୍ୟାୟର ଆରମ୍ଭ ବିନା ! ଆଚ୍ଛା, ମୁଁ ଚେଷ୍ଟା କରୁଛି ସମ୍ଭାଳି ନେବାକୁ ।

ପ୍ଲାବନୀ ଧୈର୍ଯ୍ୟ ଧରି ପାରିଲା ନାହିଁ । ସବୁବେଳେ ଅଭିର ଇମିତିଆ ଅସଙ୍ଗତ ଯୁକ୍ତି । କଥାର ବାଙ୍କ ବୁଲେଇବାକୁ ପ୍ଲାବନୀ ଚେଷ୍ଟାକଲା

ମୁଁ ବାପାଙ୍କୁ କହିଥିଲି ଅଭି !

କିନ୍ତୁ ମୁଁ ତ ମା'ଙ୍କୁ ପଗୃରିନି ବିନା ! ଅବସର କ'ଣ ଟିକେ ମିଳୁଛି ଏ ଜଞ୍ଜାଳିଆ ଜୀବନରେ ! ଅନ୍ତତ ସୁବିଧା ଦେଖି ଓଡ଼ା ପାଇଁ ଥରେ ମା'ଙ୍କୁ ପଗୃରିବାକୁ ଚେଷ୍ଟା କରିବି ।

ଅଭି !

ପ୍ଲାବନୀର ଆଖି ଜଳି ଉଠିଲା । ସ୍ୱରରୁ ବଜ୍ର ବାଟୁଳୀ ଖସିଗଲା ଯେମିତି ! ଅଭି ସ୍ତବ୍ଧ ହୋଇଗଲା !

ମୁଁ କ'ଣ ସେକଥା କହୁଚି ଅଭି ! ଥରେ ପଗୃରି ଯେଉଁ

ଶିକ୍ଷା ପାଇଛି ଆଜ ଜୀବନ ଭିତରେ ଦ୍ୱିତୀୟ ଥର ପ୍ରଶ୍ନ କରିବାର ଦୁଃସାହସ କରିବି ନାହିଁ ।

ଓଃ ! ତା'ହେଲେ ବିବାହ ପ୍ରସଙ୍ଗ ନୁହେଁ । ତେବେ କ'ଣ ପଚାରୁଥିଲ ବାପାଙ୍କୁ ?

ତମ ଚାକିରି କଥା ।

ବାପା କ'ଣ କହିଲେ ?

ମିଲ୍ ଅଫିସରେ ଗୋଟାଏ ଭଲ ପୋଷ୍ଟ ଖାଲି ଅଛି । ତମେ ରାଜି ହେଲେ......

ତୁ ବୋଧହୁଏ ସେଇଥି ପାଇଁ ଛୁଟି ଆସିଚୁ, ଏଥର ତତେ ବାନ୍ଧି ନେଇ ଯାଇ ବେକରେ ଗୋଲାମୀ ଫାନ୍ଦଟା ଗଳେଇ ଦେବୁ ।

ତମ ଅନୁମାନଟା ମିଥ୍ୟା ନୁହେ ।

ଶୁଣି ଖୁସୀ ହେଲି ବିନି । ତୁ ଯେ ମୋର ଉନ୍ନତି ପାଇଁ ପ୍ରାଣପାତ କରି ଲାଗି ପଡ଼ିଚୁ ସେଥି ପାଇଁ ଆଜିର ଏଇ ଶୁଭ ମୁହୂର୍ତ୍ତରେ ତୋତେ ବଧେଇ ନ ଜଣେଇ ରହି ପାରୁ ନାହିଁ । କିନ୍ତୁ କାହିଁକି ବିନି, କାହିଁକି ମୋ ପାଇଁ ଏତେ ଦରଦ ? ମୁଁ ତ ତତେ ଅନେକ ଦିନରୁ କହିଚି ମୋ ବାଟ ତୋ ବାଟ ଗୋଟାଏ ନୁହେ । ମୋ ପାଦର ତାଳ ସହିତ ତୁ ତାଳ ମିଳେଇ ପାରିବୁ ନାହିଁ । ତଥାପି ମୋ ଉପରେ କାହିଁକି ଏ ଅତ୍ୟାଚାର ?

ଅଭି ! ଅତୀତ ଅଡ଼େ ଥରେ ଚାହିଁ । ତେବେ ସବୁ କ'ଣ ଥିଲା ଗୋଟାଏ...

ପ୍ରହେଳିକା ବିନି, ପ୍ରହେଳିକା । ସେତେବେଳେ ଭବିଷ୍ୟତର ଧୂସର ମରୁକୁ ତୁ ତୋ ପଣତ ଅନ୍ତୁଆଳରେ ଲୁଚେଇ ରଖିଥିଲୁ । ଆଶାର ସ୍ୱପ୍ନ ସୌଧ ତୁ ଗଢି ଥୋଇଥିଲୁ ଆଖି ଆଗରେ । ଆଜି ଅନ୍ଧ ପୁଟୁଳି ଖୋଲି ଯାଇଚି ଆଖିରୁ । ମୁଁ

ବାସ୍ତବର ସଙ୍ଗ ପଥରେ ଓହ୍ଲେଇ ଦେଖୁଚି କେବଳ ମରୁପ୍ରାନ୍ତର । ଧାଉଁଚି, ଦେଖୁଚି ମରୀଚିକାର ତାଣ୍ଡବ ନୃତ୍ୟ । ତୁ ଫେରିଯା ବନ୍ଧୁ । ଫେରିଯା ତୋର ଐଶ୍ୱର୍ଯ୍ୟର ନନ୍ଦନ କାନନକୁ । ମୁଁ ପଡ଼ିରହେ ଅବହେଳିତ, ପଦ ଦଳିତ ଏହି ଦୀନ ଦୁନିଆର ଅନ୍ଧକାର ଗହ୍ୱରରେ ।

ଅଭି !

ହଁ, ହଁ, ଶନି ! ଏଇ ନିର୍ଲଜ୍ଜ ବୁନିଆଦ ଭିତ୍ତି ଉପରେ ପାଦ ଥାପି ମୁଁ ଯେତେବେଳେ ତଳକୁ ଚାହୁଁଚି କ'ଣ ଦେଖୁଚି ଜାଣୁ ? ଦେଖୁଚି କେବଳ ପଙ୍ଗପାଳ ଦଳର ପଂକ୍ତି । କିନ୍ତୁ ସେମାନଙ୍କୁ ଯେ ନିପାତ କରିବାକୁ ହେବ ! ନୋଇଲେ ବୁନିଆଦ୍‌ର ଭିତ୍ତିମାଟିକୁ ସେମାନେ ଚୁଖୁ ଚୁଖୁ ଚୁଖି ଦେବେ । ଅଭିଜାତ୍ୟର ବଡ଼େଇ ନିମିଷକେ ଧ୍ୱଂସ କରି ଦେବେ । ସେମାନେ କ୍ଷୁଧାର୍ତ୍ତ, ସେମାନେ ଆର୍ତ୍ତ, ସେମାନେ ଅନାଦୃତ । ଗୁଳି, ବନ୍ଧୁକ, ତୋପ କମାଣର ଅସ୍ଫାଳନ ସେମାନଙ୍କ ପାଖରେ ବ୍ୟର୍ଥ ହେବ । ଦଳ ପରେ ଦଳ ଆସି ସ୍ଥାନ ପୂରଣ କରିବେ । ସେମାନେ ଯେ ରକ୍ତବୀର୍ଯ୍ୟ । ସଭ୍ୟ ସମାଜର ରକ୍ତ ଚୋଷି, ମାଂସ ଭକ୍ଷି ଅସ୍ଥି ସାର କରି ଦେବେ । ସଭ୍ୟତା ପୃଥିବୀ ଇତିହାସରୁ ପୋଛି ହୋଇ ଯିବ । ଆଜି ଅଭିଜାତ ସଂପ୍ରଦାୟର ଘଣ୍ଟି ସନ୍ଧ ବେଳ । କିଏ ତାଙ୍କୁ ବଞ୍ଚେଇବ ଏ ଦୁର୍ଦ୍ଦିନରୁ ?

ଦୁର୍ଦ୍ଦିନ ! ପରର ଦୁର୍ଦ୍ଦିନକୁ ଆଖି ଆଗରେ ଥୋଇ ନିଜର ଦୁର୍ଦ୍ଦିନକୁ ଡାକି ଆଣନାହିଁ ଅଭି ! ମୋ କଥା ମାନି ଚାଲିଆସ । ପଙ୍ଗପାଳ ମାନଙ୍କର ମୃତ୍ୟୁ ସୁନିଶ୍ଚିତ । ସେ କେବେ ଏହି ସଭ୍ୟ ଜଗତରେ ବଞ୍ଚି ପାରିବେ ନାହିଁ । ସେମାନଙ୍କ ନିପାତ

ପାଇଁ ବିଜ୍ଞାନ ଆଜି ବହୁ ଅସ୍ତ୍ର ପ୍ରସ୍ତୁତ କଲାଣି । ତେବେ ବିଜ୍ଞାନକୁ ଝିପି ପାରିବ ନାହିଁ ।

ଅଲବତ୍ ! ଅଲବତ୍ ପ୍ଲାବନା ଦେବା । କେହି ସେମାନଙ୍କୁ ବନ୍ଧେଇ ପାରିବେ ନାହିଁ । ମୁଁ ସେଇ ଖବର ଅଭିରାମ ବାବୁଙ୍କୁ ଜଣେଇବାକୁ ଆସିଥିଲି । ଆଜିକାର ଖବର କାଗଜ ଦେଖିଲେଣି ଆପଣ ? ଅହମଦା ବାଦ ଲୁଗା କଳରେ ଷ୍ଟ୍ରାଇକ୍ କରିଥିଲେ ଶ୍ରମିକ ମାନେ । ଦାବୀ ପୂରଣ ନ କଲେ ମିଲ୍ ପୋଡ଼ି ଦେବାକୁ ଧମକ ଦେଇଥିଲେ ସେମାନେ । ଫଳରେ ଗୁଳି ଚାଲିଲା । କେତେ ମଲେ । କେତେ ଗଲେ । ଶେଷରେ ବନ୍ଧୁକ ସଙ୍ଗିରେ ମୀମାଂସା କରିବାକୁ ବସିଲେଣି । ମାଲିକ ଆଉ ଶ୍ରମିକ । ଏହାର ସମାଧାନ ନାହିଁ । ହୋଇ ପାରେନା । ଯୁଗ ଯୁଗର ଚଳନ୍ତି ରୀତି ଏ । କେହି ଭାଙ୍ଗିଦେଇ ପାରିବେ ନାହିଁ । ମାଲିକ ସବୁଦିନ ମାଲିକ ହୋଇ ରହିବ ଆଉ ଏଇ ଅନାହାରୀ ଶ୍ରମିକ ! ! ହାଃ...ହାଃ...ହାଃ...ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେବା ପାଇଁ ବିଜ୍ଞାନାଗାରରେ ନାନା ପ୍ରକାର ଗବେଷଣା ଚାଲିଛି । ସେମାନେ କ'ଣ ବୁଝନ୍ତି ? କ'ଣ ଜାଣନ୍ତି ?

ସମର ଏତିକ କହିସାରି ଆହୁରି ଥରେ ଖିଲ୍ ଖିଲ୍ ହୋଇ ହସି ଉଠିଲା । ହାତର ଖବର କାଗଜଟାକୁ ଟେବୁଲ ଉପରେ ଥୋଇ ଚେଆର ଟାଣି ବସିଲା ସଳଖ ହୋଇ । ଅଭିରାମ ମୁଣ୍ଡ ବାଳକୁ ଦୁଇ ହାତରେ ମୁଠା କରୁ କରୁ କହିଲା,

ତମେ କ'ଣ କହିବାକୁ ଚାହଁ ସମର ?

ନାଇଁ କିଛି ନୁହେଁ ଅଭିରାମବାବୁ । ଆପଣଙ୍କ ଯୁକ୍ତି ଉପରେ କେବଳ ଗୋଟିଏ ଛୋଟ ଯୁକ୍ତି । ମୁଁ କହିବାକୁ ଚାହୁଁଚି ଯେ ଆପଣ ଯେଉଁ ପଙ୍ଗପାଳ ଦଳଙ୍କ କଥା କହୁଛନ୍ତି,

ସେମାନଙ୍କ ନିପାତ ପାଇଁ ଅପଣଙ୍କ ବହୁ ପୂର୍ବରୁ ଚିନ୍ତାଶୀଳ ବ୍ୟକ୍ତିମାନେ ପ୍ରସ୍ତୁତ ହେଲେଣି ।

ତମେ ଭୁଲ କରୁଚ ସମର । ମୁଁ ତ ଧ୍ୱଂସ ଚାହୁଁନ, ମୁଁ ଚାହୁଁଚି ପରିବର୍ତ୍ତନ । ଯେଉଁ ଧ୍ୱଂସକାରୀ ସ୍ୱପ୍ନ ତମ ସଙ୍ଗୀନ ଅଜି ଦେଖୁଚି, ମୁଁ ଦେଖୁଚି ଠିକ୍ ତା'ର ଓଲଟା ସ୍ୱପ୍ନ । ପଙ୍ଗପାଳ ଦଳର ନିପାତ ମୁଁ ଚାହୁଁଚି ସତ, କିନ୍ତୁ ସେମାନଙ୍କର ଜୀବନ ନାଶ କରି ନୁହେଁ । ମୁଁ ଚାହୁଁଚି ସେମାନଙ୍କର ସ୍ୱଭାବର ପରିବର୍ତ୍ତନ । ସେମାନେ ବଞ୍ଚନ୍ତୁ, ସେମାନଙ୍କର ବଞ୍ଚିବାର ପ୍ରୟୋଜନ ଅଛି । କିନ୍ତୁ ସେମାନଙ୍କର ସ୍ୱଭାବ ଧ୍ୱଂସକାରୀ ନ ହୋଇ କଲ୍ୟାଣ କାରୀ ହେଉ, ଏୟା ମୁଁ ଚାହେଁ ।

ସମର ହସି ହସି ଗଡିଗଲା । ପ୍ଲାବନୀ କିନ୍ତୁ ଶୁଣୁଥିଲା ଧୀର ମନ ସ୍ଥିର ଚିତ୍ତରେ । ସମର ହସ ଥମେଇ କହିଲା,

ଶୁଣନ୍ତୁ ପ୍ଲାବନୀ ଦେବୀ, ଶୁଣନ୍ତୁ ଅଭିରାମ ବାବୁଙ୍କ ଥିଓରୀ । ସେମାନେ ବଞ୍ଚି ରହିଲେ ତ ଖାଦ୍ୟର ପ୍ରୟୋଜନ । ଭୋକିଲା ପେଟରେ କାହାର ସ୍ୱଭାବ ପରିବର୍ତ୍ତନ ହୁଏ ନାହିଁ ।

ଅଭିରାମ କେବଳ ଟିକିଏ ହସିଲା । ସମର ସବୁଦିନେ ଇମିତ ଜିଦ୍‌ଖୋର । ଯାହା ବୁଝିଥିବ ସେଇଆ । ତା' ନିଜର ପରିବର୍ତ୍ତନ ନ ହେବାଯାଏ ମତର ପରିବର୍ତ୍ତନ ହେବ ନାହିଁ ।

ତୁମେ ବର୍ତ୍ତମାନ ଯାଅ ସମର । ଅପେକ୍ଷା କର, ଆଉ ଦେଖ ପଙ୍ଗପାଳ ଠାରେ ଧ୍ୱଂସକାରୀ ପ୍ରବୃତ୍ତି ଯେତିକି ଅଛି । ସୃଜନ କାରୀ ପ୍ରତିଭା ତା' ଠାରୁ ବେଶି ଅଛି କି ନାହିଁ ଲକ୍ଷ୍ୟ କରିଯାଅ । ଆଜି ହଁ, ପ୍ଲାବନୀ ଦେବୀ ଅନେକ ବେଳରୁ ଆସିଲେଣି । ତାଙ୍କ ଚାହାପାଣି ଓ ଖାଇବା ବ୍ୟବସ୍ଥା ଟିକିଏ କରିଦିଅ ।

ପ୍ଲାବନୀ ଶୋଇଥିଲା । ଆଖିରେ ନିଦ ନାହିଁ । ଭାବନାର ବାତ୍ୟା ପିଟି ଚାଲିଛି ମୁଣ୍ଡ ଭିତରେ । ଅଭିରାମ ଗୋଟାଏ ନିର୍ବୋଧ, ଗୋଟାଏ ଶିଶୁ । ତାକୁ ସେ ପୋଷ ମନେଇ ପାରିଲା ନାହିଁ । କେତେ କୁହା ପୋଛା ପରେ ବାପା ରାଜି ହୋଇଥିଲେ ଚାକିରି ଖଣ୍ଡିଏ ଦେବା ପାଇଁ । ଶହ ଶହ ଟଙ୍କା ଉପାର୍ଜନ ହୋଇ ଥାନ୍ତା । କିନ୍ତୁ ବ୍ୟର୍ଥ ହେଉଛି ତାର ଭାବନା, ବୃଥା ହେଉଛି ତାର ଉଦ୍ୟମ । ତାକୁ ଫେରିବାକୁ ହେବ ନିରାଶ ହୋଇ । ହୁଏତ ଏଇ ତା' ଜୀବନର ପ୍ରଥମ ପରାଜୟ । ଅଭି ତାକୁ ବ୍ୟର୍ଥ କରିଛି । ଧ୍ୱଂସ କରିଛି ତା'ର ଭାବନାର ପିରାମିଡ୍ । ସେଥି ପାଇଁ ହୁଏତ ପ୍ଲାବନୀ କ୍ଷତ ବିକ୍ଷତ ହେଉଛି ଅନ୍ତର ମନରେ । ହୁଏତ ଅଭିରାମ ପ୍ରତି ତା'ର ସକଳ ସ୍ନେହ ମମତା ବରଫ ପରି ଧୀରେ ଧୀରେ ତରଳି ଯାଉଛି । ଅଭିରାମ ! ସାଧାରଣ ମଣିଷ ଜଣେ । ପ୍ଲାବନୀ ନିକଟରେ ଯାହାର କୌଣସି ତୁଳନା ହୋଇ ପାରେନା । ରୂପ, ଗୁଣ, ସଂପଦ, କେଉଁଠା କମ୍ ଅଛି ପ୍ଲାବନୀର ? ଯାହାର ହସ ପାଖୁଡ଼ାକୁ ଗୋଟେଇ ନେବାକୁ ଦେଶର ଲକ୍ଷ ଲକ୍ଷ ଯୁବକ ହାତ ପତେଇ ବସିଛନ୍ତି । ଅଥଚ ଅଭିରାମ......

ଅଭିରାମ ପଶି ଆସିଲା ଘର ଭିତରକୁ । ଦେହରୁ ଝାଳ ଥୋପି ପଡୁଛି । କ୍ଲାନ୍ତିର ଚିହ୍ନ ସମଗ୍ର ଅବୟବରେ । କିନ୍ତୁ ମୁଖ

ମଣ୍ଡଳ ଉଜ୍ଜ୍ୱଳ, ପ୍ରଦୀପ୍ତ । ଯେମିତ ଉତ୍ସାହର ଉଦୟ ଭାନୁ ଧୀରେ ଧୀରେ ବିକଶୁଚି । ପ୍ଲାବନୀ ନୀରବରେ ଶୋଇଛି । ଆଖି ଯୋଡ଼ିକ ମୁଦ୍ରିତ । କପାଳରେ ଚିନ୍ତାର ରେଖା ପରିସ୍ଫୁଟ । ଓଠ ଯୋଡ଼ିକ ରହି ରହି କମ୍ପି ଉଠୁଚି । ଅଭିରାମ ଚାହିଁରହିଲା ଦଣ୍ଡେ । ନେତ୍ର ଯୁଗଳରୁ ଦୁଇ ବିନ୍ଦୁ ଅଶ୍ରୁ ଝରି ଶୁଖି ଯାଇଚି । ମନଟା ତା'ର ନଇଁ ଆସିଲା ଧୀରେ । ରାଜ ଦୁଲାଳୀ ପ୍ଲାବନୀ । କ'ଣ ତାର ନାହିଁ ! ତଥାପି ସେ ବିଦଗ୍ଧା, ତଥାପି ସେ ବେଦନା ଜର୍ଜ୍ଜରିତା ! କିନ୍ତୁ କାହିଁକି ? -

ଅଭିରାମ ଭାବି ପାରିଲା ନାହିଁ । ତା'ର ସମସ୍ତ ଉତ୍ସାହ ଯେମିତ ମଉଳି ଆସିଲା । ବିଜୟୋନ୍ମତ୍ତ ଅଭିରାମ ଅପରାଧୀଟି ପରି ଠିଆ ହୋଇ ରହିଲା ପ୍ଲାବନୀର ଶେଯ ପାଖରେ । ପ୍ଲାବନୀର ନେତ୍ର ଯୁଗଳ କମ୍ପି ଉଠିଲା ଥରେ । ପୁଣି ମୁଦ ହୋଇଗଲା ପର ମୁହୂର୍ତ୍ତରେ । ସବୁ ଯେମିତ ଶାନ୍ତ, ଧୀର, ନିଷ୍ଚଳ ।

ଅଭିରାମ ପ୍ଲାବନୀର ମସ୍ତକରେ କମ୍ପିତ ହସ୍ତ ଥାପି ଡାକିଲା

ବନି !

ଉଁ ।

ରୁହି ଲୁ ମୋ ଆଡ଼େ ।

ନା ଅଭି ମୋତେ ବିରକ୍ତ କରନାହିଁ । ଅନ୍ଧକାର ଅଜି ମୋର ସବୁଠାରୁ ଅତି ପ୍ରିୟ । ତୁମେ ପାଟି କରନା ଅଭି । ମୁଁ ଟିକିଏ ଅନ୍ତଃ ଅରମରେ ଶୁଏଁ ।

କିନ୍ତୁ ବିଷାଦର କଳାମେଘ ଖଣ୍ଡେ ଯେ ଉଠେଇଛି ତୋ ମୁଖ ମଣ୍ଡଳରେ । ମୁଁ ସହିବି କେମିତ କହ ।

ତୁମେ ପାଷାଣ ଅଭି, ତୁମେ ମରୁ ପ୍ରାନ୍ତର । କଳା ମେଘର ସ୍ୱାଗତିକା ସଦା ତମ କଣ୍ଠରେ ଫୁଟିଥାଏ । ତମେ

ଗୃହାଁନ୍ତ ସୃଷ୍ଟିର ବିକାଶ । ବିନାଶର ତାଣ୍ଡବ ନାଚି ନାଚି ତମେ ଧାଇଁବୁଲ । ସୃଷ୍ଟି ନାଶ ହେଉ, ତାରି ଭିତରେ ମୁଁ ଧ୍ୱଂସ ହୋଇ ଯାଏ । ତମେ ଦେଖ, ହସ, ତାଳି ମାର, ସେଇଥିରେ ତ ତମର ଆନନ୍ଦ ।

ତୁ ଭୁଲ କରୁଚୁ ବିନା । ମଣିଷର ମତବାଦ ହୁଏତ ଗୋଟାଏ ହୋଇ ନ ପାରେ । ମୁଁ ଜାଣେ ତୁ ମୋର ପ୍ରିୟ, ସୁହୃଦ । ତେଣୁ ତୁ ଗୃହୁଁ ମୋର ମଙ୍ଗଳ । କିନ୍ତୁ କ'ଣ କରିବି କହ, ମତବାଦ ଯେ ମୋର ସ୍ୱତନ୍ତ୍ର । ତୁ ଯାହା ଗୃହୁଁ, ତୋ' ସହିତ ଯଦି ମୋର ମତବାଦର ସାମ୍ୟ ନ ରୁହେ, ତୁ ମୋତେ କହିବୁ ଧ୍ୱଂସର ଅବତାର । ମୁଁ ତୋତେ କହିବି ଅମଙ୍ଗଳର ପ୍ରତୀକ । ଏଥିରେ ଆମ ସମସ୍ୟାର ସମାଧାନ ହେବ ନାହିଁ । ଆଉ ଗୋଟିଏ କଥା ବିନା, ମୁଁ ଅଜି ତତେ ସ୍ପଷ୍ଟ କହିବାକୁ ଗୃହେଁ, କାରଣ ଭବିଷ୍ୟତରେ ହୁଏତ ଏତେ ନିକଟରେ କେବେ ଆଉ ପାଇବି ନାହିଁ । ଏଇ ଦୁନିଆରେ ବଞ୍ଚି ରହିବାର ଅଧିକାର ସମସ୍ତଙ୍କର ଅଛି, ମୋର ବି ରହିବା ସ୍ୱାଭାବିକ । ତେଣୁ ତୁ ମୋତେ ହତ୍ୟା କରନା ବିନା । ମୋର ଯଦି ପ୍ରକୃତରେ ମଂଗଳ ଗୃହୁଁ ତା ହେଲେ ତୁ ମୋ ପଥରୁ ଦୂରେଇ ଯା । ଏ ସଂଘର୍ଷ ତୋର ମୋର ନୁହେଁ—ଏ ସଙ୍ଘର୍ଷ ତୋ ମୋ ମତବାଦର । ମୁଁ ତୋତେ କହିବିନି ତୋର ମତ ପରିବର୍ତ୍ତନ ପାଇଁ । ତେବେ ଏତିକି କହିବି ଯେଉଁଦିନ ମୁଁ ଜାଣିବି ମୁଁ ଭୁଲ ପଥରେ ଧାଉଁଚି ଅଥବା ଯେଉଁଦିନ ତୁ ଅନୁଭବ କରିବୁ ତୁ ଭୁଲ ବାଟରେ ଆଗଉଚୁ ସେଇଦିନ ଯଦି ଆମ ଭିତରୁ କେହି ମତ ପରିବର୍ତ୍ତନ କରି ପାରିବା, ତା'

ତେବେ ସେତେବେଳେ ଅଜ ଏ ଅସମତା ରହିବ ନାହିଁ । ହୁଏତ ତୁମେ ତୁମକୁ ପାଇବା ଅତି ନିକଟରେ ।

ପ୍ଲାବନୀ ଧୀରେ ଧୀରେ ଆଖି ଖୋଲିଲା । ଯେମିତି ବାହାର ଦୁନିଆର ଜମକ ତାକୁ ଧିକ୍କାର କରୁଛି । ବାହାର ଦୁନିଆର ମଳକ ତା ପ୍ରାଣରେ ଘାର ଭୁଷୁଛି । ଅତି କଷ୍ଟରେ ସେ ଆଖି ଖୋଲି ଚାହିଁଲା ଅଭିରାମ ଆଡେ ! କିନ୍ତୁ କାହିଁକି ଆଖି ଖୋଲିଲା ପ୍ଲାବନୀ ! ନ ଖୋଲି ଥିଲେ ହୁଏତ ଶାନ୍ତିରେ ମୁହୂର୍ତ୍ତଟା କଟେଇ ପାରି ଥାଆନ୍ତା । କ'ଣ ସେ ଦେଖୁଛି ଆଖି ଆଗରେ ? ତା' ପ୍ରିୟ, ପ୍ରାଣ ପ୍ରିୟ ଅଭିର ଏକ ଅବସ୍ଥା ! ମୁଣ୍ଡର ବାଳ ଗୁଡ଼ାକ ଫୁଟୁ ଫୁଟୁ ହୋଇ ଉଡ଼ୁଛି । ମୁଖ ବିବର୍ଣ୍ଣ ! ପରିଧେୟ ଶତ ଛିନ୍ନ । ଅଙ୍ଗ ଅବୟବରୁ ଝର ଝର ରକ୍ତ ଝରୁଛି । ତଥାପି କଣ୍ଠରେ ତା'ର ସେଇ ପ୍ରଦୀପ୍ତ ସ୍ୱର । ମୁହଁରେ ସେହି ସ୍ଥିର ପ୍ରତିଜ୍ଞାର ଇଂଗିତ ।

ପ୍ଲାବନୀ ଚାହିଁ ପାରିଲା ନାହିଁ । ହୁଏତ ଆଜି ବି ଆଖି ଯୋଡ଼ିକ ତା'ର ଏତେ କଠୋର ଏତେ ନିଷ୍ଠୁର ହୋଇ ପାରି ନାହିଁ । ସେ ପୁଣି ଆଖି ମୁଦି ଦେଲା ।

ଅଭିରାମ ହସି ଉଠିଲା । ସତେ ଯେମିତି ଖଣ୍ଡ ଖଣ୍ଡ ଇଟା ଖସି ପଡ଼ି କୋଠାଟା ଧୂଳିରେ ମିଶିଯିବ । ସେ ହସର ପ୍ଲାବନରେ ପ୍ଲାବନୀ ଇତସ୍ତତଃ ହୋଇ ପଡ଼ିଲା । ତା'ର ମନେହେଲା ଯେପରି ପ୍ରଳୟର ରୁଦ୍ର ଅବତାର ଛୁଟି ଆସୁଛି କେଉଁ ପାଷାଣ ଗହ୍ୱରରୁ । ସେ ଆତଙ୍କିତ ହୋଇ ଉଠିଲା । ଚିତ୍କାର କରି ଉଠିଲା,

ମୋତେ ବଞ୍ଚାଅ ଅଭି. ମୁଁ ବଞ୍ଚିବାକୁ ଚାହେଁ ।

ଅଭିରାମ ପ୍ଲାବନୀର ମସ୍ତକରେ ହାତଥାପି ଶାନ୍ତ ଗଳାରେ କହିଲା

ମୁଁ ବି ସେଇଆ ଚାହେଁ ବନ୍ଧୁ । ତୁ ବଞ୍ଚ, ମୁଁ ବି ବଞ୍ଚେ । ଧ୍ୱଂସର ଅବତାର ମୁଁ ନୁହେଁରେ ପାଗଳୀ । ସୃଜନର ମୋହ ମୋ ରକ୍ତର ପ୍ରତି କଣାରେ । ତୁ ଶୋଇ ପଡ଼ । ଶୋଇ ଶୋଇ ନିଶ୍ଚିନ୍ତରେ ସ୍ୱପ୍ନ ସ୍ୱର୍ଗରେ ବିଚରଣ କର । ତୋର କେହି ଅନିଷ୍ଟ କରି ପାରିବେ ନାହିଁ । ଯେତେବେଳେ ନିଦ ଭାଙ୍ଗିବ, ସ୍ୱପ୍ନର ଅଞ୍ଜନ ଆଖି ପତାରୁ ଲିଭିଯିବ; ସେତେବେଳେ ତୁ ବାହୁଡ଼ି ଯିବୁ ତୋ ପଥରେ । ମୁଁ କିନ୍ତୁ ଏଇ ମୁହୂର୍ତ୍ତରେ ଚାଲିଯିବି ଏଠୁ । ଯାଉଛି ।

ସ୍ୱାବଣୀ କିନ୍ତୁ ଭିଡ଼ି ଧରିଲା ଅଭିରାମର ହାତକୁ ।

ନାଁ ତମେ ଯାଅନି ଅଭି । ଯାଅନି । ତମକୁ ଛାଡି ମୁଁ ବଞ୍ଚି ପାରିବି ନାହିଁ ।

ଅଭି ଅଳ୍ପ ଥରକ ପାଇଁ ଚଞ୍ଚଳ ହୋଇ ପଡ଼ିଲା । ସମଗ୍ର ଅବୟବରେ ତାର ବିଦ୍ୟୁତର କମ୍ପନ ଖେଳି ଗଲା । ପର ମୁହୂର୍ତ୍ତରେ ସେ ନିଜକୁ ସଂଯତ କରି କହିଲା—

ନା, ନା, ବନ୍ଧୁ । ତା' ହୁଏନା, ହୋଇ ପାରିବନି । ମୁଁ ଆଜି ଧନୀଙ୍କର ଶତ୍ରୁ । ଧନତନ୍ତ୍ରର ବାହୁ ଯୁଗ୍ମ ଯାଉଥିଲେ ଯେଉଁ ସରକାର ଆଶ୍ରୟ ନେଇଛି, ସେଇ ବକ୍ରଲୋଭୀ ସରକାରର ଲାଲ ଆଖି ମୋ ଉପରେ ପଡ଼ିଛି । ମୋ ଦେଶର ଲକ୍ଷ କୋଟି ଅନାହାରୀ, ନୀପିଡ଼ିତମାନଙ୍କ ପାଇଁ ଦାନା ସଂସ୍ଥାନର ବ୍ୟବସ୍ଥା କରିବାକୁ ଗଲେ ଏ ଦେଶର ଆଇନ୍ ଅମାନ୍ୟ କରାହୁଏ, ସରକାରଙ୍କ ଶୃଙ୍ଖଳା ଭଙ୍ଗ କରା ହୁଏ । ମୁଁ ଆଜି ସେଇ ଅପରାଧରେ ଅପରାଧୀ । ପୋଲିସ୍ ମୋ ପିଛା କରୁଛି । ମୋତେ କିନ୍ତୁ ବଞ୍ଚେଇବାକୁ ହେବ ମୋ ଦେଶର ଲକ୍ଷ ଲକ୍ଷ ବୁଭୁକ୍ଷୁ ମାନଙ୍କୁ । ସେଇଥି ପାଇଁ ଆଜ ମୁହୂର୍ତ୍ତେ ଏଠାରେ ଅପେକ୍ଷା

କରିବା ସମ୍ଭବ ନୁହେଁ । ମୋତେ କ୍ଷମା ଦେ ବନି ! ହୁଏତ ସ୍ତ୍ରୀ ଘରେ ମୋଠାରୁ ଆଉ କୌଣସି ଆଶା କରିବା ବାତୁଳତା ହେବ ।

ପ୍ଲାବନୀ ଉଠି ବସିଲା । ଆଖିରୁ ତା'ର ଲୁହ ଶୁଖି ଯାଇଛି । ମୁହଁରେ ତା'ର ଫୁଟି ଉଠିଛି ଏକ ଅପୂର୍ବ ଦୀପ୍ତି । ସେ ଆହୁରି ଜୋର୍‌ରେ ମୁଠେଇ ଧରିଲା ଅଭିରାମର ହାତକୁ ।

ଓଃ ତମେ ତା ହେଲେ ଆଜି ରାଜଦ୍ରୋହୀ । ଚମତ୍କାର ସୁଯୋଗ । ଏ ସୁଯୋଗର ଅସଦ୍‌ବ୍ୟବହାର କଲେ ମୋର ଅପରାଧ ହେବ । ମୁଁ ତୁମକୁ ଧନତନ୍ତ୍ର ବିରୁଦ୍ଧରେ ଅଭିଯାନ ରଚିବାକୁ ଆଜି ଆଉ ନିରାପଦରେ ଛାଡ଼ିଦେଇ ପାରିବି ନାହିଁ । ତୁମେ ରୁହ । ପୋଲିସ୍ ଆସୁ । ମୁଁ ତାଙ୍କ ହାତରେ ତମକୁ ଜିମା ଦେଇ ମୋ ମତର ବୈଜୟନ୍ତୀ ଉଡ଼ାଇବି ।

ବନି !

ନା, ନା ଅଭି, ଆଜି ଆଉ ମୁଁ କିଛି ଶୁଣିବି ନାହିଁ । ତମେ କାଲି ଥିଲ ମୋର ପରମ ଆତ୍ମୀୟ କିନ୍ତୁ ଆଜି ହେଇଛ ଚରମ ଶତ୍ରୁ । ତମେ ମତେ ଅନେକ ଦିନ ଧରି ଫାଙ୍କିଛ, ଆଜି ଆଉ ପାରିବ ନାହିଁ । ଆସ, ପୋଲିସ୍ ଏଠାକୁ ଆସିବା ଆଗରୁ ମୁଁ ତମକୁ ପୋଲିସ୍ ହାତରେ ଜିମା କରି ଆସେ ।

ପ୍ଲାବନୀ ଅଭିରାମର ହାତଧରି ଟାଣି ଟାଣି ବାହାରକୁ ନେଲା । ଅଭିରାମ ପ୍ରତିବାଦ କଲା ନାହିଁ । ସତେ ଯେପରି ସେ ଯାଦୁକରର କାଉଁରୀ ସ୍ପର୍ଶରେ ମୂକ ପାଲଟି ଯାଇଛି, ବଧିର ହୋଇ ଯାଇଛି । ଅଭିରାମ ସୁବୋଧ ଶିଶୁଟି ପରି ପ୍ଲାବନୀର ପଛେ ପଛେ ଅଗ୍ରେଇଲା ।

ପ୍ଲାବନୀ ଅଭିରାମର ହାତ ଧରି ନେଇ ତା' ମଟରରେ

ବସେଇଲି । ଅଭିରାମ ବସିଲା ସ୍ଥାଣୁପରି । କ୍ଷଣକ ଆଗରୁ ଅଭିରାମର ସତେ ଯେପରି ମୃତ୍ୟୁ ଘଟିଛି । ପ୍ରାର୍ଥନା ମଟର ଷ୍ଟାର୍ଟ ଦେଲା । ଅଭିରାମ ବସିଥିଲା । ମଟର ଛୁଟିଥିଲା । ପ୍ରାର୍ଥନା ପଚାରିଲା—

ତୁମକୁ ଗୁଳି କିଏ ଚଳେଇଲା ?

ତୋର ଜାଣି ଲାଭ ?

ସବୁ ଜାଗାରେ କ'ଣ ଲାଭ କ୍ଷତିର ହିସାବ କଷାଯାଏ ଅଭି !

ପୋଲିସ୍ ।

ଗୁଳି କେଉଁଠି ଭେଦିଛି ?

ବାହୁରେ ।

ଗୁଳି ଅଛି ନା ବାହାରି ଯାଇଛି ?

ବୋଧହୁଏ ଅଛି ।

ପୋଲିସ୍ ତମ ପ୍ରତି କାହିଁକି ଏ ନିର୍ମମ ଆଚରଣ କଲା ?

ମୁଁ ଧନତନ୍ତ୍ରର ଶବୁଣ୍ଡାଚରଣ କରିବାକୁ ଯାଇଥିଲି ।

କ'ଣ ଲୋକ ମତେଇ ମିଲ୍ ଷ୍ଟ୍ରାଇକ୍ କରାଉଥିଲ ?

ଖାଲି ସେତିକି ନୁହେଁ । ତା' ଠାରୁ ଅହୁରି ଅଧିକ ।

କ'ଣ ଲାଭ ମିଳିଲା ?

ମୋ ଲାଭ କ୍ଷତିର ହିସାବ କରିବାର ଅଧିକାର ତୁ ହରେଇଛୁ । ତେଣୁ ସେ ସମ୍ବନ୍ଧରେ କୌଣସି ପ୍ରଶ୍ନ ପଚାରି ମୋତେ ବିରକ୍ତ କର ନାହିଁ ।

ମଟର ଛୁଟିଥିଲା । ସ୍ପିଡ଼୍ ମିଟର କଣ୍ଟା ଧୀରେ ଧୀରେ ଉପରକୁ ଉଠୁଥିଲା । ପ୍ରାର୍ଥନା ଆଉ କିଛି ପ୍ରଶ୍ନ ପଚାରିବାକୁ ଆଗ୍ରହ ପ୍ରକାଶ କଲା ନାହିଁ ।

ଅଭିରାମ ବସିଥିଲା । ସେ ହୁଏତ ଭାବୁଥିଲା ତା' ଜୀବନର ବ୍ୟର୍ଥତା କଥା ।

ପ୍ଲାବନୀ ମୁହଁ ବୁଲେଇ ଅଭିରାମ ଆଡ଼େ ଚାହିଁଲା । ଆଖି ଯୋଡ଼ିକ ମୁଦ୍ରିତ କରି ଗୋଟାଏ କରକୁ ଆଉଜି ସେ ବସିଛି । ମୁହଁରେ ବେଦନାର ସଙ୍କେତ ଧୀରେ ଧୀରେ ସ୍ପଷ୍ଟ ହେଉଛି । ପ୍ଲାବନୀ ଡାକିଲା,

ଅଭି, ଅଭି !!

ଅଭିରାମ ଶୁଣିଲା ନାହିଁ । ସତେ ଯେପରି ସେ ଧ୍ୟାନମଗ୍ନ ।

ପ୍ଲାବନୀ ଅଭିରାମର ଦେହରେ ହାତ ମାରି ଡାକିଲା—

ଅଭି, ଅଭି !!

ତଥାପି ଅଭିରାମ ନୀରବ । ପ୍ଲାବନୀ ଚଞ୍ଚଳ ହୋଇ ପଡ଼ିଲା । ମନର ଉଦ୍‌ବିଗ୍ନତା ବଢ଼ିଗଲା ବହୁ ଗୁଣରେ । ସ୍ପିଡ଼ୋମିଟର ଅଙ୍କୁର ଉପରକୁ ଉଠିଲା । ଅଭିରାମର ଅବସ୍ଥା ସେମିତି ଅପରିବର୍ତ୍ତିତ ।

ହଠାତ୍ ଗୋଟାଏ ଜାଗାରେ ଗାଡ଼ିର ବ୍ରେକ କସିଲା ପ୍ଲାବନୀ । ଅଭିରାମ ଛିଟିକି ପଡ଼ି ପ୍ଲାବନୀ ଉପରେ ନଇଁ ହୋଇ ପଡ଼ିଲା । ପ୍ଲାବନୀ ଦେହ ସାରା ଉପରି ଏକ ଅପୂର୍ବ ଶିହରଣ ଖେଳିଗଲା । କିନ୍ତୁ ଅଭିରାମ ନିଷ୍ଠଳ । ସେ ଯେପରି ଶ୍ରାନ୍ତି ଅପନୋଦନ ପାଇଁ ପ୍ଲାବନୀ ଉପରେ ଦେହ ଭାର ନଇଁ ନିଶ୍ଚିନ୍ତରେ ଶୋଇ ପଡ଼ିଛି ।

ପ୍ଲାବନୀ କିନ୍ତୁ ବୁଝିଲା । ଅଭିରାମ ହୁଏତ ଅଚେତ ହୋଇ ପଡ଼ିଛି । ସେ ଥରେ ଚେଷ୍ଟା କଲା ଅଭିରାମକୁ ସିଧା ଭାବରେ ବସେଇ ଦେବା ପାଇଁ । ମାତ୍ର ଅଭିରାମ ଗାଡ଼ିର ବେଗ ସହିତ ନାଚି ନାଚି ପୁଣି ପ୍ଲାବନୀ ଦେହ ଉପରେ ଧୀରେ ଧୀରେ ଦେହ ଭାର ନଇଁ ଦେଲା । ପ୍ଲାବନୀ ଆଉ ଅଭିରାମକୁ ସିଧା କରି ବସେଇବାକୁ ଚେଷ୍ଟା କଲା ନାହିଁ । ତା' ଦେହ ସାରା ଅପୂର୍ବ

ଏକ ଭଙ୍ଗୀ ଖେଳୁଥିଲା । ଧୀରେ ଧୀରେ ସମଗ୍ର ଶରୀରଟା ତାର ଶିଥିଳ ହୋଇ ଆସୁଥିଲା । ସେ ଅଭିରାମର ମସ୍ତକକୁ ଅତି ଯତ୍ନରେ ନିଜର କୋଳ ଉପରେ ରଖି ଅତି ସାବଧାନ ସହକାରେ ସ୍ପର୍ଶ କରି ମୋଡ଼ୁଥିଲା ।

ତା'ର ପ୍ରିୟ ଅଭିରାମ ! ତାଙ୍କ ଜୀବନରେ ଏମିତିଆ ପରିସ୍ଥିତି ମାତ୍ର ଦିନଟିଏ ଆସିଥିଲା । ସେଦିନ ଅଭିରାମ ଅସୁସ୍ଥ ଥିଲା । ପ୍ଲାବନୀ ବସିଥିଲା ଶେଯ ଉପରେ । ଅଭିରାମ ପ୍ଲାବନୀର କୋଳରେ ମୁଣ୍ଡ ରଖି ଏକ ଲୟରେ ଚାହିଁ ରହିଥିଲା ପ୍ଲାବନୀର ଚଞ୍ଚଳ ଆଖି ଯୋଡ଼ିକ ଆଡ଼େ । ହାତ ଯୋଡ଼ିକରେ ପ୍ଲାବନୀର ମଥାଟିକୁ ନୂଆଇଁ ଆଣି ଦରଦ କଣ୍ଠରେ ପଚାରିଥିଲା—

ବନି ! ଦରିଦ୍ର ହତଭାଗ୍ୟ ମୁଁ । ମୋ ସହିତ ତୋର ଏପରି ଆଚରଣ ଶୋଭା ପାଏନା ।

ପ୍ଲାବନୀ କିଛି ଉତ୍ତର ଦେଇ ନ ଥିଲା । କେବଳ ତା' ଆଖି କୋଣରେ ଦେଖା ଦେଇଥିଲା କେଇ ବିନ୍ଦୁ ଅଶ୍ରୁ । ପ୍ଲାବନୀର ମୁହଁଟିକୁ ନିଜ ମୁହଁ ଉପରକୁ ନୁଆଁଇ ଆଣି କହିଥିଲା—

ଛି, କାନ୍ଦନି । ମୁଁ ଆଉ ତତେ କିଛି କହିବିନି ।

ତା'ପରେ ପ୍ରାୟ ଦୁଇବର୍ଷ କଟି ଯାଇଛି । କିନ୍ତୁ ପ୍ଲାବନୀ ଆଉ ପାଇନି ସେ ସ୍ପର୍ଶ, ଚିହ୍ନିନି ସେ ମାଦକତା । ଆଜି ଅଭିରାମକୁ ସେହିପରି ଅବସ୍ଥାରେ ପାଇ ଦେହ ଓ ମନରେ କିପରି ଏକ ଆଲୋଡ଼ନ ସୃଷ୍ଟି ହୋଇଛି । ପ୍ଲାବନୀ ହୁଏତ ଆଜି ଆତ୍ମହରା ହୋଇ ପଡ଼ିଛି । ଧୀରେ ଧୀରେ ସେ ଅଭିରାମର ମୁହଁ ନିକଟକୁ ମୁହଁ ନୁଆଁଇ ନେଇ ଶିହରି ଉଠିଛି । ବ୍ୟଥା ଆଉ ବେଦନା । ଇସ୍ ଅଭିରାମର ମୁଖ ମଣ୍ଡଳ କଠିନ ହୋଇ ଉଠିଛି । ପ୍ଲାବନୀ

ପ୍ରକୃତସ୍ଥ ହୋଇଛୁ । ଅଭିରାମ ଅଚେତନ । ବାହୁରେ ତାର ଗୁଳି ।

ପ୍ଲାବନୀ ଗାଡ଼ି ଅଟକେଇଲା ଗୋଟାଏ ଡାକ୍ତର ଖାନା ପାଖରେ । ଡାକ୍ତରଟି ତାର ଜଣେ ବନ୍ଧୁ । ଭିତରକୁ ଯାଇ ସବୁ କଥା କହିଲା ପ୍ଲାବନୀ । ଡାକ୍ତର ଲୋକ ପଠାଇ ମଟରରୁ ଅଭିରାମକୁ ଉଠାଇ ନେଲେ । ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ କରିଦେଲେ । ଅଭିରାମ ସେମିତି ଅଚେତନ ହୋଇ ଶୋଇଥିଲା । ଡାକ୍ତରଖାନାର ଯନ୍ତ୍ରପାତି ଚଞ୍ଚଳ ହୋଇ ଉଠିଥିଲା । ପ୍ଲାବନୀର ଉଦ୍‌ବିଗ୍ନତା ବଢ଼ି ଯାଇଥିଲା ।

ଡାକ୍ତର ଯେତେବେଳେ ଅଭିରାମର ବାହୁରୁ ଗୁଳିଟା ବାହାର କରି ସାରି, ବ୍ୟାଣ୍ଡେଜ ବାନ୍ଧି ଦେଇ କହିଲେ—

ଭୟର କିଛି କାରଣ ନାହିଁ । ଅଭିରାମ ବାବୁଙ୍କର ବହୁତ ରକ୍ତସ୍ରାବ ହୋଇଥିବାରୁ ସେ ଭୀଷଣ ନିସ୍ତେଜ ହୋଇ ପଡ଼ିଛନ୍ତି । ଚେତା ଅବଶ୍ୟ ଫେରି ଆସିବ ଅଳ୍ପ ସମୟ ପରେ । କିନ୍ତୁ ସେ ଦିନେ ଦି'ଦିନ ଭିତରେ ସୁସ୍ଥ ହୋଇ ଉଠିବେ ବୋଲି ମୋର ମନେ ହେଉନି ।

ତା'ହେଲେ ?

କ'ଣ ଆଉ ! ସେ ଏଇଠି ଥାଆନ୍ତୁ । ମୋ ପାଖରେ ଅଯତ୍ନ ହେବ ନାହିଁ ।

ନା ନା ସେଥିପାଇଁ ମୁଁ ମୋଟେ ବ୍ୟସ୍ତ ନୁହେଁ ଯେ, କିନ୍ତୁ ଅଭିରାମ ପଛରେ ପୋଲିସ୍ ଲାଗିଛନ୍ତି, ସେମାନେ ଯଦି ଜାଣନ୍ତି ସମ୍ବାଦଟା, ତା'ହେଲେ······

ସେ ଭୟ ଅନ୍ତତଃ ଏଠି ନାହିଁ । ତା'ଛଡ଼ା ପୋଲିସ୍

ଏଠାକୁ ଅଭିରାମ ବାବୁଙ୍କୁ ଖୋଜିବାକୁ ଆସିବ ନାହିଁ । ମୁଁ ତାଙ୍କର ଦୁଇ ଦଗରୁ ଜାମିନପତ୍ରର ଦାୟିତ୍ୱ ନେଇଛି ।

କେଜାଣି କାହିଁକି ପ୍ଲାବନୀ ବିଚଳିତ ହୋଇ ପଡ଼ିଥିଲା । ସେ ସ୍ଥିର ହୋଇ ଗୋଟିଏ ଜାଗାରେ ବସି ପାରୁ ନ ଥିଲା । ଡାକ୍ତରଖାନାର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଟହଲୁ ଥିଲା, କେତେବେଳେ ହାତ ଘଡ଼ି ଦେଖୁଥିଲା, କେତେବେଳେ ଯାଇ ଅଭିରାମର ବିଛଣା ଉପରେ ବସି ଅପଲକ ନୟନରେ ତା' ମୁହଁକୁ ଚାହିଁ ରହୁଥିଲା ।

ଝଡ଼ ଉଠିଥିଲା ପ୍ଲାବନୀର ଅନ୍ତର ତଟରେ । ଅଭିରାମ ତାର ପ୍ରିୟ, ଅଭିରାମ ତାର ବନ୍ଧୁ କିନ୍ତୁ ବନ୍ଧୁତାର ପରାକାଷ୍ଠା ସେ ତ ଦେଖେଇ ପାରୁ ନାହିଁ । ତା'ହେଲେ କ'ଣ ଅଭିରାମ ତା'ର ଶତ୍ରୁ ?

ପ୍ଲାବନୀ ଉଠି ଯାଇ ଟେଲିଫୋନର ରିସିଭରଟା ଉଠାଇ କାନରେ ଦେଲା । କୌଣସି ଶବ୍ଦ ନାହିଁ । ମୁହୂର୍ତ୍ତେ ବି ଧରି ରଖି ପାରିଲା ନାହିଁ । ପୁଣି ଯଥା ସ୍ଥାନରେ ରିସିଭରଟା ରଖି ଦେଇ ଅଭିରାମ ଶେଯ ପାଖରେ ଯାଇ ଠିଆ ହେଲା । ଡାକ୍ତର ଇଞ୍ଜେକ୍‌ସନ୍ ଦେଉଥିଲେ । ଅଭିରାମର ମୁଖ ମଣ୍ଡଳରେ କପରି ଏକ ଅସ୍ୱାଭାବିକ ଭାବ ଫୁଟି ଉଠୁଥିଲା । ପ୍ଲାବନୀ ବସିଲା ଶେଯ ଉପରେ ।

କ'ଣ ଅବସ୍ଥା ଖୁବ୍ ଖରାପ ବୋଲି ମନେ ହେଉଛି ?

ଡାକ୍ତର ଗମ୍ଭୀର ଭାବରେ ଚିନ୍ତା କରୁଥିଲେ । ଅଭିରାମ ଦେହରେ ତାଙ୍କ ଚିକିତ୍ସା ହୁଏତ ବିଶେଷ ପ୍ରତିକ୍ରିୟା ସୃଷ୍ଟି କରୁ ନଥିଲା । ପ୍ଲାବନୀ କଥାର ଉତ୍ତର ଦେବାକୁ ଯାଇ କହିଲେ—

ନା, ବିଶେଷ କିଛି ଚିନ୍ତାର କାରଣ ନାହିଁ, ତେବେ.....

ଅଭିରାମର ଓଠ ଦୁଇଟି ଧୀରେ କଂପି ଉଠିଲା । ତା'ପରେ ଆଖି ଯୋଡ଼ିକ ଥର ଉଠିଲା । ଡାକ୍ତର ଅଧୀର ଆନନ୍ଦରେ ପ୍ରତୀକ୍ଷା କରୁଥିଲେ । ଅଭିରାମ ଆଖି ଖୋଲିଲା । ସମ୍ମୁଖରେ ପ୍ଲାବନୀ । ମୁଖ ଗମ୍ଭୀର, ଆଖିରେ କାରୁଣ୍ୟ ।

ଅଭିରାମ ଉଠି ବସିବାକୁ ଚେଷ୍ଟା କରୁଥିଲା । ଡାକ୍ତର ମନା କଲେ । ଅଭିରାମ ଆଖିରେ ବିସ୍ମୟ ଫୁଟି ଉଠିଲା । ପ୍ଲାବନୀ କହିଲା—

ଚିନ୍ତା କରନା ଅଭି । ତମେ ନିରାପଦରେ ଡାକ୍ତର ଖାନାରେ ରହିଛ । ମୁଁ ସ୍ଥିର କରିଛି, ତମ ତପସ୍ୟାରେ ଆଉ ବାଧା ସୃଷ୍ଟି କରିବି ନାହିଁ । ତମ ପଥ ପୁଷ୍କଳ ହେଉ, ତମେ ଜୟଯୁକ୍ତ ହୁଅ । ମୁଁ କାମନା କରୁଛି । ମୁଁ ଚାଲି ଯାଉଛି ଅଭି । ତମେ ସୁସ୍ଥ ହୋଇ ଉଠିବା ଯାଏ ସମସ୍ତ ଦାୟିତ୍ୱ ଡାକ୍ତର ବାବୁଙ୍କର । ସେ ତୁମକୁ ନିରାପଦରେ ରଖିବାର ପ୍ରତିଶ୍ରୁତି ମୋତେ ଦେଇଛନ୍ତି ।

ପ୍ଲାବନୀ ଅଭିରାମର ମସ୍ତକରେ ହାତ ବୁଲାଇ ଉଠିବାକୁ ଚେଷ୍ଟା କରୁଥିଲା । ଅଭିରାମ ପ୍ଲାବନୀର ହାତଟିକୁ ଛାତି ଉପରେ ଚାପି ଧରି ଅପଲକ ନୟନରେ ପ୍ଲାବନୀର ପାଂଶୁଳ ମୁଖ ମଣ୍ଡଳ ଆଡ଼େ ଚାହିଁ କହିଲା—

ମୋତେ କ୍ଷମା କର ବନି, ମୁଁ ହତଭାଗ୍ୟ ।

ଅଭିରାମର ନେତ୍ର ଯୁଗଳରୁ ଦୁଇ ବିନ୍ଦୁ ଲୋତକ ଧାର ଝରି ପଡ଼ିଲା । ପ୍ଲାବନୀ ନିଜର ପଣତ କାନିରେ ଅଭିରାମର ଲୁହ ପୋଛି ଦେଇ କହିଲା—

ଛି ଅଭି ! ତମ ତୁଣ୍ଡରେ ଏମିତିଆ ଭାଷା ଶୋଭା ପାଏନା । ତେବେ ମୋତେ ଏତିକି ପ୍ରତିଶ୍ରୁତି ଦିଅ, ମୁଁ ଯେପରି ତମର ମନେ ରହିବି ।

ଅଭିରାମ ମୁହଁରେ କ୍ଷୀଣ ହସର ରେଖାଟିଏ ଫୁଟି ଉଠିଲା । ସେ କର ଲେଉଟାଇ ଶୋଇବାକୁ ଚେଷ୍ଟା କରି ହାତରେ ଭୀଷଣ ଆଘାତ ପାଇଲା । ପ୍ଲାବନୀ ଅଭିରାମ ଉପରେ ନଇଁ ପଡ଼ି ଦୁଇ ବାହୁ ଧରି ପୁଣି ସଳଖ କରି ଶୁଆଇ ଦେଲା । ଅଭିରାମ ଆଖି ମୁଦି ପୁଣି ନିଶ୍ଚିନ୍ତରେ ଶୋଇଲା ।

ପ୍ଲାବନୀ କିଛିକ୍ଷଣ ଅଭିରାମ ମୁହଁକୁ ଅନାଇ ରହି ଅଭିରାମର ପାଦ ସ୍ପର୍ଶ କରି ଧୀରେ ଧୀରେ ସେଠାରୁ ବାହାରି ଗଲା । ମନ ଭିତରେ ଆଲୋଡ଼ନର ତରଙ୍ଗ କୂଳ ଲଙ୍ଘି ବହି ଯିବାକୁ ଚେଷ୍ଟା କରୁଥିଲା ।

❖

ବନି !

ଦେହ ମନ ଓ ଜୀବନ । ଏ ତିନିଙ୍କର ବିଶ୍ଳେଷଣ ମୁଁ କରି ପାରୁନି । ତିନିଙ୍କର ଗୃହ୍ୟଦା ତିନି ପ୍ରକାର । ସତ୍ତ୍ୱେ ଗୃହ୍ମଁ ଚନ୍ତ୍ର ନିଜ ନିଜର ସ୍ୱାତନ୍ତ୍ର୍ୟ । ମୁଁ ଏକ ଘଡ଼ି ସନ୍ଧି କାଳରେ । ହସିବି ନା କାନ୍ଦିବି ! ଅତୀତକୁ ମନ ଧାଇଁଲା ବେଳକୁ ଦେହରେ ବିଜୁଳି ଖେଳି ଯାଉଛି । ମନ ଓ ଦେହର ଏଇ ନିଗଡ଼ତା ଭିତରେ ଜୀବନ ହନ୍ତସନ୍ତ ହେଉ ଉଠୁଛି । ତୋର ଦାବୀ ମୁଁ

ପୂରଣ କରି ପାରନ୍ତି । କହି ପାରିବୁ କାହିଁକି ? ଦେହଟା ମୋର ଇଟା ପଥରର ନୁହେଁ, ମନଟା ମୋର ଶାଣିତ ତରବାରିର ନୁହେଁ । ମୁଁ ମଣିଷ । ଏଇ ଆକାଶର ପାଣି ପବନ ଓ ମାଟିର ପରଶରେ ମୁଁ ବଞ୍ଚିଛି, ତୁ ବି ବଞ୍ଚିଛୁ । ହୁଏତ ବଞ୍ଚିବାର ପାର୍ଥକ୍ୟଟା ଅଛି ତୋ ମୋ ଭିତରେ । କିନ୍ତୁ ଦେହ ମନର ଐକ୍ୟ ପାଖରେ ଜୀବନ ହାର ମାନିଛି ବା ଓଲଟା । ଦାବୀ ତୋର ମୋ ଉପରେ ଯେତିକି, ମୋର ତୋ ଉପରେ ସେତିକି ରହିବାର କଥା । ଏହା କ'ଣ ତୁ ଅସ୍ୱୀକାର କରିବୁ ?

କେବେ କେବେ ଦେହର ତାତି ମନରେ ଭ୍ରାନ୍ତି ଜଳାଏ । ରକ୍ତରେ ନିଆଁ ଲଗାଏ । ଅଙ୍ଗରେ ବିଦ୍ୟୁତ ପହଁରେ । ମନେ ହୁଏ ଯେମିତି ତୋର ନିବିଡ଼ ସ୍ପର୍ଶ ପାଇଁ ଦେହ ମୋର ଆକୁଳ । ମୁଁ ଅସହାୟ । ତହିଁରେ କି ଯେ କଷ୍ଟ, କି ଯେ ବେଦନା, ତାହା ତୁ ହୁଏତ ମୋଠୁ ବେଶି ଅନୁଭବ କରି ନଥିବୁ । ମୋଠୁଁ ତୁ ଯାହା ଆଶା କରିଥିଲୁ ପାଇନୁ । ମୁଁ କ'ଣ ପାଇଛି ତୋ'ଠାରୁ ? ସେ ଉତ୍ତର ମୋର ଲୋଡ଼ା ନାହିଁ । ମନଟାକୁ ପାଲିସ୍ କରି ସାଲିସ୍‌ର ସମାନ ଚିହ୍ନ ପକାଇବା ଠାରୁ ଗୋଟିଏ ଦୁଇଟି ସ୍ୱର୍ଣ୍ଣଭାଟୀର ଛକ ପକେଇ ରଖିବା ଭଲ । ଦିନେ ତୁ ମତେ ଚାହିଁଥିଲୁ, ଆଜି ବି ଚାହୁଁଛୁ । ତୋ ଅନ୍ତରଙ୍ଗତାର ଗଭୀରତାକୁ ମୁଁ ମାପିଛି । ତଥାପି ତୋ ସହିତ ସାମିଲ୍ ହୋଇ ପାରନ୍ତି । ପାରିବାରେ କି ବାଧା ନ ଥିଲା କିଛି । ତୋ ବାପା ବି ମୋତେ ଗଭୀର ସ୍ନେହ କରୁଥିଲେ ! ମୁଁ ଧନୀ ନ ହେଲେବି ତାଙ୍କ ବନ୍ଧୁ-ପୁତ୍ର । ସେ ମଧ୍ୟ ମୋ ପାଇଁ ଉଚ୍ଚ ଆଶା ପୋଷଣ କରିଥିଲେ । ଆଜି ତାଙ୍କର ବି ଇଚ୍ଛା ଥିଲା ତୋତେ ମୋତେ ଏକ କରି ତାଙ୍କ ବାଲ୍ୟ ବନ୍ଧୁଙ୍କ ଅନ୍ତିମ ଆଶା ପୂର୍ଣ୍ଣ କରିବେ । ତା'

ଛଡ଼ା ମୋ ନିଜ କଥା ମୁଁ କହୁଛି—ତୋତେ ନିବିଡ଼ ବନ୍ଧନରେ ବାନ୍ଧି ରଖିବା ପାଇଁ ମୋ ଦେହ ମନର ଯେଉଁ ବ୍ୟାକୁଳତା, ସେଥିପାଇଁ ଅପେକ୍ଷା ନ କରି ଉପେକ୍ଷା କରିବା କ'ଣ ଏତେ ସହଜ ବୋଲି ଭାବିଛୁ ?

ମୁଁ ଜାଣିଛି, ତୁ ମତେ ଭୁଲି ବୁଝି ନ ଥିବୁ । ଦୁନିଆର ଅନ୍ୟ ପାଞ୍ଚଟା ଝିଅଙ୍କ ଅପେକ୍ଷା ତୁ ସ୍ୱତନ୍ତ୍ର । ମୁଁ ତା' କି ନୁହେଁ, କହି ପାରିବି ନାହିଁ । ତଥାପି ମୋ ଅବଚେତନ ମନରେ ଯେଉଁ ଜୀବନକାର କଳିକା ଉଙ୍କି ମାରିଲାଣି, ତା'ର ଧ୍ୱଂସ ସାଧନ ଅତି ସହଜ ନୁହେ । ମୁଁ ତ ଚାହିଁ ନ ଥିଲି ବିଚ୍ଛିନ୍ନତା, ମୁଁ ତ ଲୋଡ଼ି ନଥିଲି ବିଭିନ୍ନତା ! ଯାହା ହୋଇବାର, ତାହା ଯଦି ହେଲା, ହେଉ । ଦୁଃଖ କରି ଲାଭ କ'ଣ ?

ହେଇ, ବର୍ଷା ଆସିଲାଣି ଅନ୍ଧାର କରି । ଅଜି ଠିକ୍‌କୁ ହୁଏତ ବର୍ଷିବ । ସାଜ ପଥର ଚିକ୍କଣ ଛାତ ଉପରେ ଗଡ଼ିବ ପ୍ରଖର ଜଳସ୍ରୋତ । କିଏ ତା'ର ଗତି ରୋଧ କରିବ ? ପ୍ରକୃତିର ବୈଚିତ୍ର୍ୟ ଭିତରେ ଲୁଚି ରହିଛି ଯେଉଁ ବେଗବତୀ ଧାରା, ତାକୁ କାବୁ କରିବାକୁ ବଳ କାହାର ? ସେ ଦିନର ଘନ ବର୍ଷଣ ଆମ ପ୍ରାଣରେ ଲୁଚେଇଥିଲା ଯେଉଁ ଘୋର ଆକର୍ଷଣ ଆଜି ତାର ବିସର୍ଜନ ଦେଇ ପାରି ନ ଥିଲେ ବି ବିବର୍ତ୍ତନର ଘୂର୍ଣ୍ଣି ଭିତରେ ସବୁ ଚୂର୍ଣ୍ଣିଭୂତ ହେବାକୁ ବସିଛି । ତଥାପି ଏଇ ସାଜପଥର ଜଳସ୍ରୋତ ଧୀରେ ଧୀରେ ମୋ ପାଦ ସ୍ପର୍ଶ କରି ଯାଇ ସ୍ପର୍ଶ କରିବ ତୋ' ପାଦ ଯୋଡ଼ିକୁ । ଅଳକ୍ତକ ପାଦରୁ ତୋର ଧୋଇଯିବ ଲାଲିମା । ତୁ ହସି ହସି ପ୍ରଶ୍ରୟ ଦେବୁ । ସ୍ପର୍ଶ ଅନୁଭବ କରି ଦେହରେ ତୋର ମାଡ଼ିଯିବ ଆଳସ୍ୟର ଗ୍ଲାନି । ଆକାଶର ବଜ୍ରବାଣୀ ତୋ ଧ୍ୟାନ ଭାଙ୍ଗି ପାରିବ ନାହିଁ । କିନ୍ତୁ

ଜାଣୁ ଛନି ! ଏଇ ନିବିଡ଼ ଅନ୍ଧକାର ଓ ପ୍ରଳୟଙ୍କରୀ ବର୍ଷା ତୋଫାନ ସ୍ୱରରେ ବି ବିଜୁଳି ଘଡ଼ଘଡ଼ି ସଙ୍ଗରେ ତାଳ ଦେଇ ବାଜି ଉଠୁଥିବ କାଲ ଘରର ବଂଶୀ । ବର୍ଷାଦିନିଆ ନର୍ଦ୍ଦମା ପୋକ ପରି ହଜାର ହଜାର ଅବହେଳିତ ମଣିଷ ଚିନ୍ତା ବୁଡ଼ି ଧାଉଁଥିବେ କାଳ ସଙ୍ଗରେ ବଳ କଷୁଥିବାକୁ । ଏ ସବୁ ଜୀବନର କରୁଣ ବଂଶୀ କ'ଣ ତୋ' କାନ ଯାଏ ପହଞ୍ଚି ପାରିବ ? ଉଃ, ରକ୍ତବୀର୍ଯ୍ୟା ଦଳ ...ନେ ! ଟୋପାଏ ରକ୍ତରୁ କୋଟିଏ ଜନ୍ମୁଛନ୍ତି ନିମିଷକେ । ...ଶ ଲତା ମାଡ଼ି ଚାଲିଛି ଏମାନଙ୍କର । ଗତିରୋଧ ନ କଲେ ଧ୍ୱଂସ ହୋଇଯିବ ଏଇ ସୁନ୍ଦର ଭୁବନ । ସେତେବେଳେ ଦାୟୀ ହେବ କିଏ ?

ବର୍ଷା ସଂଗୀତ ମୋ କାନରେ ବାଜୁଛି । ପ୍ରାଣରେ ଜଗଉଛି ନୂଆ ଚେତନା । କିନ୍ତୁ ଦେହର ଲୋମେ ଲୋମେ ଫୁଟୁଛି ଯେଉଁ ଶିହରଣ, ସେ ମନେ ପକାଇ ଦେଉଛି ପୁରୁଣା ଦିନରୁ ଗୋଟିଏ । ବୋଧହୁଏ ବର୍ଷେ ତଳର ଘଟଣା ହେବ, ନା ? ସେଦିନ ବି ଆଜି ପରି ଗୋଟିଏ ବର୍ଷା ସଙ୍କୁଳ ରାତି । ତୁ ଭୁଲି ନ ଥିବୁ ବୋଧେ । ମୋ ପାଖକୁ ଆସିଥିଲୁ ତୁ; ନା ନା ତମ ଘରକୁ ଯାଇଥିଲି ମୁଁ । ଘରେ କେହି ନ ଥିଲେ । ତୁ ଶୋଇ ଶୋଇ ଅଳସ ମୁହୂର୍ତ୍ତ ଗୁଡ଼ାକୁ ସରସ କରିବା ପାଇଁ ଚିନ୍ତା କରୁଥିଲୁ । ହଠାତ୍ ମୋତେ ସେଇ ମୁହୂର୍ତ୍ତରେ ଦେଖି ତୋର ସେ କି ଆନନ୍ଦ ! ଆଜି ଭାବିଲେ ସ୍ୱପ୍ନ ପରି ଲାଗୁଛି । ଧୀରେ ଧୀରେ ମେଘ ଓହ୍ଲାଇ ଆସୁଥିଲା ଆକାଶରୁ । ତମ ବଗିଚାରେ ମୟୂର ମୟୂରୀ ଯୋଡ଼ିଏ ନାଚିଲେ ପୁଚ୍ଛ ଟେକି । ତୁ ନାଚିଲୁ ମୋ ହାତ ଯୋଡ଼ିଏ ଧରି । ଭୁଲିବି କିପରି ସେ ଦିନଟିକୁ ! ସେଇ ଦିନର ଶପଥ ସେଦିନ ଆମକୁ ବିପଥକୁ ଟାଣି ପାରିନି,

ଆଜି କେବଳ ସେତିକି ଭାବି ମୁଁ ଅଶ୍ୱସ୍ତ ହେଉଛି । ଶପଥର ଅବମାନନା ମୁଁ କରି ପାରିବନି ବିନି । ଆମେ ଦୁହେଁ ଦୁହିଁଙ୍କୁ ଗ୍ରହଣ କରିଛନ୍ତି ସ୍ୱାମୀ ସ୍ତ୍ରୀ ଭାବରେ । ଜଗତର କେହି ନ ଦେଖିଲେ ବି ତମ ଠାକୁର ଘରର ପାଷାଣ ଠାକୁର ଦେଖିଛି । ଆଜି ମୁଁ ଆମ ସମ୍ବନ୍ଧକୁ ଅସ୍ୱୀକାର କରୁ ନାହିଁ । ତୁ ଭାବେନା ମୁଁ ଅଚେତନ ହୋଇ ଯାଇଛି । ଅଶ୍ଚର୍ଯ୍ୟ ହେବୁ କେବଳ ଚେତନାର ସାନ୍ତ୍ୱନା ମୋତେ ଜେଇ ରଖିଛି ଆଜିଯାଏ ।

ମଣିଷ ମଣିଷ ପରି ବଞ୍ଚି ରହେ ତା ମନୁଷ୍ୟତ୍ୱ ଜିଇଥିବା ଯାଏ । ଆଜି ମୁଁ ବଞ୍ଚିଛି କି ତୁ ବଞ୍ଚିଛୁ, ସେ ସବୁର ବିଚାର କରିବାର ଦିନ ଆସିନି । ଯେଉଁଦିନ ଏହାର ବିଚାର ହେବ, ସେଦିନ ମୁଁ ତୋତେ ନତୁବା ତୁ ମୋତେ ବଞ୍ଚାଇ ଦେବା । ସେତେବେଳେ ଆମେ ବଞ୍ଚିଯିବା । ହୁଏତ ବୟସ ଖସି ଯାଇଥିବ, କିନ୍ତୁ ତାକୁ ଅଉଥରେ ଆମେ ଟାଣି ଧରିବାକୁ ଚେଷ୍ଟା କରିବା । ହୁଏତ ହାରିଯିବା ସେତେବେଳେ, କିନ୍ତୁ ଅନ୍ଧାରର ଯେଉଁ କ୍ଷୀଣ ପ୍ରଭା ଟିକିକ ବିକଚୁଥିବ ଆମ ମୁହଁରେ ସେଇଟିକିକହିଁ ହେବ ଆମର ଜୟମାଲ୍ୟ । ପରାଜୟକୁ ଆମେ ବିଜୟ ମାଲ୍ୟ ବିଭୂଷିତ କରିବା ସେତିକି ଦେଇ ।

ହଁ, ସେଦିନର ସେଇ ବର୍ଷଣ ମୁଖର ରାତି କଥା କହୁଥିଲି ପରା ! ଇମିତି ଝୁ ଝୁ ହୋଇ ମେଘ ବର୍ଷୁଥିଲା । ପବନର ନବ ସଙ୍ଗୀତ ଆମ ଦେହ ମନରେ ଲେପୁଥିଲା କି ଏକ ନୂଆ ପ୍ରଲେପ । ଶୀତର ଶୀତଳତା ଅସ୍ତେ ନଇଁ ଆସୁଥିଲା ଆମ ମଝିକି । ଆମେ ବିଭୋର ହୋଇ ଉପଭୋଗ କରୁଥିଲେ ବର୍ଷାର ଅପୂର୍ବ ଦାନକୁ । ହଠାତ୍ ବିଦ୍ୟୁତର ଲତାମାଳ କେଉଁଠୁ ଟାଣି ଆଣି ଯୁଡ଼ି ଦେଲା ବଜ୍ରବାଟୁଲୀ । ଭୁଇଁ ଥରିଗଲା । ତୁ ଡରେ ଚହଁକି ପଡ଼ି ଅଣ୍ଟା

ନେଲୁ ମୋ ଉପରେ । ସେଦିନ ତୋତେ ସଚେତନ କରେଇ-
ବାକୁ ଚେଷ୍ଟା କରି ପ୍ରଥମ ଥର ବ୍ୟର୍ଥ ହୋଇଥିଲି । ଦ୍ୱିତୀୟ ଥର ଚେଷ୍ଟାରେ ତୁ ଚେଇଁଥିଲୁ, ପୁଣି ଯାଇ ବସିଥିଲୁ ତୋ ଜାଗାରେ ।

କିନ୍ତୁ ଆଜିର ଏଇ ଗାଢ଼ ରାତିର କଳା ମେଘ ଉତ୍ଥ-
କଳା-କଜାଗ୍ନିର ଯେଉଁ କଜ୍ରବାଡ଼ୁଲୀ ବସୁଛି ଯାଇ ମଣିଷ ଉପରେ ସେ ଆଉ ଚେତନା ଫେରି ପାଉ ନାହିଁ । ଶତ ଶତ ଥର ଚେଷ୍ଟା କଲେ ବି ସେ ଆଉ ତା' ନିଜ ସ୍ଥାନ ଅଧିକାର କରିବାକୁ ସକ୍ଷମ ହୋଇ ପାରୁ ନାହିଁ । ଆଜିର ଏଇ ମାତାଲ ବର୍ଷା ରାତିରେ ଦେହରେ ଯେଉଁ ନିଶା ଘାରୁଛି, ଜୀବନକୁ ସେ ଉନ୍ମାଦ୍ଦିନୀ କରି ପାରୁନି । ଦେହ ଆଉ ଜୀବନର ପାର୍ଥକ୍ୟ ତ ଏଇଠି !!

ତୁ ଯଦି ସେଦିନର ଆମର ସେଇ ଶପଥକୁ ଅସ୍ୱୀକାର କରିବାକୁ ଚାହୁଁ, କରିପାରୁ । ମୋ ମତର ଅପେକ୍ଷା କରିବୁ ନାହିଁ । ଆଉ ଭାବିବୁ ନାହିଁ ଯେ ମୁଁ ତୋତେ ଉପେକ୍ଷା କରିଛି । ସୋତ ମୁଖର ଫୁଲ ଦୁଇଟି ତରଙ୍ଗର ଆବର୍ତ୍ତ ଓ ବିବର୍ତ୍ତିରେ ଭାସି ଭାସି ବିଚ୍ଛିନ୍ନ ହୋଇ ଯାଇଛି ଦୁଇ ଦିଗକୁ । କିଏ କହି ପାରିବ ପୁଣି ହୁଏତ ଦିଗ ବାରି ସେମାନେ ସମ୍ମିଳିତ ନ ହେବେ ଏକାଠି !! ତେବେ ମୋ ଅପେକ୍ଷାକୁ ତୁ ଉପେକ୍ଷା କଲେ ମୁଁ ମୋଟେ ମନଦୁଃଖ କରିବି ନାହିଁ ।

ସେଦିନ ପଥପ୍ରାନ୍ତରେ ଯେଉଁ ନିର୍ଘପଦ ସ୍ଥାନରେ ମୋତେ ଛାଡ଼ି ଦେଇ ଯାଇଥିଲୁ, ମୁଁ ଆଜି ଆଉ ସେଠି ନାହିଁ । ସେଠାରୁ ଚାଲି ଆସିଛି ବହୁ ଦୂରକୁ । ଯେଉଁଠି ଅଛି ସେଠି କେବଳ ପଙ୍ଗପାଳ ଦଳର ବସ୍ତି । ମୁଁ ସେମାନଙ୍କର ପ୍ରସ୍ତୁତିର ଆୟୋଜନ କରୁଛି । ସେମାନେ ଧ୍ୱଂସମୁଖୀ ବାତାବରଣ ସୃଷ୍ଟି କରିବେ

ନାହିଁ । କିନ୍ତୁ ଯଦି ସେମାନଙ୍କର ଦାବୀ ଉପେକ୍ଷିତ ହୁଏ, ତା'ହେଲେ ସେମାନେ ଧ୍ୱଂସର ଅବତାର ସାଜି ନାଶ କରିବେ ଅଭିଶୃକୁ ? ଯିଏ ଅନାଦୃତ, ଅବହେଳିତ, ତାର ବଞ୍ଚିବାର ଅର୍ଥ କଣ ? କିନ୍ତୁ ମୃତ୍ୟୁ ପୂର୍ବରୁ ସେ ଅନର୍ଥ ସୃଷ୍ଟି ନ କରି ଶାନ୍ତିରେ ମରି ପାରିବ ନାହିଁ । ଏହି ମନ୍ତ୍ର ମୁଁ ଶିଖାଉଛି ସେମାନଙ୍କୁ । ସେମାନେ ଚେଇଁଲେଣି, ବୁଝିଲେଣି ଆଉ ତେଜିଲେଣି ମଧ୍ୟ । ମୋ ପଛରେ ଏ ପର୍ଯ୍ୟନ୍ତ ସରକାରଙ୍କ ପରୁଆନା ବୁଲୁଛି । ମୋ ମୁଣ୍ଡ ପାଇଁ ପାଞ୍ଚହଜାର ଟଙ୍କାର ଇନାମ୍ ଘୋଷଣା କରା ହୋଇଛି ହେଲେ ମୁଁ ନିରାପଦରେ ଅଛି । ମୋ ପାଇଁ ବ୍ୟଥିତ ହେବୁ ନାହିଁ । ସେଦିନର ଉପକାର ମୁଁ ଜୀବନରେ ଭୁଲି ପାରିବି ନାହିଁ । ମୋର ଏଇ ପଳାତକ ଜୀବନ ଯାତ୍ରା ଭିତରେ କେବଳ ମୁଁ ସମରକୁ ଖଣ୍ଡେ ଚିଠି ଲେଖିଥିଲି, ଦ୍ୱିତୀୟ ଚିଠିଟି ତୋତେ ଲେଖିଲି । ତୋ' ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି । ଆଶା କରେ ସୁସ୍ଥରେ ଥିବୁ । ମୁଁ ତୋର ସଫଳତା କାମନା କରୁଛି । ସ୍ନେହ ନେବୁ । ତୋ'ର

ଅଭି

ଅଶ୍ରୁପ୍ଲୁତା ପ୍ଲାବନୀ ଚିଠି ଖଣ୍ଡିକ ପଢି ସାରି ହୃଦୟରେ ଚାପି ଧରିଲା । ଛାପିଲା ଦିନର ସ୍ମୃତି ଗୁଡ଼ିକ ଛପି ଛପିକା ହୋଇ ଫିଟି ଦିଶିଲା ଆଖି ଆଗରେ । ସତେରେ କ'ଣ ଅଭି ତାର ଦୂରେଇ ଯାଇଛି ଦୂରକୁ !

ମହେନ୍ଦ୍ର ବାବୁ ଡାକି ଡାକି ଭିତରକୁ ପଶି ଆସିଲେ । ପ୍ଲାବନୀ ଚମକି ପଡ଼ି, ଆଖିର ଲୁହ ଗୋପନ କରିବାକୁ ଚେଷ୍ଟା କରୁଥିଲା । ମହେନ୍ଦ୍ର ବାବୁଙ୍କ ଆଖିରୁ ତାହା ଏଡ଼ାଇ ପାରିଲା

ନାହିଁ । ସେ ପାଖରେ ଗୋଟିଏ ଚେୟାରରେ ବସିପଡ଼ି କହିଲେ—

କ'ଣ ହେଉଛି ତୋର ? ଚିଠି କିଏ ଦେଇଛି ।

ପ୍ଳାବନୀର କୌଣସି ଉତ୍ତରକୁ ଅପେକ୍ଷା ନକରି ମହେନ୍ଦ୍ରବାବୁ ଚିଠିଟିକୁ ଉଠାଇ ନେଲେ । ପ୍ଳାବନୀର ଦେହ କମ୍ପି ଉଠିଲା । ମହେନ୍ଦ୍ରବାବୁଙ୍କୁ ସେ ଚିହ୍ନିଛି । ଭାରି ଏକ ଜିଦିଆ ମଣିଷ । ଥରେ ଯାହା ଉପରେ ବିଗିଡ଼ି ଯାଆନ୍ତି, ଆଉ କେହି ତାଙ୍କୁ ସଜାଡ଼ି ପାରେ ନାହିଁ । ପ୍ଳାବନୀଠାରୁ ଅଭିରାମର ଚୂକସି ପ୍ରତି ଅବଜ୍ଞା କଥାଶୁଣି ମହେନ୍ଦ୍ରବାବୁ କ୍ଷୁବ୍ଧ ହୋଇଥିଲେ । ତା' ପରେ ଖବର କାଗଜରୁ ଯେତେବେଳେ ଅଭିରାମର ହୀନ ମନୋବୃତ୍ତିର ପରିଚୟ ପାଇଲେ, ସେଇଦିନୁ ତାଙ୍କର ସମସ୍ତ ଶ୍ରଦ୍ଧା ଅଭିରାମ ଉପରୁ କମି ଯାଇଥିଲା । ସେ ମନେ ମନେ ଅଭିରାମ ଠାରୁ ସମସ୍ତ ସମ୍ପର୍କ ତୁଟେଇ ଦେଇଥିଲେ । ତାର ଆଭାସ ପାଇଥିଲା ପ୍ଳାବନୀ । ଆଜି ହଠାତ୍ ଅଭିରାମର ଚିଠି ଖଣ୍ଡିକ ପ୍ଳାବନୀ ହାତରୁ ପାଇ ସେ ଉତ୍ତେଜିତ ନ ହେଲେ ବି କେବଳ ଚିଠିଟି ଉପରେ ଆଖି ବୁଲେଇ ନେଇ ପୁଣି ପ୍ଳାବନୀ ହାତକୁ ଫେରାଇ ଦେଲେ । ପ୍ଳାବନୀ ପିତାଙ୍କର ମୁଖଭଙ୍ଗୀରୁ କ'ଣ ବୁଝିଲା କେଜାଣି, କଲିଜାଟା ତା'ର କମ୍ପି ଉଠିଲା । ମହେନ୍ଦ୍ରବାବୁ ଗମ୍ଭୀର ହୋଇ ପଚାରିଲେ—

ଅଭିରାମ ଦେଇଛି, ନା ?

ହଁ ।

ମୁଁ ପରା ତତେ କହିଥିଲି ତା'ଠାରୁ ସମସ୍ତ ସମ୍ବନ୍ଧ ତୁଟେଇ ଦେବାକୁ ।

କିନ୍ତୁ......

ପ୍ଳାବନୀ ଭାଷା ଖୋଜି ପାଇଲା ନାହିଁ । ମହେନ୍ଦ୍ରବାବୁଙ୍କର

ମଧ୍ୟ ଉତ୍ତର ଶୁଣିବାକୁ ଧୈର୍ଯ୍ୟ ନଥିଲା । ସେ ଯେମିତି ଆସିଥିଲେ, ସେମିତି ଚାଲିଗଲେ । ପ୍ଲାବନୀ ବାପାଙ୍କ ଆଖିର ସାଙ୍କେତିକ ଭାଷା ବୁଝେ, ବୁଝିଲା । ପ୍ରଳୟଙ୍କରୀ ତୋଫାନ ଖଣ୍ଡେ ଉଠେଇଛି ମହେନ୍ଦ୍ର ବାବୁଙ୍କ ମୁଖ ମଣ୍ଡଳରେ । ପ୍ଲାବନୀ ଆଉ ରହି ପାରିଲା ନାହିଁ ଆସନରେ । ଧୀର ପଦକ୍ଷେପରେ ସେ ଆଗେଇଲା ବାପାଙ୍କ ପଛେ ପଛେ । ମହେନ୍ଦ୍ର ବାବୁ ସେତେବେଳକୁ ଟେଲିଫୋନ୍‌ର ରିସିଭରଟା ଉଠାଇ ଯୋଗସୂତ୍ର ସ୍ଥାପନ କରୁଛନ୍ତି ପୋଲିସ୍ ଏସ୍, ପି, ଙ୍କ ସଙ୍ଗରେ ।

ପ୍ଲାବନୀ ମୁଣ୍ଡରେ ରହସ୍ୟଟା ଧରା ପଡ଼ିଗଲା । ସେ ଧାଇଁ ଯାଇ ଅଭିରାମର ଚିଠି ଖଣ୍ଡିକ ଉଠାଇ ଦେଖିଲା । ଠିକଣାଟା ବ୍ରଜରାଜ ନଗରର । ତା'ର ଉପରେ ମହେନ୍ଦ୍ର ବାବୁଙ୍କ ଆଖି ଅଟକି ଥିଲା ସବୁଠୁ ବେଶି ବେଳଯାଏ । ପ୍ଲାବନୀ ସ୍ତବ୍ଧ ହୋଇ ଠିଆ ହେଲା ମୁହୂର୍ତ୍ତେ । ହଠାତ୍ ମୁଣ୍ଡଟା ତା'ର ଘୁରେଇବାକୁ ଲାଗିଲା । ହୁଏତ ଆଉ କେତେ ଘଣ୍ଟା ପରେ ଅଭିରାମର ସର୍ବନାଶ ହେବ । ପୋଲିସ ତାକୁ ଧରିଆଣି ଶାସ୍ତି ଦେବ । ହୁଏତ ବନ୍ଦୀକରି ରଖିବ ଜେଲ୍‌ର ଅନ୍ଧକାର ଗହ୍ୱରରେ । ଅଭିରାମ ଭାବିବ ପ୍ଲାବନୀ ତାର ସର୍ବନାଶ କରିଚି । ପ୍ଲାବନୀ ତାକୁ ହତ୍ୟା କରିଚି । ପ୍ଲାବନୀ ତା ଉଜ୍ଜ୍ୱଳ ଭବିଷ୍ୟତ ମୁହଁରେ କାଳି ବୋଳିଚି । ବିବ୍ରତ ହୋଇ ପଡ଼ିଲା ସେ । ଉପାୟ କ'ଣ ? କିପରି ସେ ବଞ୍ଚେଇବ ତା' ପ୍ରାଣପ୍ରିୟ ଅଭିକୁ ? ବାପାଙ୍କ କାର୍ଯ୍ୟ କଳାପରେ ଆଜି ତା'ର ବାଧା ଦେବାର ଶକ୍ତି ନାହିଁ । ତାଙ୍କ ମୁହଁରୁ ପ୍ରଳୟର ଯେଉଁ ସାଙ୍କେତିକାର ସନ୍ଧାନ ସେ ପାଇଛି, ତହିଁରେ ଅଭିର ନିସ୍ତାର ନାହିଁ । ସେ ଆଗପଛ କିଛି ବିଚାର କରି ନ ପାରି ଟେଲିଗ୍ରାମ ଫର୍ମ ଖଣ୍ଡିଏ ଟାଣି ଆଣିଲା । କ'ଣ

ଲେଖିବ ? ଅନ୍ୟଠାକୁ ପଳେଇ ଯିବାକୁ ଲେଖିବ ? ତାହେଲେ ହୁଏତ ସନ୍ଦେହ କରିବେ ପୋଷ୍ଟ ଅଫିସରେ । ତେବେ, ଓତବେ ?

ବାହାର ଖଣ୍ଡେ ଗାଡ଼ି ଆସି ତାଙ୍କ ଦୁଆରରେ ଅଟକିଲା । ପ୍ଲାବନୀ ମୁଣ୍ଡଟେକି ଦେଖିଲା ପୋଲିସ୍ ଏସ୍, ପି, ପଶି ଆସୁଛନ୍ତି ଭିତରକୁ ।

ସେ ଆଉ ଭାବିବାକୁ ଅବକାଶ ପାଇଲା ନାହିଁ । ସଙ୍ଗେ ସଙ୍ଗେ ଲେଖିଲା "ମୁଁ ମୃତ୍ୟୁ ଶଯ୍ୟାରେ, ଶୀଘ୍ର ଆସ ।" ଲେଖିସାରି ଟେଲିଗ୍ରାମଟି ପୋଷ୍ଟ ଅଫିସକୁ ପଠେଇ ଦେଲା ଗୋଟିଏ ଗୁଳର ହାତରେ । ମନ ପଟରେ ତାର ଫୁଟି ଉଠିଲା ଅଗଣନ ଭାବନା ।

ପୁଣି କବାଟ ଆଉଜେଇ ମହେନ୍ଦ୍ର ବାବୁ ଭିତରକୁ ପଶିଲେ । ପ୍ଲାବନୀ ଶଙ୍କି ଯାଇଥିଲା । ହୁଏତ ଏସ୍, ପି, ଆସୁଚନ୍ତି ପଛେ ପଛେ । କିନ୍ତୁ ମହେନ୍ଦ୍ର ବାବୁ ଏକା ଆସି ବସିଲେ ପ୍ଲାବନୀର ଲେଖା ଟେବୁଲ ଉପରେ । କ୍ଷଣିକ ଆଗର ଅଗ୍ନିଶିଖା ତାଙ୍କ ମୁହଁରୁ ଲିଭି ଯାଇଛି । ସେ ଯେମିତି ଶାନ୍ତ, ଧୀର, କମନୀୟ । ସତେ ଯେପରି କିଛି ହୋଇନି କେଉଁଠି । ମହେନ୍ଦ୍ର ବାବୁ ଧୀରେ ଧୀରେ ଆରମ୍ଭ କଲେ—

ଶୁଣିଚୁ ବନି ?

କ'ଣ ?

ସରକାର ଆମ ମିଲ୍‌ର ନୂଆ ଯୋଜନାକୁ ସମର୍ଥନ କରିଛନ୍ତି ?

ଅଉ ଟଙ୍କା ?

ମଞ୍ଜୁର କରିଛନ୍ତି ।

କ'ଣ ସମ୍ଭାଦ୍ୟ ?

ନା, କୋଟିଏ ପଚିଶ ଲକ୍ଷ ମଞ୍ଜୁର ହୋଇଛି । ବାକି ଏକକୋଟି ଟଙ୍କା ଅସନ୍ତା ବର୍ଷ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆଜି ସନ୍ଧ୍ୟାରେ ବୋର୍ଡ଼ ମିଟିଂ ଅଛି । ତୁ ସେଠାକୁ ଯିବାକୁ ସମସ୍ତେ ଅନୁରୋଧ କରିଛନ୍ତି । ଯୋଜନାଟା ତୋର ଯେତେବେଳେ, ସମସ୍ତଙ୍କର ଇଚ୍ଛା ତା'ର କାର୍ଯ୍ୟଭାର ତୁ ଗ୍ରହଣ କରିବୁ ।

କେବେଠାରୁ ?

ଏଇ ଅସନ୍ତା ସୋମବାର ଠାରୁ କାମ ଆରମ୍ଭ କରି ଦେବାକୁ ବୋର୍ଡର ଇଚ୍ଛା । ତୋ ମତ କ'ଣ ?

ମୋର କୌଣସିଥିରେ ଆପତ୍ତି ନାହିଁ ଯେ, ତେବେ ମୁଁ କାଲିଠାରୁ ୧୫ ଦିନ ଛୁଟି ପାଇଁ ଗୋଟାଏ ଦରଖାସ୍ତ ଦେଇଚି । ତା' ପରେ କାମ ଆରମ୍ଭ କଲେ ଭଲ ହୁଅନ୍ତା ।

କାହିଁକି, ହଠାତ୍ ତୋର ଛୁଟିର କ'ଣ ଦରକାର ପଡ଼ିଲା ? ତା' ଛଡ଼ା ତୋ ଆସିଷ୍ଟାଣ୍ଟ ବର୍ତ୍ତମାନ ଛୁଟିରେ ।

ସେଥିପାଇଁ ବିଶେଷ କିଛି ଅସୁବିଧା ହେବ ନାହିଁ । ମୁଁ ତାଙ୍କୁ ମଧ୍ୟ ଚିଠି ଲେଖୁଚି । ସେ ଆସି ଜଏନ୍ କରିବେ ।

କିନ୍ତୁ ହଠାତ୍ ତୋର ଛୁଟିର କ'ଣ ଦରକାର ପଡ଼ିଲା ?

ନାଁ, କିଛି ନୁହେଁ ଯେ, ଦେହଟା ମୋଟେ ଭଲ ଲାଗୁନି । ଭାବୁଛି ପୁରୀ ଯିବି ୧୫ଦିନ ପାଇଁ । ତା ଛଡ଼ା ମୀହାରିକାର ବାହାଘର । ସେ ଭାରି ଜଗର କରି ଲେଖିଛି ଯିବା ପାଇଁ । ନ ଗଲେ ଭାରି ମନ ଖରାପ କରିବ ।

ଆରେ ସେ ଖବର ତ ମୋତେ ଏତେବେଳ ଯାଏଁ କହୁନାହୁଁ । ସେ କେଉଁଠି ବାହା ହେଉଛି ?

କଳାହାଣ୍ଡିରେ

ନାଁ, ତା’ ବାହା ଘରକୁ ନ ଯିବାଟା ଅନ୍ୟାୟ ହେବ । ଅଚ୍ଛା ଶୁ, ଯା । ମୁଁ ଆଜି ଅମିତାଭ ବାବୁଙ୍କୁ କହିବି ତୋ’ ଅସୁବିଧା କଥା । ବୋର୍ଡ ମିଟିଂକୁ ଯିବୁ ?

ନାଁ, ଦେହଟା ମୋତେ ଭଲ ଲାଗୁନି । ଟିକେ କହିଦେବ ମୋ ପାଇଁ । କହିବ ମୋ ସ୍କିମ୍ ସମର୍ଥିତ ହୋଇ ଥିବାରୁ ମୁଁ ସରକାର ତଥା ମିଲ୍‌ର ଡିରେକ୍ଟର ବୋର୍ଡଙ୍କ ନିକଟରେ କୃତଜ୍ଞ ।

ପ୍ଲାବନୀକୁ କିଛି ଭଲ ଲାଗୁ ନଥିଲା । ହାବଡ଼ା ଷ୍ଟେସନର ଲୋକ ସମାଗମ ଭିତରେ ସେ ହଜେଇ ପାରୁ ନ ଥିଲା ମନଟାକୁ । ଦଶ୍ଚା ଓ ଶଙ୍କାର ମଣ୍ଡଳୀ ଭିତରେ ସେ ଏକ୍‌ଲା ହୋଇ ଲୋକ ଗଣୁଥିଲା ଯାହା । କାହିଁ ଅଭି ? ଟେଲିଗ୍ରାମଟା କ’ଣ ପାଇଲେନି ଯଥା ସମୟରେ ? କ’ଣ ଅବସ୍ଥା ହୋଇଥିବ ଅଭିର ?

ନମସ୍କାର ପ୍ଲାବନୀ ଦେବୀ ।

ପ୍ଲାବନୀ ବୁଲି ଅନେଇଲା । ସୀତାକାନ୍ତ ବାବୁ ହସି ହସି ଆଗେଇ ଆସୁଚନ୍ତି । ସୁଟ୍ ବୁଟ୍‌ର ଦାମି ଆବରଣକୁ ସୁରଭିତ କରୁଛି ମାନ୍ଦୋପୋଲୋ ସିଗାରେଟର ଭୁରୁ ଭୁରୁ ଗନ୍ଧ । ଗୋଲ୍ଡ଼ ଫ୍ରେମ ବଢେଇ ଚଷମାଟାକୁ, ଆଖିରୁ କାଢି ରୁମାଲରେ ପୋଛୁ ପୋଛୁ କହିଲେ—

କାହା ପ୍ରତୀକ୍ଷାରେ ?

ମୋର ଜଣେ ବାନ୍ଧବୀଙ୍କର ।

କ'ଣ ଏଇ ଟ୍ରେନରେ ଆସିବାର ଥିଲା ?

ନା, ପରବର୍ତ୍ତୀ ଟ୍ରେନ୍‌ରେ ଆସିବେ ।

ପ୍ଲାବନୀ ଚୁପ୍ ହୋଇ ଯାଉଥିଲା । ସତେ ଯେପରି ମନର ଆଗ୍ରହ ମରି ମରି ଆସୁଛି । ଉଦାସୀନତାର ଅସ୍ପଷ୍ଟ ଛାୟା ସ୍ପଷ୍ଟ ହୋଇ ଆସୁଛି ଧୀରେ ଧୀରେ । ସୀତାକାନ୍ତ ପ୍ଲାବନୀକୁ ଅନୁସରଣ କଲା । ଟିକିଏ ଆଗକୁ ବଢ଼ିଯାଇ କହିଲା—

ବାପାଙ୍କ ଠାରୁ କାଲି ଶୁଣିଥିଲି ଆପଣଙ୍କ କଥା ।

ମୋ କଥା ?

ମାନେ ଆପଣଙ୍କର ସେଇ ସ୍କିମ୍‌ଟା କୁଆଡ଼େ ସମର୍ଥିତ ହୋଇଛି । ଆହୁରି ଶୁଣିଲି ଆପଣ କୁଆଡ଼େ ସେ ସ୍କିମ୍‌କୁ କାର୍ଯ୍ୟକାରୀ କରିବା-ପାଇଁ ଶ୍ରେଷ୍ଠ ପଦରେ ନିଯୁକ୍ତ ପତ୍ର ପାଇବେ ।

ମୁଁ ବି ସେଇଆ ଶୁଣିଥିଲି । କିନ୍ତୁ ଆପଣ ଏଣେ କୁଆଡ଼େ ?

ମୁଁ ଇଂଲଣ୍ଡ ଯାଉଛି । ଶୁଣି ନାହାନ୍ତି ବୋଧେ ।

କଣ ଏଇ ଗାଡ଼ିରେ ?

ନା ନା, ମୁଁ ଆର ମାସରେ ଯିବି । ସମସ୍ତ ଆୟୋଜନ ସରିଲଣି ।

ସେ କଥା ବାପାଙ୍କଠାରୁ ଶୁଣିଥିଲି । କିନ୍ତୁ ବର୍ତ୍ତମାନ ଏଠାରେ କାହିଁକି ? କେହି କୁଆଡ଼ୁ ଆସିବାର ଅଛି ନା କଣ ?

ଥିଲା । ଏଇ ଗାଡ଼ିରେ । କିନ୍ତୁ ବୋଧହୁଏ ତାଙ୍କ ଆସି ନାହାନ୍ତି । ଫେରିଯିବି । ଆପଣ କେତେବେଳେ ଫେରିବେ ?

ମୁଁ କିନ୍ତୁ ଗାଡ଼ି ଆଣିଥିଲି ।

ମୁଁ ବି ଅଣିଶ । ମୋର ଡେରି ହେବ ଯିବାକୁ । ଆପଣ ଚାଲି ଯାଇ ପାରନ୍ତି ।

ପ୍ଲାବନୀ ପୁଣି ଅଗେଇଲା । ୭ନମ୍ବର ପ୍ଲାଟ ଫର୍ମରେ ଗୋଟାଏ ଗାଡ଼ି ଆସି ଲାଗିଲା । ଏଇଟା ପ୍ରତୀକ୍ଷାର ଶେଷ ଶିଖା । ଲଭିବ କି ରହିବ କିଏ ଜାଣେ ! ପ୍ଲାବନୀ ଧାଇଁଲା ସେଇ ଆଡ଼କୁ । ପଛେ ପଛେ ସୀତାକାନ୍ତ । ଭାରି ଖରାପ ଲାଗୁଥିଲା ପ୍ଲାବନୀକୁ । ମୁହଁ ଖୋଲି କହି ପାରୁ ନଥିଲା କିଛି । ତଥାପି ଅଟକିଲା ନିମିଷେ । ପଚାରିଲା—

ଭିତରକୁ ଯିବେ କି ?

ଭାବୁଚି, କାଲେ ଯଦି ଏଇ ଗାଡ଼ିରେ ଆସିଥାନ୍ତି ।

କେଉଁଠୁ ଆସିବାର ଥିଲା ?

ପୁରୀରୁ ।

ପୁରୀ ଗାଡ଼ି ବହୁ ପୂର୍ବରୁ ଆସି ସାରିଛି । ଏଇଟା ବମ୍ବେରୁ ଆସିଲା ।

ସୀତାକାନ୍ତର ଲେଉଟିବାର ଆଗ୍ରହ ନଥିଲା । ତଥାପି ଭଦ୍ରତାର ସୀମାଟିପି ପାରିଲା ନାହିଁ । ଲେଉଟିଲା ସେଇଠୁ । ପ୍ଲାବନୀ ଦ୍ରୁତ ପଦକ୍ଷେପରେ ଅଗେଇଲା ପ୍ଲାଟଫର୍ମ ଭିତରକୁ । ଗୋଟିଏ ଥାର୍ଡକ୍ଲାସ କମ୍ପାର୍ଟମେଣ୍ଟ ଭିତରୁ ଅଭିରାମ ଓହ୍ଲାଇଚି ଅନ୍ୟମନସ୍କ ଭାବରେ । ଆଗକୁ ପଛକୁ କୌଣସି ପ୍ରତି ଲକ୍ଷ୍ୟ ନାହିଁ ତାର । ଭାବନାର ଅଜସ୍ର କଣିକା ଫୁଟି ଉଠୁଚି ମୁଖ ମଣ୍ଡଳରୁ । ବେଶ ଅବିନ୍ୟସ୍ତ । ପାଦ ବିପର୍ଯ୍ୟସ୍ତ ।

ପ୍ଲାବନୀ କୁତୁହଳ ଉଠିଲା । ସେ ଭୁଲିଗଲା ସେଇଟା ଷ୍ଟେସନ ବୋଲି । ଆବେଗରେ ଜାବୁଡ଼ି ଧରିଲା ଅଭିରାମକୁ । ହଠାତ୍ ଚମକି ପଡ଼ିଲା ଅଭିରାମ । ବିସ୍ଫାରିତ ନୟନରେ ଚାହିଁ ରହିଲା ପ୍ଲାବନୀ

ଅଚ୍ଛେ । ଭାଷା ସ୍ଫୁରିଲା ନାହିଁ ଓଷ୍ଠରୁ । ଦୁଃଖରେ ଭାଙ୍ଗି ପଡ଼ିଲା ଅଭିରାମର ହୃଦୟ । ଠକିଛି ତାକୁ ପ୍ଲାବନୀ । ତା' ଗନ୍ତ ପଥରେ ଏହିପରି ବାଧା ଉପୁଜେଇ ଚାଲିଛି ସେ । ମିଛ ଟେଲିଗ୍ରାମ କରି ତାକୁ ଟାଣି ଆଣିଛି ପ୍ଲାବନୀ । ସେ ଚାହୁଁଥିଲା । ନିରୀହ ଶିଶୁଟି ପରି ପ୍ଲାବନୀ ଆଖିରେ ଅତି ସରଳ ଚାହାଣୀ । ମୁହଁରେ ଆନନ୍ଦର ଉଚ୍ଛୁଳା ବନ୍ୟା । ଅଭିରାମ କିଛି ବୁଝିପାରୁ ନ ଥିଲା । ସେ ଭାବୁଥିଲା ଏଇ ମୁହୂର୍ତ୍ତରେ ପ୍ଲାବନୀ ଠାରୁ ସମସ୍ତ ସଂପର୍କ ତୁଟେଇ ଦେଇ ପୁଣି ଲେଉଟିଯିବ, ତା' ଭାଗ୍ୟ ସ୍ଥଳୀକୁ ।

ଚଞ୍ଚଳ ହୋଇ ଉଠିଲା ପ୍ଲାବନୀ । କ୍ଷଣକ ଆଗର ସରଳ ଉଲ୍ଲାସ ମୁଖ ମଣ୍ଡଳ ଉପରେ ଫୁଟି ଉଠିଲା ଅରକ୍ତିମା । ସୀତାକାନ୍ତ ଦୋହଲି ଦୋହଲି ଆସୁଛି ସେଇଆଡ଼େ । ପ୍ଲାବନୀ ଚଞ୍ଚଳ ହୋଇ ଉଠିଲା । ଉଦ୍ଧତ୍ ବେଗରେ ଅଭିରାମର ହାତ ଛାଡ଼ିଦେଇ କେବଳ କହିଲା—

ତମେ ମୋ କଥା ରଖ ଅଭି । ତମେ ଅନ୍ୟ କୁଆଡ଼େ ନ ଯାଇ ଏଇ ମୁହୂର୍ତ୍ତରେ ଚାଲିଯାଅ ଗ୍ରେଟଇଷ୍ଟର୍ଣ୍ଣ ହୋଟେଲକୁ । ୭ ନମ୍ବର ରୁମ୍ ତମ ପାଇଁ ରିଜର୍ଭ ଅଛି । ମୁଁ ଶୀଘ୍ର ପହଞ୍ଚିବି ସେଠାରେ । ସବୁକଥା ଗଲେ ଜାଣି ପାରିବ । ମୋ ରାଣ ଅଭି । ମୋ କଥା ରଖି ତମେ ସିଧା ସେଠାକୁ ଚାଲିଯାଅ ।

ପ୍ଲାବନୀ କ୍ଷିପ୍ର ଗତିରେ ଘୁଞ୍ଚିଗଲା ଅଭିରାମ ନିକଟରୁ । କେବଳ ଜକ ଜକ କରି ଚାହିଁଥିଲା ଅଭିରାମ । ତା'ର ମନେ ହେଉଥିଲା, ସେ ଯେପରି ପହଞ୍ଚିଛି ଆସି ଏକ ମାୟା ପୁରୀରେ । ଚତୁର୍ଦ୍ଦିଗରେ ଜନ ଗହଳି । ଅଭିରାମର ଭାବନା ଗୁଡ଼ାକ ଧୂଆଁଳିଆ ହୋଇ ଉଠୁଥିଲା ।

ସୀତାକାନ୍ତ ନିକଟରେ ପ୍ଲାବନୀ ପହଞ୍ଚି କହିଲା—

ନା, ସେ ଆସି ନାହାନ୍ତି । ମୁଁ ଯାଉଛି । ଗୋଟାଏ ଭୁଲ କରି ଆସିଛି ଘରେ ।

ସୀତାକାନ୍ତ ଚଞ୍ଚଳ ହୋଇ ଉଠି କହିଲା—

ମୋର ଆଉ କାମ କଣ ? କେବଳ ଆପଣଙ୍କୁ ଅପେକ୍ଷା କରୁଥିଲି । ଚାଲନ୍ତୁ, ମୁଁ ମଧ୍ୟ ଯିବି ।

ଅଭିରାମ ଲକ୍ଷ୍ୟ କଲା ଦୁହିଁଙ୍କୁ । ବୋଧହୁଏ କଥାବାର୍ତ୍ତା ଶୁଣି ପାରିଲାନି କାହାରି । କିନ୍ତୁ ସେମାନଙ୍କ ପଛେ ପଛେ ଅନୁସରଣ କରିବାକୁ ଚେଷ୍ଟା କଲା କିଛି ଦୂର । ନିକଟରେ ପହଞ୍ଚିଲା ବେଳକୁ ଦୁହେଁ ଷ୍ଟାର୍ଟ ଦେଉଛନ୍ତି ଦୁଇଟି ମଟରରେ । ପ୍ଲାବନୀ ଏକ ଅସହାୟ କରୁଣ ଚାହାଣୀରେ ଥରେ ଚାହିଁଲା ଅଭିରାମ ଆଡ଼େ । ସେ ଚାହାଣୀ ନମ୍ର, କରୁଣ, ମିନତି ଭରା । ଅଭିରାମ କିଛି ଭାବିବା ପୂର୍ବରୁ ମଟର ଦୁଇଟି ଦୂରେଇ ଗଲା ତା' ଆଖି ଆଗରୁ ।

ଅଭିରାମ ଅଗତ୍ୟା ଥିଲା । ପାଦ ଯୋଡ଼ିକ ଉପରୁ ଆଜି ବି ସେ ବିଶ୍ୱାସ ହରେଇ ନାହିଁ । ତାକୁ ବଞ୍ଚେଇ ରଖିବାର ଶ୍ରେଷ୍ଠ ସହାୟକ ତା'ର ସେଇ ପାଦ ଯୋଡ଼ିକ । ତେଣୁ ଟ୍ରାମ, ବସ୍ ଓ ଟ୍ୟାକ୍ସିର ବହୁଳତା ଭିତରେ ଅଭିରାମ ଅବିଚଳିତ ଭାବରେ ପାଦ ଯୋଡ଼ିକୁ ଚାଳନା କରୁଥିଲା । ବେଳେ ବେଳେ ଦୁଇ ଫାଙ୍କରୁ ମନ ଖସି ଆସି ବୁଲୁଥିଲା ଏଣେ ତେଣେ । କ'ଣ ସେ କରୁଛି ? କାହା ପଛରେ ସେ ଧାଉଁଛି ? ଖାଲି ସମସ୍ୟା । ସମାଧାନ ନାହିଁ ।

ଗ୍ରେଟଇଷ୍ଟର୍ଣ୍ଣ ହୋଟେଲର ୭ନମ୍ବର ରୁମ୍‌ରେ ପାଦ ଆପିଲା ବେଳକୁ ଅଭିରାମ ଦେଖିଲା ପ୍ଲାବନୀ ତାକୁ ଅପେକ୍ଷା କରି ବସିଛି ।

ମୁହଁରେ ତା'ର ଅବ୍ୟକ୍ତଭାବ ଭଙ୍ଗୀ । ଅଭିରାମ ଧୀର ଓ ଶାନ୍ତ ଗଳାରେ ପଚାରିଲା—

କ'ଣ ହେଉଛି ବିନା ? ତୁ ଏତେ ଉଦାସ ଆଉ ଚଞ୍ଚଳ ଦିଶୁଚୁ କାହିଁକି ?

ପ୍ଲାବନୀର ଦୀର୍ଘଶ୍ୱାସ ବୋଧହୁଏ ତା' ଚଞ୍ଚଳତାକୁ ଲଘୁ କରିଦେଲା । ସତେ ଯେପରି ଏତେବେଳକେ ସେ ଅଥଳ ସାଗରରେ ଥଳ ପାଇଛି । ଅଭିରାମର କଥା ପଦକ ତା' ପ୍ରାଣ-ମନ୍ଦିରେ କୁସୁମ ବିକଶିତ କରିଛି । ସେ ଧୀର ଗଳାରେ କହିବାକୁ ଚେଷ୍ଟା କଲା, କିନ୍ତୁ କମ୍ପି ଉଠିଲା ତା'ର ସ୍ୱର ।

ତମ ପାଖରେ ମୋର ଗୋଟାଏ ବିଶେଷ ଦରକାର ଅଛି ଅଭି !

ଅଭିରାମ ଖାଲି ଚାହିଁଲା ପ୍ଲାବନୀକୁ । ସେ ଚାହାଣୀ ଯେପରି ଅତି ପୁରୁଣା, ଅତି ପରିଚିତ । ହସିଲା ଟିକିଏ,

ସେଇ କଥା ତ ଲେଖି ପାରିଥାଆନ୍ତୁ । ହଠାତ୍ ଅସମୟରେ ଏପରି ଗୋଟାଏ ଦୁଃସମ୍ବାଦର ଛଳନା କରି ମୋତେ ତାର ଠକିବା କ'ଣ ସଙ୍ଗତ ହେଲା ?

ପ୍ଲାବନୀ ଆଖିରେ ଅଶ୍ରୁ ଜମି ଆସିଲା । ବର୍ଷା ସୂଚକ ଆକାଶ ପରି ପ୍ଲାବନୀର ମୁଖ ମଣ୍ଡଳରେ ଘୋଟି ଆସିଲା ଆକୁଳତା । ସେ ଅଭିରାମର ହାତ ଯୋଡ଼ିକ ଚିପି ଧରି କହିଲା—

ମୋତେ କ୍ଷମା କରିବ ଅଭି । ମୋର ଆଉ ଅନ୍ୟ ଉପାୟ ନଥିଲା । ମୁଁ ଯେ କେତେ କଷ୍ଟରେ, କିପରି ବାଧ୍ୟ ହୋଇ ଏ ମିଥ୍ୟାର ଆଶ୍ରୟ ନେଲି, ତମେ ସେ କଥା ଉପଲବ୍ଧି କରି ପାରିବ ନାହିଁ । ମୋର ଅନ୍ୟ ଉପାୟ ନ ଥିଲା ଅଭି, ଅନ୍ୟ ଉପାୟ ନ ଥିଲା ।

ଚିନ୍ତ

ଅଭିରାମ ଗୋଟିଏ ସୋଫା ଉପରେ ନିଜର ଅବଶ ଶରୀରଟାକୁ ଲୋଟେଇ ଦେଇ ତା' ମୁଣ୍ଡର ନୁଖୁରା ବାଳ କେରାକରେ ଅଙ୍ଗୁଳି ସଂଚାଳନ କରୁଥିଲା। ବେଳେ ବେଳେ ମୂଠେଇ ଧରି ହୁଏତ ମୁଣ୍ଡ ଠାରୁ ବାଳ କେରାକ ଅଲଗା କରି ଦେବାକୁ ଚେଷ୍ଟା କରୁଥିଲା। ଭାବନାର କଣିକା ଏତେ ତା' ଭିତରେ ଯେ କେଉଁଟାକୁ ପ୍ରଶ୍ରୟ ଦେବ କେଉଁଟାକୁ ନ ଦେବ କିଛି ଠିକଣା କରି ପାରୁ ନ ଥିଲା। 'ସେ ଅଭିଥରେ ଚାହିଁଲା ପ୍ଲାବନୀ ଆଡ଼େ। ଚାହାଣୀରେ ତା'ର ପୂରି ରହିଛି ଅସୀମ ବେଦନା। ହସିଲା। ଉଠି ଆସି ବସେଇଲା ପାଖରେ। ରକ୍ତିମ ଓଷ୍ଠାଧାରରେ ତାର ଅଙ୍ଗୁଳି ଚାଳି କହିଲା--

ପାଗଳୀ, ଜୀବନର ମଧ୍ୟାହ୍ନରେ ବି ତୁ କୈଶୋରକୁ ଚିପି ପାରିଲୁ ନାହିଁ।.

ପ୍ଲାବନୀର ମନ ହେଉଥିଲା ସେ ଏଇ ମୁହୂର୍ତ୍ତରେ ଦୁନିଆ ଠାରୁ ସମସ୍ତ ସଂପର୍କ ତୁଟେଇ ଦେଇ ଅଭିରାମ ଛାତିରେ ମଥା ଗୁଞ୍ଜି ଅବସରେ ଆଖି ବୁଜନ୍ତା। ଭୁଲି ଯାଆନ୍ତା ଆଦର୍ଶ ଆଉ ନୀତିବାଦ। ମନପଟର ଭାବନା ଫଳକ ଉପରେ କାଟି ଦିଅନ୍ତା କସ୍ ଦାଗ। ସେଥିରେ ହୁଏତ ତା'ର ବାହୁର କଷ୍ଟ ବଢ଼ନ୍ତା। କିନ୍ତୁ ଅନ୍ତରର ଶୀତଳତା ଘଟେଇ ଆସନ୍ତା ଅଧିକ ଅଧିକ। ଅଭିରାମ ପୁଣି ଚାହିଁଲା ପ୍ଲାବନୀର ମୁଖ ଦର୍ପଣକୁ। ସେଠି ମାନ ନାହିଁ, ଅପମାନ ନାହିଁ। ଦର୍ପ, ଦମ୍ଭ, ଅହଂକାର ନାହିଁ। ସତେ ଯେପରି ଧୂସର ମରୁରେ ଏକ ରକ୍ତ ଗୋଲାପ ଥରୁଛି। ସେ ଲୋଡ଼ୁଛି ଜଳ, ସେ ଖୋଜୁଛି କୂଳ। ଅଭିରାମ ଖୁବ ଜୋରରେ ହସି ଉଠିଲା। ହସ ଥମେଇ କହିଲା—

ଛି ନନି ! ଏ କଣ କରୁଚୁ ! ଅସ୍ପ କସ୍ତୁଭ ବନ୍ଧୁଙ୍କରେ ସଦା ମୋର ବିଦ୍ରୋହ । ଭୁଲ୍ କରନା । ଅସ୍ପୃଷ୍ଟ ହ ।

ଅଭି, ମୋର ଗୋଟିଏ ଅନୁରୋଧ ରଖିବ ?

ଦିନଥିଲା, ଗୋଟିଏ କାହିଁକି, ତୋର କୋଟିଏ ଅନୁରୋଧ ରକ୍ଷା କରିଥିଲି ନିର୍ବିଚାରରେ । କିନ୍ତୁ ଆଜି ଗୋଟିଏ ରଖିବା ପାଇଁ ବି ମୋତେ 'କୋଟିଏ ଥର ବିଚାର କରିବାକୁ ପଡ଼ିବ । ତେବେ ରଖିଲା ଭଳି ହେଲେ ନିଶ୍ଚୟ ରଖିବି ।

ଅଚ୍ଛା ଅଭି, ତମେ କ'ଣ ମୋର ମଙ୍ଗଳ ଚାହଁନି ?

ମୁଁ ତ ନାହିଁ କରିନି ।

ତେବେ ତମେ ଏତେ ବଦଳିଲ କାହିଁକି ?

ଜଗତରେ ସବୁ କିଛି ବଦଳୁଚି, ମୋ ବଦଳିବାରେ ତୁ ଆଶ୍ଚର୍ଯ୍ୟ ହେଉଚୁ ?

ମୁଁ କିନ୍ତୁ ତମଠାରୁ ବହୁତ ଆଶା କରିଥିଲି । ଜାଣିଚ ! ମୁଁ ଭାରତ କଟନ ମିଲ୍ ସବୁ ଅତ୍ୟାଧୁନିକ ପ୍ରଣାଳୀରେ ପରିଚାଳନା କରିବା ପାଇଁ ସରକାରଙ୍କୁ ଗୋଟାଏ ନୂଆ ସ୍କିମ୍ ଦେଇଥିଲି ଏବଂ ସେଇ ସ୍କିମ୍‌ଟାକୁ ସରକାର ସମର୍ଥନ କରିଛନ୍ତି ।

ତା'ପରେ ?

ସେଥିପାଇଁ ସରକାର କୋଟିଏ ପଚିଶ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

ଅଟକିଲ କାହିଁକି ?

ମୋର ଆଶାଥିଲା ଦୁହେଁ ମିଶି ଏଇ କାମନାକୁ ରୂପ ଦେଇ ଥାଆନ୍ତେ । ତମକୁ ମୁଁ ସହକର୍ମୀ ହିସାବରେ ପାଇଥିଲେ ମୋର ଉତ୍ସାହ ଲକ୍ଷେ ଗୁଣରେ ବଢ଼ି ଯାଇ ଥାଆନ୍ତା । ଦୁହେଁ ମିଶି ଜଗତକୁ ଦେଖେଇ ଦେଇ ଥାଆନ୍ତେ......

ଜନ ! ମୁଁ ଆଜ ଥରେ ଜହୁଛ ତୁ ପକୁଛନ୍ତୁ ଛ । ଯଦ ତୋର ଏହ ସୁଖ ସମ୍ବାଦ ଶୁଣେଇବା ପାଇଁ ମୋତେ ଏତେ ବାଟରୁ ଡାକ ଅଣିଥାଅ, ତା'ହେଲେ ମୁଁ ମୋଟେ ଖୁସି ହୋଇ ପାରିବ ନାହିଁ । ଅଉ ଯଦ ପୁଣି ସେଇ ପୁରୁଣା ପୋଥିର ପନ୍ନ ଓଲଟାଅ ତା'ହେଲେ ଆମ ସମ୍ପର୍କରେ ମୁଁ ଚିରଦନ ପାଇଁ ପୂର୍ଣ୍ଣଛେଦ ଟାଣି ଦେବ ।

ପ୍ଲାବନୀ ଅଧୀର ହୋଇ ପଡ଼ଲା । ବୁଝିଲା ଅଭିରାମ ଭୀଷଣ ଆଘାତ ପାଇଛ । ସେ କଥାର ସୁଅ ବଦଳେଇବାକୁ ଯାଇ କହିଲା—

ତମେ ବୁଝିନ ଅଭ ! ଏହା ଭିତରେ ମୁଁ ଖୁବ୍ ଅସୁସ୍ଥ ହୋଇ ପଡ଼ିଛ । ଡାକ୍ତରଙ୍କର ମତ ଯେ ମୁଁ ଯଦ ସମସ୍ତ ଦୁର୍ଭାବନାରୁ ନିଜକୁ ବଞ୍ଚେଇ ନ ପାରେ, ତା'ହେଲେ ଯକ୍ଷ୍ମା ମୋତେ ଆକ୍ରମଣ କରିପାରେ ।

ଅଭିରାମର ଭାବାନ୍ତର ଘଟିଲା । ମୁଖରେ ତା'ର କଠିନତା ଫୁଟି ଉଠିଲା । ପ୍ଲାବନୀକୁ ଉତ୍ତର ଦେବା ପାଇଁ ଭାଷା ଖୋଜି ପାଇଲାନ । ପ୍ଲାବନୀ ଆରମ୍ଭ କଲା—

ମୁଁ ଅଜି ଠାରୁ ୧୫ ଦନ ଛୁଟି ନେଇଛୁ । ଆଶା କରେ ସେଇ ୧୫ଟି ଦନ ତମ ସଙ୍ଗରେ କଟେଇବ ବୁଲି ବୁଲି । ବାସ୍ ଏତକ । ଏତକ ମୋର ଶେଷ ଅନୁରୋଧ । ରଖି ପାରିବ ? ପ୍ଲାବନୀ ଅନେଇଲା ସତୃଷ୍ଣ ନୟନରେ ।

ଅଭିରାମ ନିଶ୍ଚଳ ପାଷାଣ ପରି ବସି ରହିଲା ସେଇଠି । ସତେ ଯେମିତି ଯୁଗ ଯୁଗର ମୂକ ମୂରତି ସେ, କେବଳ ଜଙ୍ଗଲରେ ବସି ରହିଛ । କାଳର ତାଳ ସଙ୍ଗରେ ତା'ର ନିବଂଧ ନାହିଁ, ସମ୍ବନ୍ଧ ନାହିଁ ।

ପ୍ଲାବନୀ ଧୀରେ ଧୀରେ ଉଠିଲା । ଶରୀର ତାର କ୍ଲାନ୍ତ, ପାଦ ତା'ର ଅବଶ, ମସ୍ତିଷ୍କ ତା'ର ଗହ୍ବରଗ୍ରସ୍ତ । ବାହାରକୁ ବାହାର ଯିବା ଆଗରୁ କହିଲା—

ମୋର ଯାହା କହିବାର ଥିଲା କହିଗଲି । ରଖି ପାର ନ ରଖି ପାର । ମତବାଦର ସଂଘର୍ଷ ନିକଟରେ ଆମ ଜୀବନ ଡୋର ଦ୍ୱିଖଣ୍ଡିତ ହୋଇଛି । ତେଣୁ ବାଧ୍ୟ ବାଧକତାର ପ୍ରଶ୍ନ ଆଜି ମୋଟେ ଉଠିପାରେନା । ଯାଉଛି ମୁଁ । ସନ୍ଧ୍ୟା ସାତଟା ବେଳକୁ ପ୍ରସ୍ତୁତ ହୋଇ ଆସିବି । ଯଦି ପାର ମୋ ଜୀବନ ରକ୍ଷା ଦିଗରେ ସହାନୁଭୂତି କରିବ । ନୋଇଲେ ତମ ବାଟରେ ତମେ ଅଗେଇ ଯିବ । ତେଣିକି ମୃତ୍ୟୁର ଅମୃତ ଗୁଣ୍ଡୁ ଗୁଣ୍ଡୁ ମୁଁ ଯଦି ବଞ୍ଚିଯାଏ, ହୁଏତ ସାକ୍ଷାତ ହେବ ଅଉଥରେ । ନ ହେଲେ......

ଅସମାପିକାର ଗୋଟାଏ ଲମ୍ବା ଗାର ଟାଣି ବାହାରିଗଲା ପ୍ଲାବନୀ । ଅବସନ୍ନ ମୁଣ୍ଡଟାକୁ ଅଞ୍ଜୁଳି ଯୋଡ଼ରେ ଚୁପି ଧରି ବସି ରହିଲା ସେଇଠି, ପୂର୍ବପରି ।

ଅସ୍ତ ଲଗ୍ନର ରକ୍ତିମା ଭିତରେ ହସୁଥିଲା ଭୁବନେଶ୍ୱରର ବଣ, ପାହାଡ଼, ମନ୍ଦିର । ପ୍ଲାବନୀ ମୁହଁରେ ଉଦୟ ଲଗ୍ନର ଆଭା । ସଜସଣୀ ମନ୍ଦିର ଗାତ୍ରର ଶିଳ୍ପ-ଶୈଳୀ ଆଡ଼େ ଦୃଷ୍ଟି ପ୍ଲାବନୀ ମୁଗ୍ଧ ହୋଇଛି । ବିଭୋର ହୋଇଛି ଅଭିରାମର ବାହୁଲତା ଆଶ୍ରୟ ନେଇ । ଦୂରରେ, ତାଙ୍କ କେଉଁ ଅତଳ ଗହ୍ୱରରେ ପଡ଼ି ରହିଛି ନୀତି, ଆଦର୍ଶ, ଅହଂକାର । ପ୍ଲାବନୀ ମୁଖ ମଣ୍ଡଳରେ ଯସର ଟସ୍କ ବୋଳି ପଚାରିଲା—

ଅଭି, ମନ୍ଦିର ଗାତ୍ରର ଏଇ କାରୁକାର୍ଯ୍ୟ ଦେଖିଲେ କଳିଙ୍ଗ ଶିଳ୍ପୀର ସୂକ୍ଷ୍ମ ଶିଳ୍ପ କୌଶଳର ପରିଚୟ ମିଳେ । ଆଜି ତମ ସହିତ ଏତେ ନିବିଡ଼ ବନ୍ଧନରେ ରହି ସୁଦ୍ଧା ତମ ମନ ଦର୍ପଣରେ ମୋର ପ୍ରତି ଫଳନ ଆଜି ଦେଖି ପାରେନା ।

ଅଭିରାମ ପ୍ଲାବନୀକୁ ଆଉଟିକେ ପାଖକୁ ବସେଇ କହିଲା—

ଭୁଲ୍‌ନା ବନି । ଦର୍ପଣରେ ପାରା ଥିବାଯାଏ ଅନ୍ୟର ପ୍ରତିଫଳନ ସ୍ପଷ୍ଟ ଭାବରେ ପ୍ରତିଫଳିତ ହେଉଥାଏ । କିନ୍ତୁ ଦର୍ପଣରୁ ପାରା ଟିକକ ଛାଡ଼ିଗଲେ ଦର୍ପଣର ମହତ୍ତ୍ୱ ସରିଯାଏ ।

ପ୍ଲାବନୀ ହସିଲା । ହୁଏତ ଆଗ୍ରହ ନ ଥିଲା ତା'ର ଅଭିରାମ ସହିତ ମିଥ୍ୟା ତର୍କ କରିବାକୁ । ସେ ଉଠିଲା । ଅଭିରାମର ହାତ ଧରି ଟାଣିଲା । ଚାଲ, ବଣ, ମନ୍ଦିର । ଭୁବନେଶ୍ୱରର

ଭୁବନ ମୋହିନୀ ଶରୀର ଭିତରେ ବନ୍ଦି ନିମଜ୍ଜିତ ହୋଇ ଯିବାକୁ ବସିଥିଲା । ସେ ଅନୁଭବ କରି ପାରୁ ନଥିଲା ଅଭିରାମର ସତ୍ତା । ତା'ର ମନେ ହେଉଥିଲା ତୁମେ ମିଶି ଗୋଟିଏ ନିର୍ଝରଣୀ । କିଏ କେଉଁ ପାହାଡ଼ରୁ ଝରି ବା କିଏ କେଉଁ ପର୍ବତରୁ ଖସି ପଥ-ପ୍ରାନ୍ତରର ସମ୍ମିଳିତ ହୋଇଛନ୍ତି, ବନ୍ଦି ସେ କଥା ମୋଟେ ଭାବୁ ନାହିଁ । ତାର ମନେ ହେଉଛି ତୁମେ ସାଗର ସଙ୍ଗମ ପାଇଁ ଅବିଶ୍ରାନ୍ତ ଭାବରେ ଛୁଟିଛନ୍ତି ।

ହଠାତ୍ ଗୋଟାଏ ଜାଗାରେ ଅଭିରାମ ଅଟକି ଯାଇ ପଚାରିଲା—

ଆଉ କୁଆଡ଼େ ବନ୍ଦି ? ଅନ୍ଧକାର ସଙ୍ଗକୁ ଜଙ୍ଗଲର ଗଭୀରତା କମେ ବଢ଼ି ଉଠୁଛି । କୁଆଡ଼େ ଯିବା ?

ଯୁଆଡ଼େ ଇଚ୍ଛା ହେବ । ତମେ ବାଧା ଦଅନି ଅଭି । ଚାଲି ଆସ ମୋ ପଛେ ପଛେ ।

ଅଭିରାମ କୌଣସି ବାଧା ଦେଲା ନାହିଁ । କ୍ଷୁଦ୍ର କ୍ଷୁଦ୍ର ବୃକ୍ଷଲତା ଆଡ଼େଇ, ଚାଲିଲା ପ୍ଲାବନୀ ପଛେ ପଛେ ।

ପ୍ଲାବନୀ ପହଞ୍ଚିଲା ନିଘଞ୍ଚ ବଣ ଭିତରେ । ଅର୍ଦ୍ଧଭଗ୍ନ ମନ୍ଦିରଟିଏ ଦାମ୍ଭିକ ପରି ଠିଆ ହୋଇଛି । ତା' ମୁଣ୍ଡ ଉପର ଦେଇ ବହି ଯାଇଛି ଯୁଗ-ଝଞ୍ଜା । କେତେ ଭଙ୍ଗା, ଗଢ଼ା, ହସ-କାନ୍ଦ ସେ ହୁଏତ ଦେଖିଛି ଯୁଗ ଯୁଗ ଧରି । ମୂକ ସାକ୍ଷୀ ହୋଇ । କିନ୍ତୁ କିଛି ମନେ ରଖି ପାରି ନାହିଁ, ଅଥବା ଅସୀମ ବେଦନା ଭିତରେ ହୃଦୟ ତା'ର ବିଦୀର୍ଣ୍ଣ ହୋଇ ପାରୁଛି, ଅଥବା ଅଭିରାମ ଆଉ ପ୍ଲାବନୀ ପରି କେତେଜଣ ଦମ୍ପତି ଜନ ଅସି ତାଂ ଚରଣ ଅଶ୍ରୁ-ଧୌତ କରି ଯାଇଛନ୍ତି । ଅଭିରାମର ଭାବନା କିନ୍ତୁ

ଅଟେଇ ପାରିଲା ନାହିଁ । ପ୍ରାର୍ଥନା ତା ହାତକୁ ହଲେଇ ଦେଇ କହିଲା—

ଆସ ସେ ପାଖକୁ ଯିବା । ଗୋଟିଏ ସୁନ୍ଦର ପୋଖରୀ ଅଛି ।

କିନ୍ତୁ ମୋତେ କାହିଁକି ଭଲ ଲାଗୁନି ବନି । ଏଇ ସଞ୍ଜ, ଏଇ ନିର୍ଜନତା, ତା ପରେ ଘନ ଜଙ୍ଗଲ, ମୋତେ ଭଲ ଲାଗୁନି । ବରଂ ଚାଲେ ବସାକୁ ଫେରିଯିବା ।

ନା, ଅଭି, ମୁଁ ଯିବନି । ଦେଖୁଚ, ଆକାଶରେ ଚନ୍ଦ୍ର ଉଠିଲାଣି । ଏଇଯିଣା ଶୀତଳ ପ୍ରଲେପରେ ଲେପିଦେବ ବନଭୂଇଁକୁ । ଘରର ଚାରି କାନ୍ଥ ଭିତରେ ଆବଦ୍ଧ ରହିବାକୁ ମୋର ମୋଟେ ମନ ନାହିଁ ।

ତେବେ ?

ଏଇଠି ବସିବା । ପୋଖରୀ କୂଳରେ ବସି ବସି ଚାହିଁ ରହିବା ଆକାଶକୁ । ସେବନ କରିବା ମୁକ୍ତ ବାୟୁ । ରାତି ଘନ ହେବ । ଅତୁର ଘନେଇ ଆସିବ ଅନ୍ଧକାରର ଗଭୀରତା । ଆମେ ଗପି ଗପି ଶ୍ରାନ୍ତ ହୋଇଯିବା । ଯେତେବେଳେ ତନ୍ଦ୍ରା ଆସି ଆକ୍ରମଣ କରିବ, ମୁଁ ଧୀରେ ଧୀରେ ଢୁଳେଇ ପଡ଼ିବି ତମରି କୋଳ ଉପରେ । ଭୁଲିଯିବି ଦେହ, ମନ ଓ ସମ୍ମାନ । ଆଜି ଯଦି ସେତିକି ବେଳେ ମୋର ମୃତ୍ୟୁ ହୁଏ, ଅଭି, ମୁଁ ଯେ କି ଶାନ୍ତି କି ଆନନ୍ଦ ପାଇବି ତା'ର ବାଖ୍ୟା ହୁଏତ ମୁଁ କରି ପାରିବି ନାହିଁ । ମୋତେ ବାଧା ଦିଅନି ଅଭି ! ବିରକ୍ତ କରନି । ତମର କୌଣସି ଇଚ୍ଛା ମୁଁ ଆଜି ପୂରଣ କରିବାକୁ ଚାହେଁନି । ତା' ଛଡ଼ା ତୁମେ ମଧ୍ୟ ମୋତେ ବାଧ କରନାହିଁ । ଜାଣିତ ମୁଁ ଅସୁସ୍ଥ । ଆଜି ସେଇ ଅସୁସ୍ଥତା ଦେହର ନୁହେଁ, ମନର ଏବଂ ସେଇଥି ପାଇଁ

ଭତମ ଅସିଛ ମୋ ସହିତ । ତେଣୁ ବିସ୍ମୃତ କର ଅଭି, ମୋର ମାନସିକ ପରିବର୍ତ୍ତନ ପାଇଁ ତମର ଦାୟିତ୍ୱ କେତେ ବେଶି !

ଅଭିରାମ ଭାବୁଥିଲା, ସ୍ଥିର କରି ପାରୁ ନ ଥିଲା କିଛି । ଯୌବନର ପ୍ରଥମ ସୋପାନ ସେମାନେ ଅତିକ୍ରମ କରି ସାରିଛନ୍ତି । ପ୍ଲାବନୀ ଆଜି ଦାୟିତ୍ୱହୀନା ନୁହେଁ । ତା'ର ବୟସ ବଢ଼ିଛି । ସେଇ ତୁଳନାରେ ବୁଦ୍ଧି, ବିବେଚନା ବଢ଼ିବାର କଥା । କିନ୍ତୁ ପ୍ଲାବନୀକୁ ଆଜି ଦେଖିଲେ, ତାର କାର୍ଯ୍ୟ କଳାପ ଅଡ଼େ ଦୃଷ୍ଟିପାତ କଲେ, ମନେହୁଏ ସେ ପଡ଼ି ରହିଛି ସେଇ ସାତବର୍ଷ ତଳେ । ମନେହେଉଚି ଆଜି ବି ସେ ଚପଳା କିଶୋରୀ । ଅଭିରାମ ମନରେ ପ୍ଲାବନୀର ଅକୁଳତା ପାଇଁ ଦରଦ ଜାଗିଥିଲା, କିନ୍ତୁ ତା'ର କାର୍ଯ୍ୟକଳାପକୁ ସେ ସମର୍ଥନ କରି ପାରୁ ନ ଥିଲା । ଜଗତର ଯୁଦ୍ଧ ଭୂଇଁରେ ଅଭିରାମ ଯେ ଜଣେ ଦାୟିତ୍ୱ ସମ୍ପନ୍ନ ସେନା ନାୟକ, ସେ କଥା ତା'ର ମନେ ପଡ଼ିଗଲେ ପ୍ଲାବନୀ ପ୍ରତି ତା' ମନ ବିଷାକ୍ତ ହୋଇ ଉଠୁଥିଲା ।

ପ୍ଲାବନୀ ଅଭିରାମର କୋଳ ଉପରେ ମୁଣ୍ଡ ରଖି ଶୋଇ ପଡ଼ିଥିଲା । ଦୂର ବନାନ୍ତର ଗଭୀର ଅନ୍ଧକାର ଭିତରେ ଦୃଷ୍ଟି ଦେଇକି ସେ ହୁଏତ ଭାବୁଥିଲା, ଅଭିରାମ କେତେ ହୃଦୟହୀନ । ପାଷାଣ ଠାରୁ ବି କଠିନ ତାର ଅନ୍ତର ।

ଅନ୍ଧକାର କ୍ରମେ ଘନେଇ ଆସୁଥିଲା । ସେଇ ଘନ ଅନ୍ଧକାର ଭିତରେ ଅଭିରାମ ଦାଗ ହଜେଇ ବସିଥିଲା । କଣ ତା'ର କର୍ତ୍ତବ୍ୟ ?

ପ୍ଲାବନୀ ଡାକିଲା,

ଅଁଉ !

କ'ଣ ?

ସତେତରେ କ'ଣ ମୁଁ ଏଇ ସୁନ୍ଦର ସଂସାର ଛାଡ଼ି ଚାଲିଯିବି ?

କେଉଁଠାକୁ ?

ପ୍ଲାବନୀ ହସିଲା । ଅଭିରାମ ହୁଏତ ଦେଖି ପାରିଲା ନାହିଁ । ପ୍ଲାବନୀ ପୁଣି କହିଲା,

ସେ ପୁରକୁ ।

କିନ୍ତୁ କ'ଣ ହେଲା ତୋର ? ଡାକ୍ତର କ'ଣ କହୁଛି ?

ଡାକ୍ତରଙ୍କ ମନ୍ତବ୍ୟ ତମେ ଶୁଣି ପାରିବ ନାହିଁ ଅଭି ! ତାଙ୍କର ମତ ଯଦି ସତ ହୁଏ, ତା'ହେଲେ ଏଇ ସୁନ୍ଦର ଭୁବନର ମାୟା ମୋତେ ଅତି ଶୀଘ୍ର ତୁଟେଇବାକୁ ହେବ । ସେ କୁହନ୍ତି ମୋ ଠାରେ ଏକ ଭୀଷଣ ମାନସିକ ବ୍ୟାଧି ଦେଖା ଦେଇଛି । ଆଉ ତା'ର ଚିକିତ୍ସା ଏକମାତ୍ର······

କ'ଣ ? କହ । ଅଟକି ଗଲ କାହିଁକି ?

କହି କିଛି ଲାଭ ନାହିଁ । ତମେ ବୁଝି ପାରିବନି ।

ତଥାପି ।

ଡାକ୍ତର କୁହନ୍ତି ମୋ ମନ ଯଦି ସଦା ସର୍ବଦା ପ୍ରଫୁଲ୍ଲ ରହେ, ମୋ ମୁଖ ମଣ୍ଡଳରୁ ଯଦି ଉଦାସୀନତାର ଛାୟା ମିଳେଇ ଯାଏ, ତେବେ ମୁଁ ବଞ୍ଚିଯିବି । ନୋହିଲେ ଆଶା ଖୁବ୍ କମ ।

କ'ଣ ଚାହୁଁଛୁ ମୋ ଠାରୁ ?

ତମ ଠାରୁ ? ନା, ତମ ଠାରୁ ମୋର ଆଉ ଚାହିଁବାର କିଛି ନାହିଁ । ମୁଁ ମୋର ଦାବୀ ହରେଇଛି । କେବଳ ଅବସ୍ଥାଟା ଜଣେଇ ଦେବାକୁ ଥିଲା । ସେଇଥି ପାଇଁ ତମ କର୍ମ ଭୂମିରୁ ଟାଣି ଆଣିଛି ଏଇଠାକୁ । ଏବେ ତମେ ଫେରି ଯାଇ ପାରିବ । ମୋର ଗୋଟିଏ ଜୀବନ ଠାରୁ କୋଟିଏ ଜୀବନ

ବଞ୍ଚେଇବାର ଦାୟିତ୍ୱ ଅଛି ତମ ମୁଣ୍ଡ ଉପରେ । ତେଣୁ ତମ ଠାରୁ ମୋର ଅଳ୍ପ କଷ୍ଟ ଆଶା କରିବା ଅପରାଧ ହେବ ।

ତୁ କ'ଣ ଭାବୁଚୁ, ମୋତେ ପାଖରେ ପାଇଲେ ଆରୋଗ୍ୟ ଲାଭ କରିବୁ ?

ଡାକ୍ତରଙ୍କର ମତ ସେଇଆ । ଯଦି ତାଙ୍କ ନିଦାନ ସତ୍ୟ ହୋଇଥାଏ, ମୋର ମାନସିକ ବ୍ୟାଧି ତମକୁ କେନ୍ଦ୍ର କରି । ତେଣୁ ତମକୁ ପାଖରେ ପାଇବା ଯେ ମୋର କେତେ ପ୍ରୟୋଜନ, ସେ କଥା ନ କହିଲେ ଚଳିବ ।

ଆକାଶରେ ଚନ୍ଦ୍ର ଉଇଁଥିଲା । କଅଁଳ କିରଣ ଛାଇଁ ହୋଇ ପଡ଼ିଥିଲା ଧରା ପୃଷ୍ଠରେ । ଅଭିରାମ ଆକାଶ ଆଡ଼େ ଅନିମେଷ ନୟନରେ ଚାହିଁଥିଲା । ମନେ ମନେ ତଉଲ କରୁଥିଲା ପ୍ଲାବନୀର କଥା ଗୁଡ଼ାକୁ । ଯେତେହେଲେ ବି ପ୍ଲାବନୀ ତା'ର ଅତି ଅନ୍ତରଙ୍ଗ । ସେ କ'ଣ ସବୁ ଜାଣି, ସବୁ ଶୁଣି ମଧ୍ୟ ଏମିତି ନିର୍ବିଚାରରେ ତାକୁ ମରଣ ମୁହଁକୁ ଠେଲି ଦେଇ ପାରିବ ? କେବେ ? ତେବେ କ'ଣ ପ୍ଲାବନୀ ପ୍ରସ୍ତାବରେ ସମ୍ମତି ଜ୍ଞାପନ କରି ଜୀବନର ଶ୍ରେଷ୍ଠ ବ୍ରତକୁ ପରିହାର କରି ଗୋଲାମୀର କାଳଫାଶ ବେକରେ ଗଳେଇବ ? ନା, ନା, ତା' ହୁଏନା, ହେବା ମଧ୍ୟ ଅବାଞ୍ଛନୀୟ । ତା'ହେଲେ କ'ଣ ତା'ର କର୍ତ୍ତବ୍ୟ ?

ଅଭିରାମ ବିଚଳିତ ହୋଇ ପଡ଼ିଲା । କେଉଁଟା ତା'ର କରଣୀୟ ? କ'ଣ ତା'ର ବରଣୀୟ ?

ଅଭିରାମ ଅନୁଭବ କଲା ପ୍ଲାବନୀ କାନ୍ଦୁଚି । ଉଷ୍ମ ଲୋତକ ଧାର ବହି ଯାଇ ତା' କୋଳକୁ ସିକ୍ତ କରୁଛି । ଆକାଶ ଆଡୁ ଦୃଷ୍ଟି ଫେରେଇ ପ୍ଲାବନୀ ମୁହଁରେ ନିବଦ୍ଧ କଲା । ସତେରେ ପ୍ଲାବନୀର ଆଖି ଯୋଡ଼ିକ ଛଳ ଛଳ ହେଉଛି । ଅଭିରାମ ପୋଛି ଦେଲା ।

ଷ୍ଟ, ଜାଣ୍‌ନା ବନ୍ଧୁ । ବିପଦବେଳେ ଭାଙ୍ଗି ପଡ଼ିଲେ ସର୍ବନାଶ ହୁଏ । ତୋ' କଥା ମୁଁ ବିଚାର କରିବି । ଅଳ୍ପ ସମୟ ମୋତେ ଭାବିବାକୁ ସମୟ ଦେ । ମୋ ଜୀବନରେ ଯେତେ ସମସ୍ୟା ଥିଲେ ବି, ତା'ର ଭିତରେ ଯେ ତୋ ସମସ୍ୟା ନାହିଁ, ଏ କଥା କାହିଁକି ଭାବୁଚୁ? ତେବେ ମୁଁ ତୋ'ଠାରୁ ଏତେଟା ଆଶା କରୁ ନ ଥିଲି । ମୋ ଜୀବନ ଭାର ଯେତେବେଳେ ନିଜେ ମୁଁ ବୋହିବାକୁ ଅସମର୍ଥ, ଅନ୍ତତଃ ମୁଁ ଭାବୁଥିଲି ତୋ' ଜୀବନର ଅଂଶ ବିଶେଷ ତା' ଉପରେ ଆଉ ଲଦା ନ ଥାନ୍ତୁ । କିନ୍ତୁ ଚଳନ୍ତି ପଥରେ ଦେଖୁଚି, ତୁ ଆଉ ନିଜ ଦାୟିତ୍ୱରେ ସେତିକି ତୁଲେଇବା ଅବସ୍ଥାରେ ନାହୁଁ । ତା'ବୋଲି ଅଶ୍ରୁ କାହିଁକି? ଆଉ ତ ତୋର ବହିଁଚି ।

ଅଭିରାମ ପ୍ଲାବନୀର ହାତ ଧରି ଉଠାଇଲା ।

ଉଠ୍, ରାତି ଅନେକ ହେଲାଣି । ତୁ ବି କ୍ଲାନ୍ତ । ମୋ ଭାବନା ମଧ୍ୟ ଅଚେତନ । କାଲି ସୂର୍ଯ୍ୟୋଦୟ ପୂର୍ବରୁ ଗୋଟାଏ କିଛି ସମାଧାନ କରିବାକୁ ହେବ ।

ପ୍ଲାବନୀ ଓଁ ଚୁଁ କିଛି ହେଲା ନାହିଁ । ଅଭିରାମ କାଖରେ ନିର୍ଜୀବ ପାଷାଣ ପ୍ରତିମାଟିଏ ଭଳି ଠିଆ ହୋଇ ରହିଲା । ଯେମିତି ତା'ର ସବୁ କଥା ସରି ଯାଇଚି ।

ଅଭିରାମର ବାହୁ ଉପରେ ଆଶ୍ରୟ କରି ଯନ୍ତ୍ର ଚାଳିତ ପରି ପ୍ଲାବନୀ ଅଗେଇଲା ।

ରାତି ପାହୁ ନ ଥିଲା । ଅଭିରାମ ଶୋଇଥିଲା ନିତଘୋଡ଼ ନିଦରେ । ପ୍ଲାବନୀ କିନ୍ତୁ ଶୋଇପାରି ନ ଥିଲା । ସେ ଅତି ଭୋରୁ ଉଠି ଆସି କବାଟ ଆଡ଼େଇ ଦେଖିଲା, ଅଭିରାମ ଶୋଇଛି । ଅନେକ ସମୟ ଯାଏ ଦୁଆର ମୁହଁରେ ଠିଆ ହୋଇ ଅନେଇ ରହିଲା ପ୍ଲାବନୀ । ଅଭିରାମ ନିର୍ବିକାର ଭାବରେ ଶୋଇଛି । ମୁଖ ମଣ୍ଡଳରେ ପରିବର୍ତ୍ତନର କୌଣସି ଆଭାସ ନାହିଁ ।

ପ୍ଲାବନୀ ଫେରି ଆସିଲା । କବାଟ ଖୋଲି ବାହାରକୁ ଚାହିଁଲା । ସବୁ ଝାପସା ଦିଶୁଛି । ବଣ, ପାହାଡ଼, ମନ୍ଦିରର ଅପୂର୍ବ ସମାବେଶ ତା' ମନରେ ଆଉ ବିଶେଷ କିଛି ପ୍ରଭାବ ପକାଇ ପାରୁନାହିଁ । ସେମାନେ ଏଠାକୁ ଆସିବାର ପଞ୍ଚମ ଦିବସ ଆରମ୍ଭ ହୋଇଛି । ଆଜି ସାତ ଆଠଦିନ ପରେ ଅଭିରାମ ଭୁବନେଶ୍ୱର ଫେରି ଯିବ । ପ୍ଲାବନୀକୁ ମଧ୍ୟ ଫେରି ଯିବାକୁ ହେବ ତା' କର୍ମ କ୍ଷେତ୍ରକୁ । ପୁଣି ଜୀବନଟା ନିଃସଙ୍ଗ, କର୍ମ ମୁଖର ହୋଇ ଉଠିବ । ମନର ସ୍ୱପ୍ନ ମରିଯିବ । କବାଟ ଆଉଜେଇ ପ୍ଲାବନୀ ଫେରି ଆସିଲା ଘର ଭିତରକୁ । ଚାକରାଣୀଟି ଏ ପର୍ଯ୍ୟନ୍ତ ଆସିନାହାନ୍ତି । ସବୁ ଅସନା ହୋଇ ପଡ଼ିଛି । ଅଭିରାମ ଉଠିଲେ ଆଗ ତା'ର ଚା' କପେ ଲୋଡ଼ା । ଆଜି ଯାହା ହେଉ ନ ହେଉ ସେଥିପାଇଁ ସେ କେବେ ଭୁଲେ ନାହିଁ । କିନ୍ତୁ ସକାଳୁ ଚା'

କପେନ ହେଲେ ଧନଟା ଯେପରି ତା' ପାଖରେ ଦୁର୍ବିସହ ହୋଇ ଉଠେ ।

ପ୍ଲାବନୀ ନିଜେ ଯାଇଁ ଘର ଓଲେଇଲା । ଆଜି ଯେମିତି ତା ମନରେ ଗୋଟାଏ ବିରାଟ ପରିବର୍ତ୍ତନ ଘଟିଛି । ଘର କରିବାକୁ ହେଲେ ଘରଣୀ ଲୋଡ଼ା ହୋଇଥାଏ । ପ୍ଲାବନୀ ମନରେ ସେଇ କଥା ଏ କେତେଦିନ ହେବ ସମସ୍ୟା ସୃଷ୍ଟି କରିଛି । ନା, ଚାକରାଣୀ ଆସିଲେ ତାକୁ ବିଦା କରି ଦେବ । ନିଜ ହାତରେ ସବୁ କରିବ । ନିଜେ ସେ ରନ୍ଧା ବାଢ଼ି ଅଭିରାମକୁ ଖୁଆଇବ । ହୁଏତ ଏପରି ସୁଯୋଗ ଆଉ ଘଟିବ ନାହିଁ ତା' ଜୀବନରେ । ହୁଏତ କେବେ ଗୃହିଣୀ ହେବାର ଜଞ୍ଜାଳ ଆସିବ ନାହିଁ ତା' ପାଇଁ ।

ପ୍ଲାବନୀ ଲୁଗାପଟା ଆଣ୍ଠାରେ ଗୁଡେଇ ସଜ ହେଲା । ଆଜି ଥରେ ଆନେଇ ଆସିଲା ଅଭିରାମ ଆଡ଼େ । ସେ ଦେଖିଲେ ହୁଏତ ହସିବ, ଥଟ୍ଟା କରିବ । କିନ୍ତୁ ସେ ତ ଆଜି କାହାପାଇଁ ଏ ସବୁ କରୁନାହିଁ !! ନିଜର ଯଦି ଘର ସଂସାର ହୋଇ ଥାଆନ୍ତା ! ନିଜେ ଯଦି ସେ ସନ୍ତାନର ଜନନୀ ହୋଇ ଥାଆନ୍ତା !! ପ୍ଲାବନୀର ଦେହସାରା କପରି କମ୍ପନ ଖେଳି ଯାଉଛି ।

ତା' ଜୀବନର ଏହି ନୂତନ ଭାବନାର ଅଭ୍ୟୁଦୟ ପାଇଁ ସେ ଟିକିଏ ବିଚଳିତ ହୋଇ ପଡ଼ିଲା । ଘର ବାହାର ସଫା କରି ସାରି ଦଣ୍ଡେ ଥକ୍କା ହୋଇ ଠିଆ ହେଲା । ବାହାରେ କିଏ କବାଟ ଖଡ଼୍ ଖଡ଼୍ କଲା । ପ୍ଲାବନୀ ସଚେତନ ହୋଇ କବାଟ ଖୋଲିଲା । ଚାକରାଣୀଟି ଆସିଛି । ପ୍ଲାବନୀ ତାକୁ ସେଇଠି ଅପେକ୍ଷା କରିବାକୁ କହି ଭିତରୁ ଆସି ପାଞ୍ଚଟଙ୍କା ନେଇ ତାକୁ

ଦେଲା ଏବଂ କହିଲା 'ଆମେ ଆଜି ଚାଲି ଯାଉଛୁ, ତୋର ଆଉ ପ୍ରୟୋଜନ ନାହିଁ ।' ଚାକରାଣୀଟି ସ୍ତବ୍ଧ ହୋଇ ଦଣ୍ଡେ ଚାହିଁଲା । ପ୍ଲାବନୀର ମୁଖଭଙ୍ଗୀ ଅପରିବର୍ତ୍ତିତ । ଚାକରାଣୀଟି ସେଠାରେ କୌଣସି ଥଳ କୂଳର ସନ୍ଧାନ ନ ପାଇ ପାଞ୍ଚଟି ଟଙ୍କା ଧରି ପଛକୁ ପାଦ ଫେରାଇଲା । ତା' ଛାୟା ଲିଭିଯିବା ଯାଏ ପ୍ଲାବନୀ ସେଇଠି ଅନେଇ ଥିଲା । ତା ପରେ କବାଟ କିଳି ଦେଇ ଆସି ଗୋଟିକ ପରେ ଗୋଟିଏ ଗୃହ କର୍ମ ଶେଷ କଲା । ଚୁଲି ଲଗେଇ ଚା' ତିଆରି କଲା । ମଝିରେ ମଝିରେ ଯାଇ ଅଭିରାମକୁ ଦେଖି ଆସୁଥାଏ । କାଳେ ଯଦି ସେ ଉଠି ଆସେ ! ପ୍ଲାବନୀର କାର୍ଯ୍ୟକଳାପ ଦେଖିଲେ ହୁଏତ ହସି ହସି ଗଡ଼ିଯିବ । ଅଥବା ଗମ୍ଭୀର ହୋଇ ବସି ରହିବ ।

ପ୍ଲାବନୀ ଚା' ତିଆରି ଶେଷ କଲା । କପ୍‌ରେ କପେ ଚା' ନେଇ ଅଭିରାମର ଘର ଭିତରକୁ ପଶିଲା । ଅଭିରାମ ତଥାପି ଶୋଇଛି । ହୁଏତ ଗତ ରାତ୍ରିରେ ସମସ୍ୟାର ସମାଧାନ ପାଇଁ ଅନେକ ରାତିଯାଏ ଶୋଇ ପାରି ନାହିଁ । ଅଥବା ସମସ୍ୟାର ଶେଷ ସମାଧାନ ପରେ ନିଶ୍ଚିନ୍ତରେ ଶୋଇ ପାରୁଛି । ପ୍ଲାବିନୀ ଡାକିବ କି ନାହିଁ ସ୍ଥିର କରି ନ ପାରି ଚା' କପଟି ଧରି ଠିଆ ହୋଇ ରହିଲା ।

ସକାଳର ଲାଲ ସୂର୍ଯ୍ୟ ଝରକା ଫାଙ୍କରେ ଆସି ଅଭିରାମର ମୁହଁକୁ ରକ୍ତିମ କରି ଦେଇଥିଲା । ପ୍ଲାବିନୀ ଅନୁମାନ କଲା, ସେ ମୁହଁରେ ଝଡ଼ ନାହିଁ । ଦୀର୍ଘ ଦିନ ହେବ ସେ ଅଭିରାମ ମୁହଁରେ ଏପରି ସରଳ ରେଖା ଦେଖି ନ ଥିଲା । ପ୍ଲାବନୀ ଏକ ମନ ଏକ ଧ୍ୟାନରେ ଚାହିଁଥିଲା ଅଭିରାମର ସେଇ ପ୍ରଶାନ୍ତ ମୁଖ ମଣ୍ଡଳ ଆଡ଼େ । ଆନନ୍ଦରେ ବିଭୋର ହୋଇ ଉଠୁଥିଲା ତା'ର

ଦେହ-ମନ । ମନ ହେଉଥିଲା ଧାଇଁ ଯାଇ ଅଭିରାମର ସେଇ ପ୍ରଶାନ୍ତ ମୁହଁ ଉପରେ ମୁହଁ ଥାପି ସେ ବି ନିଶ୍ଚିନ୍ତରେ ଘୁମେଇ ପଡ଼ନ୍ତା । ନିଜକୁ ସମ୍ବରଣ କରି ଅଭିରାମ ପାଖରେ ଯାଇ ଡାକିଲା—

ଅଭି ! ଅଭି !!

ଅଭିରାମର ମୁଦ୍ରିତ ଆଖି ଯୋଡ଼ିକରେ ସାମାନ୍ୟ ଆନ୍ଦୋଳନ ସୃଷ୍ଟି ହୋଇ ସ୍ଥିର ହୋଇଗଲା ।

ପ୍ଲାବନୀ ପୁଣି ଡାକିଲା—

ଅଭି ! ଅଭି !! ଉଠ, ଦିନ ଅନେକ ହେଲାଣି ।

ଅଭିରାମ ଶୁଣିଲା ନାହିଁ । ପ୍ଲାବନୀ ଏଥର ଚା' କପ୍‌ଟା ଟିକିଏ ଦୂରରେ ଥୋଇ ଅଭିରାମ ଦେହରେ ହାତମାରି ହଲେଇ ଦେଲା ।

ଅଭିରାମ ଦର ନିମିଳିତ ନୟନରେ ଚାହିଁଲା । ପ୍ଲାବନୀ ଠିଆ ହୋଇଛି । ସଦ୍ୟସ୍ନାତା ପ୍ଲାବନୀର କେଶ ବାସ ଅବିନ୍ୟସ୍ତ । ଗୋଟିଏ ଅତି ସାଧାରଣ ଶୁଭ୍ର ଶାଢ଼ୀରେ ସେ ନିଜକୁ ମଣ୍ଡିତ କରିଛି । ହାତରେ କେବଳ ଦୁଇପଟ ଚୁଡ଼ି । ହସୁଛି ପ୍ଲାବନୀ । ହାତରେ ଚା' କପ୍ । ଧୂଆଁ ଉଠି ପ୍ଲାବନୀ ମୁହଁଟାକୁ ଝାପ୍‌ସା କରି ଦେଉଛି ।

ଅଭିରାମ ଭଲକରି ଆଖି ମଳି ଅନେଇଲା ଆଉ ଥରେ । ପ୍ଲାବନୀକୁ ଭାରି ଲାଜ ମାଡ଼ିଲା । ସେ ଚା' କପ୍‌ଟା ଅଭିରାମ ଆଗରେ ଥୋଇ ଦେଇ ଦଉଡ଼ି ପଳେଇଲା ସେ ଘରୁ । ଅଭିରାମ ଡାକି ପକେଇଲା

ବନି ! ବନି !!

ପ୍ଲାବନୀ ଶୁଣିଲା ନାହିଁ । ଅନ୍ତରାଳରେ ଠିଆ ହୋଇ ସେ

କିଛି ଭାବି ପାରୁ ନ ଥିଲା । ପୁଣି ଅଭିରାମର ଡାକ ଶୁଣି ଉତ୍ତର ଦେଲା—

କ'ଣ ?

ଶୁଣିଲି ।

ନାଁ, ମୁଁ ଯିବିନାହିଁ ।

ଅରେ ଶୁଣ୍ । ତୁ ଆଜି କାହିଁକି ଭାରି ଭଲ ଦିଶୁଚୁ । ମୁଁ ଟିକିଏ ଆଖି ପୁରେଇ ଦେଖି ନିଏଁ ।

ପ୍ଲାବନୀ ଅଧିକ ଲାଜରେ ଝଡ଼ିଗଲା । ସେ ଗୋଟିଏ ସଦ୍ୟ ବିକଶିତା ପଲ୍ଲୀ ରମଣୀ ପରି ଲାଜ ଭାରରେ ନଇଁ ପଡ଼ି ଆଙ୍ଗୁଠିରେ ଗାର କାଟିବାକୁ ଲାଗିଲା । ଚୁଲୀର ଧୂଆଁ, କଳସୀର ପାଣି, ସେଇ ଅଡ଼େଇ ଆଖି ବୁଲେଇ ଆଣି ପ୍ଲାବନୀ ଅଧିକ ଲାଜୁଆ ହେଇ ପଡ଼ିଲା ।

ଅଭିରାମ ଧୀରେ ଉଠି ଆସି ପ୍ଲାବନୀର ଅବସ୍ଥା ଦେଖି ହୋ ହୋ ହେଇ ହସି ଉଠିଲା । ପ୍ଲାବନୀ ପଛକୁ ବୁଲି ଛିଡ଼ା ଅଟେଇ ଦେଇ ଦଉଡ଼ି ଯାଇ ଅଭିରାମ ଶେଯରେ ତଳକୁ ମୁହଁ ମାଡ଼ି ଶୋଇ ପଡ଼ିଲା ।

ଅଭିରାମ ଯାଇ ବସିଲା ତା ପାଖରେ । ଗୁଁ' ତକ ନିଃଶେଷ କରି, ପ୍ଲାବନୀକୁ ଲାଜ ମୁହଁରୁ ବଞ୍ଚେଇବା ପାଇଁ କହିଲା—

ସେ ସ୍ତ୍ରୀ ଲୋକଟି ଆସି ନାହିଁ କି ?

ନାଁ, ଆଉ ସେ ଆସିବ ନାହିଁ ।

ତେବେ ! ଏ ସବୁ କାମଦାମ ?

ସେଥିପାଇଁ ତମେ ଭାବୁଚ କାହିଁକି ! ଆଉ ଜଣେ କାହାକୁ ଦେଖି ମୁଁ ବନ୍ଦୋବସ୍ତ କରି ନେବି ।

ପ୍ଲାବନୀ କଥା ଲେଉଟେଇ ଅଭିରାମ ଅଡ଼େଇ ଗୁହାଁଲା । ଦେଖିଲା

ଫୀଣ ହସ ଖଣ୍ଡେ ଲାଗି ରହିଛି ତା' ମୁଖ ମଣ୍ଡଳରେ । ଏଇ ହସ ଖଣ୍ଡିକ ଅଭିରାମ ମୁହଁରେ ସେ ଦେଖିଥିଲା ବହୁ ବର୍ଷ ତଳେ । କିନ୍ତୁ ଆଜି ହଠାତ୍ ଆଉ ଥରେ......। ପ୍ଲାବନୀ ବିଶ୍ୱାସ କରି ପାରିଲା ନାହିଁ । ସେ ଭାବି ପାରିଲା ନାହିଁ ଅଭିରାମ କିପରି ତା' ସିଦ୍ଧାନ୍ତକୁ ବୋହଲ କରି ଦେଉଛି । ଅଭିରାମ ଗୃ' କପ୍ଟା ତଳେ ଥୋଇ କରି ପଗ୍ଭରିଲା,

ଇଏ ଆସିଲା କେଉଁଠୁ ?

କାହିଁକି, ମୁଁ କ'ଣ ଅଥବ । ମୋଠାରେ କ'ଣ ନାରୀତ୍ୱର କୌଣସି ଲକ୍ଷଣ ତମେ ଦେଖି ପାରୁ ନାହିଁ ?

ଅଭିରାମ ଆଉ ଥରେ ହସିଲା,

ଓଃ ! ତା' ହେଲେ ସକାଳୁ ତୁ ଆଜି କଷ୍ଟ ସ୍ୱୀକାର କରି ଗୃ' ତିଆରି କରିଛୁ । ବେଶ୍ କରିଛୁ । ମୋର ଅନେକ ଦିନ ତଳେ ସେମିତି ଗୋଟାଏ ଆକାଂକ୍ଷା ଜନ୍ମିଥିଲା । ଯେତେବେଳେ ଆମେ କେବଳ ଭଲ ପାଇବା ଶିଖିଥିଲେ । ସେ ଚପଳ କୈଶୋରର କଥା । ସେତିକିବେଳେ ମୋର ମନେ ହେଉଥିଲା, ତୁ ଆଉ ମୁଁ । ଇମିତି ରହିବା । ମାନେ ଆଜି ଆମେ ଯେମିତି ଅଛେଁ । କେହି ନ ଥିବ । କିଛି ନ ଥିବ । ଧନ, ମାନ, ଗୌରବ, ଯଶର ଆକାଂକ୍ଷା ନ ଥିବ । ତୁ ଗପିବୁ ଆଉ ମୁଁ ଶୁଣିବି । ଇମିତି ତୁ ଗୃ' କରିଦେବୁ, ଭାତ ରାନ୍ଧି ଦେବୁ । ଦି'ଟା ଜୀବନ ତ ଚାଲିଯିବ ବେଶ୍ । କ'ଣ ମିଳିବ ଦୁନିଆର ଘୋଡ଼ି ଦୌଡ଼ ପଛରେ ଦୌଡ଼ି !! ଆଜି ମୋର ଠିକ୍ ସେଇ ଦିନଟି ମନେ ପଡ଼ି ଯାଉଛି, ବିନି, ଆଉ ମନେ ହେଉଛି, ଆମର ବୟସ, ଆମର ଅବସ୍ଥାନ ସବୁ ଯେମିତି ଖସି ପଡ଼ୁଛି ।

ପ୍ଲାବନୀ ଶୋଇ ଶୋଇ ଅଭିରାମ ମୁହଁକୁ ନିର୍ମିଳ ଅଭି

ଅନ୍ତଢ଼ ଗୃହଁ ବତେଜ୍ରର ଢେ଼ାଉ ଉଠୁଥିଲା । ଅଭିଷେକର କଥା ଶେଷରେ କହିଲା,

ଅଚ୍ଛା ଅଭି, ଧର ବୟସ ଆମର ଖସି ପଡ଼ନ୍ତା । ଆମେ ପୁଣି ଫେରି ଯାଆନ୍ତେ ସେଇ କୈଶୋରକୁ । ସ୍ୱପ୍ନର ବାଲିଘର ଗଢ଼ି ଆମେ ଯଦି ସେଥିରେ ଆମ ମିଛ ମିଛିକା ସଂସାର ଖେଳେଇବା, କ୍ଷତି କଣ ? ସତେରେ କ'ଣ ମିଳିବ ଦୁନିଆର ଏଇ ଦୌଡ଼ ଦଉଡ଼ ପଛରେ ଧାଇଁ ?

ମୁଁ ସେ ସମ୍ବନ୍ଧରେ ଏବେ ଆଉ କିଛି ଭାବିବାକୁ ଅବସର ପାଉ ନାହିଁ । ତେବେ କର୍ମ ଫାଙ୍କରେ ମନ ବେଳେ ବେଳେ ଅତୀତକୁ ଯେ ଧାଇଁ ନ ଯାଏ ସେ କଥା ନୁହେଁ । ସେ ଯା'ହେଉ କିନ୍ତୁ ତୋର ଆଜି ଏ କି ବେଶ କହତ ? ମୁଁ ମୋ ଆଖିକୁ ବିଶ୍ୱାସ କରି ପାରୁ ନାହିଁ ଯେ !

ପ୍ଲାବନୀ ତେଣିକି ମୁହଁ ବୁଲେଇ କହିଲା,

ଏମିତି କ'ଣ ଖରାପ ଦିଶୁଛି ? ତମ ସଙ୍ଗରେ ଏ କେତେଦିନ ହେବ ରହି ମନରେ କିପରି ଗୋଟାଏ ପରିବର୍ତ୍ତନ ଘଟିଛି । ଭଲ ଲାଗୁନି ଦାମି ପରିପାଟୀରେ ନିଜକୁ ମଣ୍ଡିତ କରି ରଖିବାକୁ । ଯା'ହେଉ ସେଥିପାଇଁ ତମେ ମୋଟେ ଭାବ ନାହିଁ । ମୋର ଗୋଟିଏ କଥା ରଖିବ ?

ପୁଣି କଥା ? ନାଁ ବାବା ନା । ଆଉ ପାରିବି ନାହିଁ ।

ସେପରି କିଛି କଠୋର କର୍ମ କରିବାକୁ ମୁଁ କହୁନି ଅଭି ।

ତେବେ ?

ଟିକେ ବଜାରକୁ ଯିବାକୁ ହେବ । ଦରବା ପଣ ଆଉ ଆବଶ୍ୟକୀୟ ଜିନିଷ କେତେକ କିଣି ଆଣିଲେ ମୁଁ ରନ୍ଧାରନ୍ଧି କରିବି ।

ଅଭିରାମ ମୁହଁରୁ ଭାଷା ଫୁଟିଲା ନାହିଁ । ସେ ସ୍ତବ୍ଧ ହୋଇ ଅନେଇଥିଲା ପ୍ଲାବନୀ ମୁହଁକୁ । ପ୍ଲାବନୀ କିନ୍ତୁ କିଛି ନ ଜାଣିଲା ଭଳି, କିଛି ନ ଦେଖିଲା ଭଳି କହି ଚାଲିଥିଲା,

ଚାଉଳ ଶେଷ ହୋଇ ଯାଇଛି । ଡାଲି ବି ଆଣିବାକୁ ହେବ । ଆଜି ଭଲ ପରିବା ଦେଖି କ'ଣ ଆଣିବ । ଆଉ ଚୋପା ଗୋଟେ ଆଣିବ । ମୋତେ ଚୋପା ଖାଇବାକୁ ଭାରି ଭଲ ଲାଗେ ।

ଅଭିରାମ ସବୁ ଶୁଣିସାରି କହିଲା,

ମୁଁ ନ ହେଲେ ବଜାର ଯାଇ ସେଇକି ଆଣିଲି । କିନ୍ତୁ ମତେ ରାନ୍ଧି ଆସେନା । ଶେଷରେ କହିବି ଚୁଲି ଟିକିଏ ଲଗାଅ । ଭାତ ହାଣ୍ଡି ବସାଅ । ଚାଉଳ ଧୋଇ ଆଣ । ମୁଁ ସେ ସବୁ ପାଇଁ ସମ୍ପୂର୍ଣ୍ଣ ଅପାରଗ ।

ପ୍ଲାବନୀ ହସିଲା । ସେ ଭରସା କରନ୍ତି ଅଭି । ଅନ୍ତତଃ ଏ କେତୋଟି ଦିନ ଆମେ ଆମ କୈଶୋରର ପରିକଳ୍ପିତ ସେଇ ମିଛିମିଛିକା ସଂସାର ଗଢିବା । ମୁଁ ରାନ୍ଧି ବାଢି ଧରିଥିବି, ପୋଡ଼ା ଦରସିଝା ଯାହା ପାଇବ ତମେ ହସି ହସି ମୁଖରେ ଦେବ । ଆଉ କହିବ, ବାଃ ! ବେଶ୍ ହୋଇଛି ତ ! କିଏ ତତେ ରନ୍ଧା ଶିଖେଇ ଥିଲା । ଇତ୍ୟାଦି ଇତ୍ୟାଦି । ସେ ଯା' ହେଉ ତମେ ଦାନ୍ତ ପଟି ଘଷି ନିଅ । ଯାଅ । ଡେରି ହୋଇ ଯାଉଛି ।

ଅଭିରାମ ତୁଣ୍ଡରୁ ଭାଷା ହଜି ଯାଇଥିଲା । ଭାବନା ଲୀନ ଯାଇଥିଲା । ପ୍ଲାବନୀ ! ତୁଳନା କରି ପାରୁ ନ ଥିଲା ସେ । ଏତେ ଦୁଃଖ ସେ ତାକୁ ଦେଇଛି । ଏତେ ଯନ୍ତ୍ରଣା ସେ ତାକୁ ଭୋଗେଇଛି । ତଥାପି ପ୍ଲାବନୀ ଅଟଳ । ଅଚଳ । ସଂସାର ମେଳିବାର ମୋହ ତା'ର ଲୋମେ ଲୋମେ । ଗତ ରାତିର ଦୁଶ୍ଚିନ୍ତା ଦୁର୍ଭାବନା ଭିତରୁ ଅଭିରାମ କୌଣସି ସାର ବସ୍ତୁ ସଂଗ୍ରହ

ଭରି ପାରୁ ନ ଥିଲା । ତେବେ ଏତକ ତା' ମନରେ ଜାଗ୍ରତ ହେଉଥିଲା ଯେ, ପ୍ଲାବନୀ ଦୁଃଖ ପାଉଛି ଭଳି ତାକୁ କିଛି ଜଣା ଭବତ ନାହିଁ । ତା' କୋଳ ପ୍ଲାବନୀ ସଂସାରର ଜୀବନ ଦ୍ୱନ୍ଦରେ ତାକୁ କର୍ଣ୍ଣଧାର ହୋଇ ଦେଖିବ, ଏ କଥାଟି ତା' ଭାବନା ପାଖକୁ ଆସି ନ ଥିଲା ! ଆଜ ହଠାତ୍ ପ୍ଲାବନୀର ଏପରି ଉଦ୍‌ବୋଧନରେ ଅଭିରାମ ଚିନ୍ତିତ ହୋଇ ପଡ଼ିଲା । ତେବେ କ'ଣ ସେ ତା'ର କର୍ତ୍ତବ୍ୟରେ ଜଳାଞ୍ଜଳି ଦେଇ ପ୍ଲାବନୀ ପଛରେ ଧାଇଁଥିବ ! ମାଟିଭଳି ଶ୍ରମିକ ସମାଜ ଦିନ ପରେ ଦିନ ରସାତଳକୁ ଯାଉଥିବ ! ସେମାନଙ୍କ କାନରେ ଅଭିରାମର ଯେଉଁ ମନ୍ତ୍ର ବାଜୁଥିଲା, କାଳର ଉର୍ମି ଧୀରେ ଧୀରେ ତାହା ଲିଭେଇ ଦେବ । ସେମାନେ ଭୁଲିଯିବେ । ସେମାନେ ଅନ୍ନ ଚିନ୍ତାରେ ବସ୍ତ୍ର ଯିବେ ; ଆଉ ସେଇଟା ସ୍ୱାଭାବିକ ମଧ୍ୟ । ଧନିକର ଏକାନ୍ତ ଏପରି ଭାବରେ ବାନ୍ଧିଛି ଯେ, ଶ୍ରମିକ ତା' କ୍ଲାନ୍ତ ଶରୀରଟିକୁ କ୍ଲାନ୍ତି ଅପନୋଦନ କରୁ କରୁ ନିଦ୍ରାଯାଏ । ଶ୍ରମର ବିନିମୟରେ ଯାହା ପାଏ, ସେଥିରେ ଶରୀର ଖାଉଛି ପାଇଁ ଯେଉଁ ଖାଦ୍ୟର ପ୍ରୟୋଜନ, ତାହା ସେ କିଣି ପାରେନା । ତେଣୁ ଦିନ ପରେ ଦିନ କ୍ଲାନ୍ତି ବଢିଯାଏ । ସେ ଭୁଲିଯାଏ ନିଜକୁ, ଭୁଲିଯାଏ ଆତ୍ମଚେତନା । କେବଳ ପବନରେ ଉଡ଼ି ଉଡ଼ି ଏଠି ସେଠି ହେଉ ହେଉ କୌଣସି ପ୍ରକାର ବଞ୍ଚି ରହେ । ଏପରି ଅବସ୍ଥାରେ ଅଭିରାମର ମନ୍ତ୍ର ସେ ଧୀରେ ଧୀରେ ଭୁଲିଯିବ ।

ପ୍ଲାବନୀ ଗୋଟିଏ ଥଳି ଓ କେତୋଟି ଟଙ୍କା ଆଣି ଅଭିରାମ ପାଖରେ ଥୋଇଲା । ଅଭିରାମ ବିଚଳିତ ହୋଇ ଉଠିଲା ଚିନ୍ତାଧାରା । ଅନେଇଲା ପ୍ଲାବନୀ ମୁହଁକୁ । ସୀମି ଦୃଷ୍ଟି ଦେଖା ଗଲେ

ରହିଛି । ଅତି ନିର୍ମଳ । ମାନ ନାହିଁ, ଅପମାନ ନାହିଁ । ଦମ୍ଭ ନାହିଁ, ଅହଙ୍କାରନାହିଁ । ଅଛି କେବଳ ଅସୀମ ଆତ୍ମୀୟତା ।

ଅଭିରାମ ପ୍ଲାବନୀ ମୁହଁ ଆଡ଼େ କିଛି ସମୟ ଚାହିଁ ଧୀରେ ଧୀରେ ଉଠିଲା । ଥଳିଟି ହାତରେ ଧରିଲା । ଟଙ୍କାତକ ପକେଟରେ ଭରିଲା । ଘରୁ ବାହାରକୁ ଗୋଡ଼ ଉଠେଇଲା ।

ପ୍ଲାବନୀ ଅନ୍ତରରେ ଆନନ୍ଦର ପ୍ଲାବନ ଖେଳୁଥିଲା । ସେ ଅଧୀର ଆଗ୍ରହରେ ଅଭିରାମର ଯିବା ପଥକୁ ଚାହିଁଥିଲା । ଅଭିରାମ ଘରୁ ପଦାକୁ ବାହାରି ଯିବା ଉତ୍ତାରୁ ପ୍ଲାବନୀର ମନେ ପଡ଼ିଲା, କ'ଣ ଆଣିବାକୁ ହେବ, ଅଭିରାମକୁ ତାହା କହିନାହିଁ । ବ୍ୟସ୍ତ ହୋଇ ପ୍ଲାବନୀ ଧାଇଁଲା ବାହାରକୁ । କିନ୍ତୁ ଅଭିରାମ ଅଦୃଶ୍ୟ ହୋଇ ଯାଇଛି । ପ୍ଲାବନୀ ଧୀରେ ଧୀରେ ପାଦ ପକାଇ ଘର ଭିତରେ ପ୍ରବେଶ କଲା ।

ଅଭିରାମ ! ଅଭିରାମ ତା'ର ପ୍ରିୟ, ଅନ୍ତରଙ୍ଗ ! ଅଭିରାମକୁ ଆଜି ସେ ଛାଡ଼ି ପାରିବ ନାହିଁ । ପଡ଼ିରହୁ ପ୍ଲାବନୀର ସେଇ ବିଶାଳ ଜୀବନ । ଅସମାପ୍ତ ରହୁ ତା'ର ସମସ୍ତ ଯୋଜନା । କ'ଣ ମିଳିବ ସେଥିରୁ ପ୍ଲାବନୀକୁ । ଖାଲି ବୃଥା ଦୁର୍ଭାବନା, ଅକ୍ଲାନ୍ତ ଶ୍ରମ ଭିତରେ ପ୍ଲାବନୀ ମେସିନ୍ ପାଲଟି ଯିବ । ହଜିଯିବ ତା'ର ହୃଦୟ, ଶୁଖିଯିବ ତା'ର ଅନ୍ତର । ଚାରିଆଡ଼େ ଅସନ୍ତୋଷ, ଅପ୍ରୀତିକର ପରିବେଶ ଭିତରେ ପ୍ଲାବନୀ ବିବ୍ରତ ହୋଇ ଉଠିବ । କ'ଣ ମୂଲ୍ୟ ଅଛି ସେ ଜୀବନର ? ଆଜିର ଏ ଜୀବନଠାରୁ ସେଇ ବିଶାଳ ଜୀବନର ମୂଲ୍ୟ କ'ଣ ବେଶି ହେବ ?

ଏଇ ନିଚ୍ଛାଟିଆ ସ୍ଥାନ । ଗଣ୍ଡଗୋଳ ନାହିଁ, ଜୀବନକୁ ଭାରାକ୍ରାନ୍ତ କରିବାକୁ ପ୍ରଲୋଭନ ନାହିଁ ବରଂ ଅଛି ହୃଦୟକୁ ରସାଳ କରିବା ପାଇଁ, ମନକୁ ବିଶାଳ କରିବା ପାଇଁ କିଛି,

ପାହାଡ଼, ମନ୍ଦର । ପ୍ରକୃତିର ଅସରନ୍ତି ବୈଭବ । ପ୍ରକୃତିକୁ ଦେଖିବା ପାଇଁ, ଶିଖିବା ପାଇଁ ଅଉ ଅନୁଭବ କରିବା ପାଇଁ ।

ପ୍ଳାବନୀ ଘରର ପଛ ପଟ ଦରଜା ଖୋଲି ଚାହିଁଲା । ଆଖି ଯେତେଦୂର ପାଉଛି ସବୁଆଡ଼େ ବଣ, ପାହାଡ଼, ମନ୍ଦର । ପ୍ରକୃତି ଯେମିତି ଲାବଣ୍ୟ ଅଛି । ସବୁଠାରୁ ସେ ସୃଷ୍ଟିର ସନ୍ଧାନ ପାଉଛି । ବିକଳ ବିକଟାଳ ରୂପରେ କେହି ତା' ଆଡ଼େ ପକ୍ଷ ବିସ୍ତାର କରି ଧାଇଁ ଆସୁନାହିଁ । ବିକଳ ଅଳୁଳ ହୋଇ କେହି ଅସି ପେଟ ଭୋକ ପାଇଁ ଅଳି କରୁ ନାହିଁ । ସୃଜନର ମୋହ ଏଠାକାର ପାଣି ପବନରେ ଲାଗି ରହିଛି । ପ୍ଳାବନୀ ଧଡ଼କିନା କବାଟଟା ବନ୍ଦ କରିଦେଇ ଅଭିସ୍ମମର ଶେଯରେ ଯାଇ ଶୋଇ ପଡ଼ିଲା । ତା' ଦେହସାରା ଉପରେ ଏକ ଅଜଣା ବେଦନା ଚରି ଯାଉଥିଲା । ପ୍ଳାବନୀ ଶୋଇ ପାରିଲା ନାହିଁ । ଉଠି ବସିଲା । ପୁଣି ଶୋଇଲା । ତକିଆଟା ଦୂରକୁ ଫିଙ୍ଗି ଦେଇ ପୁଣି ଉଠି ଅସିଲା । ଚୁଲିରୁ ଧୂଆଁ ଉଠୁଛି । ବାଲ୍‌ଟିରେ ପାଣି ନାହିଁ । ଲୁଣ ଡାଠୁଆରେ ଲୁଣ ନାହିଁ । ବାସି ବିଛଣା ବେଶି ବେଳଯାଏ ପଡ଼ି ରହିବା ଭଲ ନୁହେଁ । ଅଭିସ୍ମମ ସବୁ ମନେ କରି ଅଣିବନ ? ବିଛଣାଟା ଗୋଟେଇ ଦେବା ଉଚିତ ।

ପ୍ଳାବନୀ ମନର ଭାବନା ଏତେ ବକ୍ଷିପ୍ତ ହୋଇ ଉଠିଲା ଯେ, କେଉଁଟାକୁ ସେ ତାଙ୍ଗିତାଙ୍ଗି କରି ପାରିଲା ନାହିଁ । ଅନ୍ତର ଭିତରୁ ତା'ର ବ୍ୟଥା-ଆନନ୍ଦର ଗୋଟିଏ ମିଶ୍ର ରାଗିଣୀ ଉଠୁଥିଲା । ବାହାରେ କିଏ କବାଟ ଖଡ଼ ଖଡ଼ କଲା । ପ୍ଳାବନୀ ଚଞ୍ଚଳ ହୋଇ ଉଠିଲା । ଅଭିସ୍ମମ କ'ଣ ଏତେ ଶୀଘ୍ର ବଜାର କାମ ଶେଷ କରି ଫେରି ଅସିଲେଣି ?

ପ୍ଲାବନୀ କବାଟ ଖୋଲି ଦେଲା । ଅଭିରାମ ଗମ୍ଭୀର ହୋଇ ଠିଆ ହୋଇଛି ।

ଫେରି ଆସିଲ ଯେ ?

ପ୍ଲାବନୀ ପଚାରିଲା ।

ଆଜି କ'ଣ କରିଆନ୍ତି ? ହନୁମାନ ଗନ୍ଧମାର୍ଦ୍ଦନ ଉଠେଇ ଆଣିଲା ପରି ବଜାରଟାକୁ ଉଠେଇ ଆଣି ଥାଆନ୍ତି ? କ'ଣ ଆସିବ ନ ଆସିବ ଅନ୍ତତଃ ଗୋଟାଏ ଫର୍ଦ୍ଦ କରିଦେବା ଉଚିତ୍ ଥିଲା ।

ପ୍ଲାବନୀ ଲଜ୍ଜିତ ହୋଇ ଘର ଭିତରକୁ ପଶିଗଲା । ସେ ଯାହା ଭାବିଥିଲା ଠିକ୍ ସେଇଆ ଘଟିଛି । କାଗଜ କଲମ ଧରି ଲେଖି ବସିଲା । କ'ଣ ବା ଲେଖିବ ? ନିଜେ ବି ଠିକ୍ କରି ପାରିଲା ନାହିଁ । କେଉଁ ଜିନିଷ କେତେ ପରିମାଣରେ ପ୍ରୟୋଜନ ସେ ସମ୍ବନ୍ଧରେ କି ଧାରଣା ଅଛି ପ୍ଲାବନୀର ? ତଥାପି ବହୁ ଚେଷ୍ଟାରେ ଗୋଟିଏ ଫର୍ଦ୍ଦ ତିଆରି କରି ଅଭିରାମକୁ ଦେଲା । ଅଭିରାମ ଫର୍ଦ୍ଦଟି ଉପରେ ଆଖି ବୁଲେଇ ହସି ହସି ଗଡ଼ିଗଲା । ପ୍ଲାବନୀ ମୂକଙ୍କ ପରି ଚାହିଁ ଥିଲା ଅଭିରାମ ମୁହଁକୁ । ଅଭିରାମ କହିଲା

ଅଢ଼େଇ ସେରେ ଲଙ୍କା କ'ଣ ହେବ ? ପାଞ୍ଚ ସେର ଲୁଣ ଆଣି କ'ଣ ବେପାର କରିବା ? ଫୁଟଣ ତିନି ପା ! କି ଲିଷ୍ଟ ଏ ! ଏଠି କ'ଣ ଦୋକାନ କରିବୁ ନା ବେପାର କରିବୁ ? ରହିବା ତ ଆଜି ପାଞ୍ଚଦିନ ! କିନ୍ତୁ ତୋ' ଫର୍ଦ୍ଦ ଦେଖିଲେ ମନେ ହେଉଛି ଯେମିତି ଘର ସଂସାର ଏଇଠି ବାଗେଇ ନେଲେଣି ।

ପ୍ଲାବନୀ ଅଭିରାମ ମୁହଁରୁ ସବୁ କଥା ଶୁଣି ସାରି କହିଲା

ତମେ ଯାଅ ଅଭି ! ଯାହା ଇଚ୍ଛା ହେବ ଆଣିବ । ସେଇ

ସବୁ ଜିନିଷର ଦରକାର । ପରିମାଣଟା ନିଜେ ଠିକ୍ କରି ନେବ ।

ଅଭିରାମ ଫର୍ଦ୍ଦଟି ଧରି ବାହାରି ଗଲା । ପ୍ଲାବନୀ ଭାବିଚି ନେଇ ଆସି ଚିନ୍ତା କଲା କେଉଁ କାମଟା ଆଗ କରିବ ? ସବୁ ତ ସବୁଅଡ଼େ ପଡ଼ିଛି । ଗୃହିଣୀ ହେବାକୁ ହେଲେ ଗୃହ କର୍ମ ନିପୁଣ ଭାବରେ ପରିଚାଳନା କରିବାକୁ ହୁଏ । କିନ୍ତୁ ପ୍ଲାବନୀ ମୁଣ୍ଡରେ ସେ ସବୁ କିଛି ପଶୁ ନାହିଁ ।

ପ୍ଲାବନୀ ଜୀବନରେ ଏପରି ଦିନ କେବେ ଆସି ନ ଥିଲା । ଆସିବ ବୋଲି କଳ୍ପନା ବି କରି ନ ଥିଲା । ଅଭିରାମ ପୋଷ ମାନିଛି ଆଜି ଟିକେ ମନେଇ ନେଇ ପାରିଲେ ହୁଏତ ବାଟକୁ ଆସିଯିବ । ଅଭିରାମକୁ ସେ ଅବାଟରୁ ଫେରେଇ ଆଣି ପାରିଲେ ଶ୍ରମ ତାର ସଫଳ ହେବ । ଜୀବନ ତା'ର ପୁଷ୍ପିତ ହେବ । ଆନନ୍ଦରେ ଆତ୍ମହରା ହୋଇ ପଡ଼ିଥିଲା ପ୍ଲାବନୀ ।

ଆଉଥରେ ଚୁଲିରେ କାଠ ଖଞ୍ଜିଲା । କିରାସିନି ଢାଳି ଅଗ୍ନି ସଂଯୋଗ କଲା ।

ଅଭିରାମ ଫେରି ଆସି ଦେଖିବ । କ'ଣ ଦେଖିବ ? ସର୍ବହରା ପ୍ଲାବନୀ । ଅମାପ ସମ୍ପଦ ହରେଇ ସେ ଆଜି ଅମୂଲ୍ୟ ରତ୍ନ ସନ୍ଧାନରେ ବାହାରିଛି । ଅଭିରାମର କ'ଣ ସେତିକି ବୁଝିବାର ଶକ୍ତି ନାହିଁ ? ହଁ ସେ ବୁଝିବ । ପ୍ଲାବନୀର ସେତିକି ଆତ୍ମ ବିଶ୍ୱାସ ଅଛି ।

କାଠଗୁଡ଼ା ଓଦା । କିରାସିନି ତକି ଜଳିଯାଇ ଧୂଆଁ ହେଉଛି । କାଠ ଆଜି ଲାଗୁନାହିଁ । ପ୍ଲାବନୀ ଫୁଙ୍କିଲା । ଖାଲି ଧୂଆଁ ଉଠୁଛି । ଆଖି ଯୋଡ଼ିକ ନାଲି ପଡ଼ି ଗଲାଣି । ଧାର ଧାର ଲୁହ ବହୁଛି । ବୋତଲରେ ଆଉ କିରାସିନି ନାହିଁ ।

ମୁହଁଯାକ କଳା ବୋଳ ହୋଇ ଗଲାଣି । ସେ ଏକ ଅପୂର୍ବ ମୂର୍ତ୍ତି । ପ୍ଲାବନୀ ଦର୍ପଣ ଆଗରେ ଠିଆ ହେଲେ ନିଜକୁ ହୁଏତ ଚିହ୍ନି ପାରିବ ନାହିଁ ।

ହଠାତ୍ କବାଟ ଆଡ଼େଇ ଦ୍ରୁତ ବେଗରେ ପ୍ରବେଶ କଲା ଅଭିରାମ । ହାତରେ ଖଣ୍ଡିଏ ଖବର କାଗଜ । ଅଭିରାମ ବ୍ୟସ୍ତ, ବିବ୍ରତ । ସାମ୍ନାରେ ପ୍ଲାବନୀର ବିକଳ ଛବି ଦେଖି ସ୍ତବ୍ଧ ହୋଇ ଠିଆ ହୋଇଗଲା । ନିଜର ଜରୁରୀ ସମସ୍ୟା କଥା ଭୁଲି ଯାଇ କେବଳ ଅନେଇ ରହିଲା ପ୍ଲାବନୀ ଆଡ଼େ ।

ପ୍ଲାବନୀ ମୁଣ୍ଡର ଅଲରା ବାଳ ଗୁଡ଼ିକ ସଜାଡ଼ି ନେଇ କରୁଣ ଭାବରେ ଥରେ ଚାହିଁଲା ଅଭିରାମକୁ । କହିଲା—

ହେଇ ଏଇକ୍ଷଣି ଜଳିବ ଯେ ! ଗୋଟାଏ କଥା ଭୁଲି ଯାଇଛି ଅଭି । ଟିକିଏ ଦଉଡ଼ି ଯାଇ କିଚିନ କିଛି ଦେଖିଆସ । ଭୁଲି ଯାଇଥିଲି ।

ଧୂମଶିଖା କ୍ରମଶଃ କ୍ଷୀଣ ହୋଇ ଆସୁଥିଲା । ପ୍ଲାବନୀ ଭଲ କରି ମୁହଁ ପୋଛି ଚାହିଁଲା ଅଭିରାମକୁ । ସେ ମଉନ । ମୂକ । କୌଣସି ଜାଣପଣ ସଙ୍ଗରେ ନାହିଁ । କିଛି ବୁଝି ନ ପାରି ପଚାରିଲା—

କ'ଣ ହେଲା ? ଫର୍ଦ୍ଦଟା କ'ଣ ହଜିଗଲା ।

ଅଭିରାମ ଅତି ସହଜ ଓ ସରଳ ସ୍ୱରରେ ଉତ୍ତର ଦେଲା—

ତୁ ଫେରିଯା ବିନା । ମୋତେ ଏଇକ୍ଷଣି ମୋର ପୁରୁଣା କର୍ମ କ୍ଷେତ୍ରକୁ ବାହୁଡ଼ି ଯିବାକୁ ହେବ । ବିଚରା ନିରପରାଧ, ନିର୍ଦ୍ଦୋଷ ସମରକୁ ପୋଲିସ୍ ଧରି ନେଇଛି । ମୋ ବିରୁଦ୍ଧରେ ପୋଲିସ୍‌ର ଯେଉଁ ଅଭିଯୋଗ ଥିଲା, ସେଇ ଅଭିଯୋଗରେ ସମର ଧରା ହୋଇଛି । ସବୁଠୁ ଆଶ୍ଚର୍ଯ୍ୟ କଥା

ହେଉଛି, ସମର ନିଜେ ସ୍ୱୀକାର କରୁଛି ଯେ କୁଅଣ୍ଡେ ଲୋକ ମତେଇ ମିଲ୍ ଷ୍ଟ୍ରାଇକ୍ କରେଇ ଥିଲା ଏବଂ ତା'ର ପ୍ରେରଣାରେ ଶ୍ରମିକମାନେ ମିଲ୍‌ର ସମ୍ପତ୍ତି କ୍ଷତି କରିଛନ୍ତି ଓ ମ୍ୟାନେଜରଙ୍କୁ ଜଖମ କରିଛନ୍ତି । ପୋଲିସ୍ ତୋ ଉପରୁ ସମସ୍ତ ଅଭିଯୋଗ ଉଠାଇ ନେଇଛି । ମୁଁ କିଛି ବୁଝି ପାରୁନାହିଁ କିନ, ସମର କାହିଁକି ଏପରି ଦୁଷ୍କର୍ମ କରି ବସିଲା ।

ପ୍ଲାବନୀ ଅଭିରାମ ହାତରୁ ଖବର କାଗଜଟା ନେଇ ସଂବାଦଟି ମନଯୋଗ ସହକାରେ ପାଠ କରୁଥିଲା । ଶେଷରେ ସାର କହିଲା—

ସମର ତମର ବନ୍ଧୁ । ଅଜ ସେ ଜାଣେ, ତା' ଦ୍ୱାରା କାହାରି ଉପକାର ହେବ ନାହିଁ । ତମେ ପୋଲିସ୍ ଭୟରେ ଲୁଚି ଲୁଚି ବୁଲିଲେ ଜାତିର ମେରୁଦଣ୍ଡ ଭାଙ୍ଗି ପଡ଼ିବ । ସେ ହୁଏତ ସେଇଥି ପାଇଁ ଛାତି ଦେଖେଇ ପଦାକୁ ବାହାରି ପଡ଼ିଛି ।

କିନ୍ତୁ ଏହା କିପରି ସମ୍ଭବ ? ସମର ତଯ ମୋ ମତ ସହିତ ଏକମତ ନୁହେଁ । ସେଦିନ ତ ତୋର ଅଗରେ ସେ ତା' ମତ ବ୍ୟକ୍ତ କରି କହୁଥିଲା 'ଧନୀ ହୋଇ ଦଶଜଣ ବଞ୍ଚିନ୍ତୁ ପଛରେ ଗରିବ ହୋଇ ଲକ୍ଷେ ନ ବଞ୍ଚିନ୍ତୁ ଏ ଦେଶରେ ।' ସେଇ ସମରର ଅଜି ହଠାତ୍ ଏପରି ପରିବର୍ତ୍ତନ କିପରି ସମ୍ଭବ ?

ସେ ଯା' ହେଉ । ସେ ସବୁ କଥା ଏଇନେ ଭାବି କିଛି ଲାଭ ନାହିଁ । ମୋର ସ୍ୱପ୍ନର ସଂସାରଟିକୁ ତମେ ବଞ୍ଚେଇ କରି ଅଟେଇ ଦିଅନ୍ତ ଅଭ । କାଲି ଯେଉଁ କହୁଥିଲ ସବୁ ସମସ୍ୟା ଭିତରେ ତୋ କଥା ମୋ ମନେ ଅଛି । ମୋର ଜୀବନ୍ତ ଅବସ୍ଥାରେ ତମେ ମୋତେ ବିଚଳିତ କରନାହିଁ । ଶୁଣିଲ କାହିଁ ? ପରିବା କାହିଁ ?

ଅଭିରାମ ସମସ୍ୟା ଭର୍ତ୍ତି ଘରରେ ବି ପ୍ଲାବନୀ ଅବସ୍ଥା ସମ୍ବନ୍ଧରେ ଅଚେତନ ନ ଥିଲା । ଅନ୍ୟବେଳ ହୋଇଥିଲେ ପ୍ଲାବନୀର ଚେହେରା ଦେଖି ହସି ହସି ଗଡ଼ି ଯାଇ ଥାଆନ୍ତା ସେ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ବାଧ୍ୟ ଶିଶୁଟି ପରି ଅଭିରାମ ଆଉ କୌଣସି ବାକ୍ୟ ବ୍ୟୟ ନ କରି ଧୀରେ ଧୀରେ ପଦାକୁ ଗୋଡ଼ ବଢ଼େଇଲା । ପ୍ଲାବନୀ କିରାସିନି ବୋତଲଟିଏ ଅଭିରାମ ହାତରେ ଧରେଇ ଦେଇ କହିଲା—

ଏଥର ଯେପରି ଡେରି ନ ହୁଏ ।

ସେଇ କରୁଣ, ସେଇ ଅଧୀର ଓ ସେଇ ବିଧୁର ନୟନରେ ପ୍ଲାବନୀ କହିଲା—

ଅଭି, ତମେ ଆଜି ଥରେ ମୋ ପାଇଁ ଭାବି ଦେଖ । ତମ ଠାରୁ ମୁଁ କେବଳ ମୋର ଜୀବନଟା ଭିକ୍ଷା କରୁଛି । ଏଇ ସୁନ୍ଦର ସଂସାର, ଏଇ ବିପୁଳ ଆଶା, ସବୁ କ'ଣ ଏତେ ସହଜରେ ବ୍ୟର୍ଥ ହୋଇଯିବ । ସ୍ୱପ୍ନ ଭ୍ରମ ପରି ମୋ ଆଖିରେ ବି ଅଯୁତ ଭରି ରହିଛି । ଗୋଟିଏ ବି କୁସୁମିତ କରେଇ ଦେବନି ମୋତେ ? କୁହ, କୁହ ଅଭି ।

ଅଭିରାମର ମୁଖରେ କୌଣସି ପରିବର୍ତ୍ତନର ଲକ୍ଷଣ ଦେଖା ଯାଉ ନ ଥିଲା । ସେ ଗମ୍ଭୀର ହୋଇ ଆଖି ବୁଜି ବସି ରହିଲା

କରୁଥିଲା । କାହା କଥା ? ହୁଏତ ଅଭିରାମ ନିଜେ ବି ତାହା କହି ପାରିବନି । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ତା'ର ସମସ୍ତ ଅଗ୍ରହ, ସମସ୍ତ ଆନନ୍ଦ ମରି ମରି ଆସୁଥିଲା ।

ପ୍ଲାବନୀ ଭାବୁଥିଲା, ଗୋଟାଏ ଦିଗରୁ ମଙ୍ଗଳ ହୋଇଛି । ଅଭିରାମ ଉପରୁ ପୋଲିସ ସମସ୍ତ ଅଭିଯୋଗ ଉଠାଇ ନେଇଛନ୍ତି । ତେଣୁ ଅଭିରାମକୁ ଧରି ଆଉ ଗଳି ଗଳି ଲୁଚି ଲୁଚି ବୁଲିବାକୁ ହେବ ନାହିଁ । କିନ୍ତୁ ଏହା ପରେ କ'ଣ ଅଭିରାମକୁ ସେ ଆଉ ବାନ୍ଧି ରଖି ପାରିବ ?

ଅଭିରାମ ଚାହିଁଲା । ପ୍ଲାବନୀ ତା'ର ମୁହଁକୁ ନିର୍ନିମେଷ ନୟନରେ ଅନେଇ ରହିଛି । ସେ ଚାହାଣୀରେ ଅତଳର ସ୍ପୃହା ଅଭିରାମ ଦେଖିଲା । କ'ଣ କହିବ କହିବ ହୋଇ ଆଉ କହି ପାରିଲା ନାହିଁ । କେଦାର-ଗୌରୀ ମନ୍ଦିରର ଊର୍ଦ୍ଧ୍ୱଦେଶକୁ ଚାହିଁ କହିଲା—

ମୁଁ ବଡ ଘଡ଼ସନ୍ଧି ପରିସ୍ଥିତିରେ ଅଛି । କିଛି ସ୍ଥିର କରି ପାରୁନାହିଁ । ଅନ୍ତତଃ ମୁଁ ଥରେ ଯାଇ ସେ ସବୁ ଅଞ୍ଚଳରୁ ବୁଲି ଆସିବା କଥା । ମୁଁ ଖାଲି ପରିସ୍ଥିତିଟା ଲକ୍ଷ୍ୟ କରି ଫେରି ଆସନ୍ତି । କ'ଣ କହୁଛୁ ?

ମୁଁ ଜାଣେ ଅଭି, ତମକୁ ଧରି ରଖିଲା ଭଳି କୌଣସି ଶକ୍ତି ମୋ ଠାରେ ନାହିଁ । ତମେ ଦିନେ ନା ଦିନେ ନିଶ୍ଚୟ ଚାଲି ଯିବ । କିନ୍ତୁ ମୁଁ ଯେଉଁ ପନ୍ଦରଟି ଦିନପାଇଁ ତମକୁ ସଙ୍ଗରେ ଅଣିଛି ପୃଥିବୀ ପ୍ରଳୟ ହୋଇ ଗଲେବି ମୁଁ ତା' ଭିତରେ ଛାଡ଼ିବି ନାହିଁ । ଅଭି ଯଦି ଚାଲିଯାଅ, ଏହି କେଦାର ଗୌରୀ ମନ୍ଦିରର ଶିଳାଲିପି ଉପରେ ମୁଣ୍ଡ ପିଟି ମରିଯିବ ।

ଅଭିରାମ ଛୋଟ ହୁଁ ଟିଏ ମାରି ମନ୍ଦିର ଗାତ୍ରର ଶିଳାଲେଖ ଆଡ଼େ ଗୁହିଁ ରହିଲା ।

ପ୍ଲାବନୀ ଡାକିଲା,

ଅଭି, ଗୁହିଁଲ ମୋ ଆଡ଼େ । ତମ ଆଖିରେ କ'ଣ ମୋ ପାଇଁ ଟିକିଏ ଦରଦ ନାହିଁ ? ଯଦି ତାହାହିଁ ସତ୍ୟ ହୁଏ, ତମେ ଯଦି ନିତାନ୍ତ ବାଧହୋଇ ମୋ ଅନୁରୋଧ ରକ୍ଷା କରୁଥାଅ, ତା' ହେଲେ ଗୁଲି ଯାଅ ତମେ ତମ ବାଟରେ । ଏପରି ରହିବା ଦ୍ୱାରା ତମେ ଦୁଃଖ ଭୋଗୁଛ, ମୁଁ ବି । ସବୁବେଳେ ଅନ୍ୟମନସ୍କ ରହି ଅନ୍ୟକଥା ଚିନ୍ତାକରି ନିର୍ଜୀବ ପାଷାଣ ପ୍ରତିମା ପରି ଦୂର ଦୂରାନ୍ତକୁ ଗୁହିଁ ରହୁଛ । ତା' ଠୁଁ ଭଲ ହେବ ତମେ ମନଇଚ୍ଛା ବିଚରଣ କଲେ । ଯାଅ ଅଭି । ବରଂ ଆଜି ଏଇ ମୁହୂର୍ତ୍ତରେ ବାହୁଡି ଯାଅ ।

ଅଭିରାମ ବୁଲି ଅନେଇଲା । ପ୍ଲାବନୀର ବିକଳ କଣ୍ଠ ସ୍ୱର ସହିତ ମୁଖର ଆକୁଳତା ସ୍ପଷ୍ଟ ଭାବରେ ଫୁଟି ଉଠିଛି ।

ଯାଅ କହିଲେ ଯଦି ଯାଇ ହୁଅନ୍ତା କିନି, ତେବେ ମୁଁ ବହୁତ ଆଗରୁ ଗୁଲି ଯାଇ ପାରି ଥାଅନ୍ତି । ଯା ହେଉ ମୋତେ ଦିନେ ନା ଦିନେ ଫେରି ଯିବାକୁ ହେବ । ଏକଥା ତୁ ଶୁଣି ରଖିଥା । କିନ୍ତୁ ବର୍ତ୍ତମାନ ପରସ୍ଥିତରେ ମୋତେ କିଛି ଭଲ ଲାଗୁ ନାହିଁ । ଏ ସ୍ଥାନ, ଏପରି ପରିବେଶ, କୋଉଠା ଉପରେ ମୁଁ ନିଜକୁ ବୁଡ଼େଇ ରଖି ପାରୁନାହିଁ । କ'ଣ କରିବି କହ ! ମୁଣ୍ଡଟା ବାତ୍ୟାଚକ୍ର ପରି ଘୁରୁଛି । ଏଇ ମନ୍ଦିର, ପାହାଡ଼, ବଣ କାହିଁରେ ମନ ଭେଦୁ ନାହିଁ । କ'ଣ ହେଲା ମୋର ?

ପ୍ଲାବନୀ ଅଭିରାମର ମସ୍ତକରେ ହସ୍ତ ସଂଗ୍ଳନ କଲା ।

ତେବେ ତେବେ ସେମିତି ହୁଏ ଅଭି ! ସବୁ ଆପଣା ଛାଏଁ ଭଲ ହୋଇଯିବ । ତମେ ଟିକିଏ ନିଜକୁ ଭାବନା ଭିତରୁ ଦୂରେଇ ଆଣିବାକୁ ଚେଷ୍ଟା କର । ଆଜ ଚାଲ ଆମେ ଖଣ୍ଡଗିରି ଉଦୟଗିରି ପ୍ରାଚୀନ ଗୁମ୍ଫା ଭିତରେ ଧାଇଁ ବୁଲିବା । ନିଜକୁ କୌଣସି ପ୍ରକାର ଭୁଲେଇ ରଖି ପାରିଲେ, ଜୀବନକୁ ଭୁଲିହେବ । କ'ଣ କହୁଚ ?

ମୁଁ କହୁଚି ଚାଲେ ଏଠାରୁ ପଳେଇବା ।

କୋଉଠାକୁ ?

ତା' କହି ପାରିବିନି । କିନ୍ତୁ ଏଠି ମୋତେ ମୋଟେ ଭଲ ଲାଗୁନି ।

ପୁରୀ ଯିବ ?

ନା । ସେଠି ବସି ବସି ସମୁଦ୍ରର ଢେଉ ଗଣିବା ଛଡ଼ା ଆଉ କ'ଣ କରିବା ?

ତା ହେଲେ ?

ଚାଲେ ଫେରିଯିବା ।

କୋଉଠିକି ?

କଲିକତା ।

ପ୍ଲାବନୀ ସ୍ଥାନ, କାଳ ଭୁଲି ଯାଇ ଅଭୟଙ୍କୁ ଜାବୁଡ଼ି ଧରିଲା । କପର ଏକ ଅପୂର୍ବ ଚଞ୍ଚଳତା ଖେଳି ଯାଉଥିଲା ପ୍ଲାବନୀ ଦେହ ସାରା । ସେ ଆନନ୍ଦ ଗଦ୍ ଗଦ କଣ୍ଠରେ ପଚାରିଲା,

ତମେ କଲିକତା ଯିବ ଅଭି ! ସତ କହୁଚ ?

ଚାହିଁକି, କଲିକତାକୁ ଯିବାର ଯୋଗ୍ୟତା କ'ଣ ତମର ନାହିଁ ?

ତମେ ବୁଝି ପାରିବ ନାହିଁ ଅଭି, ତମେ କଲିକତାରେ

ରହୁଲେ ମୁଁ କେତେ ଉତ୍ସାହ, କେତେ ଆନନ୍ଦ ପାଇବି । ତମେ ସେଠାରେ ମୋ ପାଖରେ ନ ରହି ଅନ୍ୟ ଯେଉଁଠି ରହିଲେ ବି ମୋ ପାଖେ ପାଖେ ଥିଲା ପରି ଅନୁଭବ କରିବି । ହଁ ତମେ ଭୁଲ ଅଛ । ବାପା ଦେଖିଲେ ଭାରି ଖୁସି ହେବେ । ସେ ଏହା ଭିତରେ ନିଶ୍ଚୟ କାଗଜରୁ ସବୁ କଥା ପଢ଼ିଥିବେ । ତମ ପ୍ରତି ତାଙ୍କ ଧାରଣା ବଦଳି ଯାଇଥିବ । ମୁଁ ତାଙ୍କୁ ସବୁ କଥା କହି ସନ୍ତୁଷ୍ଟ କରେଇ ପାରିବି ।

ହସି ଉଠିଲା ଅଭିରାମ—

ପାଗଲୀ ! ମୁଁ କ'ଣ ତୋ ବାପାଙ୍କ ଦୟା ଭିକ୍ଷା କରିବାକୁ ଯିବି ? ତୁ ତ ଜାଣୁ କଲିକତା ଗଲେ ମଧ୍ୟ ମୁଁ ତମ ଘରେ ମୋଟେ ରହିବିନି । ତେଣୁ ମୋ ପାଇ ତୋତେ ବାପାଙ୍କୁ ସନ୍ତୁଷ୍ଟ କରେଇବାକୁ ପଡ଼ିବନି ।

ତେବେ ରହିବ କେଉଁଠି ?

ମୋ ପାଇଁ ମୁଁ ସ୍ଥାନ ବାଛି ନେବି । ଗୃହହାତେ ଜାଗା ହେଲେ ମୋର ଚଳିଯିବ । ସେଥିପାଇଁ କାହାରିଙ୍କ ମୁଣ୍ଡ ଘୂରେଇବାକୁ ପଡ଼ିବ ନାହିଁ । କିନ୍ତୁ ମୋର କ'ଣ ଭୟ ହେଉଛି ଜାଣୁ କିନି ?

କ'ଣ ?

ସେଠାକୁ ଯାଇ ମଧ୍ୟ ତୋ' ସହିତ ଯଦି ନ ପଡ଼ିଲା ?

ଅଭିରାମର କଥା କହିବା ଭଙ୍ଗୀଟାକୁ ମୁଖରେ ଏପରି ଫୁଟାଇଲା ଯେ ପ୍ଲାବନୀ ହସି ପକେଇଲା ।

ତୁ ହସୁଚୁ କିନି ?

ମୋର ଆଜି ହସିବା ଦିନ । ଦୀର୍ଘ ଦିନର କଠୋର

ସାଧନା ପରେ ଭଗବାନ ମୋ ଡାକ ଶୁଣିଚନ୍ତି । ଭାବର କ'ଣ ଜାଣନ୍ତି ?

ଭୁଲ୍ କରୁଚୁ ବଳି ! ବରଂ ଆଜିଠାରୁ କାନ୍ଦିବାକୁ ଅଭ୍ୟାସ କର । ଆଗରୁ କାନ୍ଦି ଶିଖିଥିଲେ ପରେ ଯେତେବେଳେ କାନ୍ଦିବାକୁ ପଡ଼ିବ, ସେତେବେଳେ ବାଧିବ ନାହିଁ । କିନ୍ତୁ ହସ ମଝିରୁ ହଠାତ୍ ଯଦି କାନ୍ଦ ଭିତରକୁ ପ୍ରବେଶ କରିବାକୁ ହୁଏ, ଭୀଷଣ କଷ୍ଟ ହେବ । ତୁ ଜାଣିନୁ ସିନା । ମୋର ଅନୁଭୂତି ଅଛି ।

ତମେ କ'ଣ କହୁଚ ମୁଁ କାନ୍ଦ ଶିଖି ନାହିଁ ? ଜୀବନ ଭରି ତ କାନ୍ଦ ଆସିଲି । ଏବେ ଯଦି ଆହୁରି କାନ୍ଦିବାକୁ ହୁଏ, ମୋତେ କଷ୍ଟ ହେବନି । ମୋ ହସ କାନ୍ଦ ଆଡ଼େ ତମେ ଟିକେ ଦୃଷ୍ଟିପାତ କର ନାହିଁ । ମୁଁ ବି ଗୃହିଣୀ ଅଛି । ତମେ ଯଦି କଲିକତାକୁ ତମ କର୍ମଭୂମି କରି ବାଛି ନିଅ, ମୁଁ ଏତେ ଖୁସି ହେବି ଯେ, ତମେ ମୋତେ ଧାରଣା କରି ପାରିବ ନାହିଁ । ଚାଲ ଫେରିଯିବା । ବେଳ ଗଡ଼ି ଆସିଲାଣି । ତେଣେ ବହୁ କାମ ବାକି ପଡ଼ିଚି । ତା' ଭିତରେ ଫେରି ଯିବାର ପ୍ରସ୍ତୁତି ମଧ୍ୟ ଅଛି ।

ଏତେ ଶୀଘ୍ର ?

ଆଉ ଡେରି କରି ଲାଭ କ'ଣ ?

ନାଁ, ମୋତେ ଆଉ ଟିକେ ଭାବିବାକୁ ଦେ ବଳି । ଏଇଟା ମୋର ହୁଏତ ଶେଷ ସିଦ୍ଧାନ୍ତ ନ ହୋଇ ପାରେ ।

ପ୍ଲାବନୀ ଉଠି ଠିଆ ହୋଇଥିଲା । ତପସ ଧୀରେ ଧୀରେ ଆଗକୁ ପାଦ ବଢ଼େଇ କହିଲା—

ମୁଁ ଆଗରେ ଯାଉଚି । ଗୁଁ କରିବି । ତମେ ବରଂ ଭାବି ଚିନ୍ତି ସବୁ କଥା ସ୍ଥିର କରି ଆସ । କିନ୍ତୁ ହଁ, ଭାବନା ଭିତରେ ଯେପରି ମୋ କଥା ଭୁଲି ନ ଯାଅ ।

ପ୍ଲାବନୀ ଚାଲିଗଲା । ଅଭିରାମ ସେଇଠି ବସି ରହିଲା । ଥରେ ପଛକୁ ବି ଫେରି ଚାହିଁଲାନି ।

ସମର ତା'ର ହେଇ ପୋଲିସ୍‌ରେ ଆତ୍ମ ସମର୍ପଣ କରିଚି । ବିଚରା ନିରୀହ ପ୍ରାଣୀଟି । ସଂସାରର କୌଣସି କଥା ଜଣା ନାହିଁ ତାଙ୍କୁ । ବାପା ପଇସା ଯୋଗାନ୍ତି । ସମର ପାଠ ପଢ଼େ । ତାଙ୍କର ଏକମାତ୍ର ଆଶା ଭରସା ସମର । ହୁଏତ ତାଙ୍କର ଯଥେଷ୍ଟ ସମ୍ପତ୍ତି ଥିବ, ହୁଏତ କୌଣସି ଦିନ ପେଟ ଭୋକର ତାପ ତାଙ୍କ ଦେହକୁ ଜାଳି ନ ଥିବ । ତଥାପି ସମର ଠାରୁ ସେ ଯଥେଷ୍ଟ ଆଶା କରିଥିବେ । କିଛି ନହେଲେ ବି ବଂଶର ଭାବୀ କର୍ଣ୍ଣଧାର ଭାବରେ ସମରକୁ ଚାହୁଁଥିବେ । କିନ୍ତୁ ସେ କାହିଁକି ଏପରି ପାଗଳାମୀ କଲା ?

ଅଭିରାମ ସମର କଥା ଯେତିକି ଯେତିକି ଭାବିବାକୁ ଲାଗିଲା, ତା' ଆଗରେ ବିଗତ ଦିନର ବିପ୍ଳବ କାହାଣୀ ଗୁଡ଼ିକ ରୂପ ପରିଗ୍ରହ କରି ଠିଆ ହେଲା । ଅଭିରାମ ଉଠିଲା । ପାଦ ଯୋଡ଼ିକ ତା'ର କେଉଁଆଡ଼କୁ ପଡୁଥିଲା ସେ ଜାଣି ପାରୁ ନ ଥିଲା ।

❖

ପ୍ଲାବନୀ ଚା' ପର୍ବ ଶେଷ କରି ଗୁଣୁ ଗୁଣୁ ହୋଇ ଗୀତ ଗାଉଥିଲା । ଚୁଲି ଚୁଲୀର ସମସ୍ତ ଝଞ୍ଜାଳ ପ୍ରାୟ ଶେଷ କରି ଆଣିଛି । ଅଭିରାମ ଫେରିଲେ ଚା' ଖାଇ ସାରି ଦୁହେଁ ପୁଣି

ବୁଲିବାକୁ ଯିବେ । ଅଭିରାମ ଯଦି ସନ୍ଧ୍ୟାରୁ ଆସି ପହଞ୍ଚିବେ ଭଲକଥା ।

ପ୍ଲାବନୀ ମନ ଘଟରେ ଜାତ ହେଉଥିବା ଭାବନା ଜାଗିଛି । ରଙ୍ଗ ବେରଙ୍ଗର ପ୍ରଜାପତି ଡେଣା ମେଲି ଉଡୁଛନ୍ତି । ମନରୁ ତାର ସମସ୍ତ ଅବସାଦ, ସମସ୍ତ ଗ୍ଲାନି ପୋଛି ହୋଇ ଯାଉଛି । ଅପେକ୍ଷାକୃତ ପ୍ରଫୁଲ୍ଲ ଦିଶୁଚି ସେ ।

ସମୟ କ୍ରମଶ ଗଡ଼ିବାକୁ ଲାଗିଲା । ପ୍ଲାବନୀ ତାଙ୍କ ଶେଯକୁ ଠିଆ କରି ରଖିଥିଲା । ଏଇକ୍ଷଣି ଗାଡ଼ିର ଖଡ଼ ଖଡ଼ ଶୁଭିବ ହୁଏତ ! କିନ୍ତୁ କାହିଁ ? ଅଭିରାମର ଦାୟିତ୍ୱଜ୍ଞାନ ହେଲା ନାହିଁ ଆଜି ଯାଏ । ହୁଏତ ସେ ସେଇ କେଦାର ଗୌରୀ ମନ୍ଦିର ପାଖରେ ବସି ବସି ଏତେବେଳ ଯାଏ ଅନାବନା କେତେ କ'ଣ ଭାବୁଥିବ । କେମିତି ସେ ତାକୁ ଧରି ସଂସାର କରିବ !

ଲଜେଇ ଗଲା ପ୍ଲାବନୀ । ସଂସାର ! ଛିଃ, ଛିଃ, ଜଞ୍ଜାଳ !! ଇସ୍ । ଉପରେ ଉଦାସ ହୋଇ ଉଠିଲା ସେ । ବିଛଣା ଉପରେ ଖୋଲପଡ଼ି ଆଖିବୁଜି ଭାବିବାକୁ ଲାଗିଲା । ଛୋଟ ଛୋଟ ହାତ । କୁଞ୍ଚୁ କୁଞ୍ଚୁ ବାଳ । ସରୁ ସରୁ ଆଙ୍ଗୁଳି । ଅଭିରାମ ଓ ପ୍ଲାବନୀର ପ୍ରତିନିଧି । ନାଚି ନାଚି ଚାଲିବ । 'ମା' ମା' କହି ହସି ହସି ଗଡ଼ିଯିବ । କାନିଧରି ଟାଣିବ । କାନ୍ଦି କାନ୍ଦି ଉଠେ ଆସି କୋଳରେ ମୁହଁ ଗୁଞ୍ଜିବ । ପ୍ଲାବନୀ ଗାଇଲେ ଦୋ ଦୋ ଧୀ ରାଗୁଡ଼ା ଲଗେଇ ଦେବ । କାନ୍ଦ ଉଠିବ ଶିଶୁଟି । ସେ ଘରର ଧ୍ୟାନ ଭଙ୍ଗ ହେବ ଅଭିରାମର । ଶିଶୁଟି ଅଧରର ଲହଡ଼େଇ ଲହଡ଼େଇ କାନ୍ଦିବ । ସ୍ଥିର ହୋଇ ରହି ପାରିବନି ଅଭିରାମ । ଉଠି ଆସି ହୁଏତ ଦେଖିବ ପ୍ଲାବନୀ ଶିଶୁଟିକୁ ଉପରକୁ ତୁଣ୍ଡିରେ ଗୁହଁ ଡାକୁଛି—

ଦୁଷ୍ଟ ! ପୁଣି ଦୁଷ୍ଟାମି ! ଚୁପ୍, ଚୁପ୍ !!

ଶିଶୁଟି କେଉଁଠୁ କିଛି ଆଶ୍ରୟର ସୂଚନା ନ ପାଇ ଡର ଡରି ରଡ଼ି ରଡ଼ି ଚିତ୍କାର କରୁଛି । ଅଭିରାମ ପଛରୁ ଆସି ସମସ୍ତ ଲକ୍ଷ୍ୟକରି କହୁଚି—

ବାଃ ତମେ ସନ୍ତାନର ଜନନୀ, ନା ? ସନ୍ତାନକୁ କିପରି ପାଳନ କରିବାକୁ ହୁଏ ଶିଖିଲ ନାହିଁ ?

ଶିଶୁଟି ହୁଏତ ପିତାର ଶୀତଳ ଆଶ୍ରୟ ଅଢେ ଧାଇଁ ଯାଇ ପ୍ଲାବନୀ ଆଡ଼କୁ ଭୟାର୍ତ୍ତ ନୟନରେ ଚାହିଁ ରହିଚି । ପ୍ଲାବନୀ ଛଳ କୋପ କରି କହୁଚି—

ତମେ କେବେ ଶିଖେଇଲ ଯେ ମୁଁ ଶିଖିଲି ନାହିଁ ! ପୁଅଟିତ ତମର ଭାରି ଶାନ୍ତ ଶିଷ୍ଟ । ମାରିଲି ବୋଲି ଅପରାଧ ହେଇଗଲା ।

ସେତେବେଳେ ଅଭିରାମ ହୁଏତ ହସିବ ! ପ୍ଲାବନୀ ପାଖକୁ ଲାଗିଯାଇ ସନ୍ତାନଟି ତା' କୋଳକୁ ବଢେଇ ଦେଇ ଦେଇ କହିବ—

ଏଇତ ଅଚ୍ଛେଦ୍ୟ ଗିରି ଆଉ ଭୂମଧ୍ୟ ସାଗର ଭିତରେ ମିଳନ ସେତୁ ରଚନା କରିଚି । ତା ପ୍ରତି ତମେ ଅବହେଳା କରିବ ? ତା'ର ଅମର୍ଯ୍ୟାଦା କରିବ ?

ପ୍ଲାବନୀ ଅଭିରାମ କୋଳରୁ ସନ୍ତାନକୁ ଝିଙ୍କିନେଇ ମୁହଁରେ ତା'ର ଚୋକ ଦେଇ ଗମ୍ଭୀର ଆନନ୍ଦରେ କହିବ—

ଖୁବ୍ ତ କଥା କହି ଶିଖିଲଣି ଆଜିକାଲି । ସନ୍ତାନର ଅବହେଳା ମୁଁ କରୁଚି, ଆଉ ତମେ ତାକୁ ଭାରି ସୁଖରେ ରଖିଚ, ନୁହେଁ ? କେବେ ତା' କଥା ଚିନ୍ତାକର ଭଲା ! କେବେ

ଖେଳଣା ଟିଏ ଅଣିଚ ତା' ପାଇଁ ? ଜାମା ଖଣ୍ଡିଏ କି ପ୍ୟାଣ୍ଟ ଖଣ୍ଡିଏ କିଣି ଅଣିଚ ବଜାରରୁ ?

ଅଭିରାମ ହସି ହସି କହିଲ—

ପୁଣି ମୋ ବିରୁଦ୍ଧରେ ଅଭିଯୋଗ ? ଶ୍ମଶାନ ବାସୀ ଦିଗମ୍ବର ମୁଁ । ଘର, ସଂସାର, ଜଞ୍ଜାଳ ଏ ସବୁ ମୋ ଭାଗରେ କାହିଁକି ? ତମେ ତ ହସି ହସି ମୋ ଦାୟିତ୍ୱ ମଧ୍ୟ ବହନ କରିଚ । ଆଜି ପୁଣି ଅଭିଯୋଗ କାହିଁକି ?

ପ୍ଳାବନୀ ଅଭିରାମ ପାଖକୁ ଲାଗିଯାଇ ସନ୍ତାନ ମୁଖରେ ଚୋକ ଦେଇ, ନିଜ ମୁହଁଟି ବଢେଇ ଦେଲା ଅଭିରାମ ଆଡେ । ଅଭିରାମ ହସିଲା, ଆଉ ଗୋଟିଏ ସରୁ ଚପେଟାଘାତ କରି କହିଲ—

ଦୁଷ୍ଟ, ଦେଖୁଚ କୁନା କିମିତି ଜଳ ଜଳ କରି ଚାହୁଁଚି ।

ପ୍ଳାବନୀ କୁନାକୁ ଅଭିରାମ ଆଡ଼େ ବଢ଼େଇ ଦେଇ କହିଲ—

ସମ୍ଭାଳ ତମ କୁଳନନ୍ଦନକୁ । ମୁଁ ତେଣେ ଘର ସମ୍ଭାଳେ । ଯଦି ଜାଣି ଥାଆନ୍ତି ଏତେ ଜଞ୍ଜାଳରେ ପଡ଼ିବି ବୋଲି, ଜମା ଏ ଭୁଲ୍ କାମ କରି ନ ଥାନ୍ତି । ରାଜ ସିଂହାସନ ଛାଡ଼ି ପର କୁଡ଼ିଆରେ ଆସି ମୋର କିଏ ପଦ ଚୋଟେଇ ଥାଆନ୍ତା ।

ଅଭିରାମ ଏଥର ପ୍ଳାବନୀକୁ ଛାତି ଉପରକୁ ଆଉଜେଇ ଅଣି କହିଲ—

ମର୍ତ୍ତ୍ୟର ମେନକା ତୁମେ । ତପଭଙ୍ଗ କରିଚ ବିଶ୍ୱାମିତ୍ରର । ସାଧନା ତା'ର ଅସମାପ୍ତ ରହିଚି । ତମ ବାସନା ଯଦି ଅପୂରଣ ରହିଗଲା, ସେଥିପାଇଁ ବିଶ୍ୱାମିତ୍ର ଦୁଃଖ କରିବ ନାହିଁ ।

ପ୍ଳାବନୀ ହୁଏତ ସଙ୍ଗେ ସଙ୍ଗେ ଲୋଟି ପଡ଼ିଲ ଅଭିରାମର ଶୀତଳ ବକ୍ଷ ଉପରେ ।

ଛି, ସେମିତି କୁହନା ଆଉ । ମୁଁ ସ୍ୱର୍ଗ ପାଇଛି । କୁବେରର ସମ୍ପଦଠୁ ବଳି କୁନାକୁ ପାଇଛି । ପଦ୍ମ କୁଞ୍ଜର ଧୀର ସମୀରଣ ପ୍ରାଣରେ ଦେଉଁ ଶୀତଳ ପ୍ରଲେପ ବୋଳୁଚି, ଭାବୁଚ କ'ଣ ସପ୍ତତଲ ପ୍ରାସାଦର ଦୁଗ୍ଧଫେନନିଭ ଶେଯ ଉପରେ ଶୋଇ ସେ ଆନନ୍ଦ ପାଆନ୍ତି ମୁଁ । ତମକୁ ପାଇ ସ୍ୱର୍ଗ ପାଇଛି । ମତେ ଖାଲି ସବୁଦିନ ତମ ଚରଣ ତଳେ ଏଇଭଳି ଆଶ୍ରୟ ଦେଲେ ମୁଁ ସବୁକଥା ଭୁଲିଯିବି । କିନ୍ତୁ ତମେ ଦିନେ ତ ମୋତେ କହୁଥିଲ, ମୁଁ ତମ ଭାବନା କାନନରେ ବଟବୃକ୍ଷ ହୋଇ ଜନ୍ମିଲି ନା ଆଉ କିଛି ? ମୁଁ ତମକୁ ପାଇ ସୁଖ ପାଇଲି ଯେ, କିନ୍ତୁ ତମେ ହୁଏତ ମୋ ପାଇଁ ଅସୀମ ଦୁଃଖ ଭୋଗିଲ ।

ଅଭିରାମ ପ୍ଲାବନୀର ମୁହଁରେ ହାତ ଦେଇ ହୁଏତ କହିବ—

ଛି, ବନି ! ଜୀବନର ଆସନ୍ନ ବାର୍ଦ୍ଧକ୍ୟରେ ତମେ ଏ ସବୁ କ'ଣ ଭାବୁଚ ! ଆମେ କ'ଣ ଥିଲେ, କଣର ଥିଲା ଆମର ସାଧନା, କ'ଣ ଥିଲା ଆମର ଯୋଜନା, ସେ ସବୁ ଅତୀତର ମାଇଲ ଖୁଣ୍ଟ; ଏବେ ଯୋଜନ ଯୋଜନ ଦୂରରେ ପଡ଼ି ରହିଲାଣି । ଆଜି ଆମେ ଗୃହସ୍ଥଳୀରେ ଜନକ ଜନନୀ ହୋଇ ଏପରି ଚିନ୍ତା କରିବା ଅପରାଧ । ତମ ଜୀବନରେ କ'ଣ ଅସମାପ୍ତ ରହିଗଲା ବା ମୋ ଜୀବନରେ କ'ଣ ପୂରଣ ହେଲା ନାହିଁ, ଆଜି ଆଉ ସେ ସବୁ ଚିନ୍ତା କରିବା ଉଚିତ ନୁହେଁ । କାରଣ ମଣିଷ ଜୀବନ କେବେ ସଂପୂର୍ଣ୍ଣ ହୋଇ ନାହିଁ । ମନୁଷ୍ୟର ଆଶା କେବେ ମେଣ୍ଟି ପାରି ନାହିଁ । ତେଣୁ ଗୃହସ୍ଥଳୀର ଜଞ୍ଜାଳ ଭିତରେ ଆଶା ଆକାଂକ୍ଷା ଗୁଡ଼ାକୁ ହଟେଇ ନ ଦେଲେ, ଜୀବନ ଭାରାକ୍ରାନ୍ତ ହୋଇପଡ଼େ । ମୁଁ କାହିଁକି ଅସୁଖୀ ବୋଲି ଭାବୁଛ ତମେ ? ବରଂ ତମକୁ ମୁଁ ଯଥେଷ୍ଟ ଦୁଃଖ ଦେଲିଣି । କୁବେରର ପୁରୀରୁ ଟିକି ଆଣି ରଖିଛି

ପନ କୁହୁଅଛେ ।  ଅବଶ୍ୟ ସେଥିପାଇଁ ମୁଁ ଦୁଃଖ କରୁନା କେବେ । କାରଣ ମୁଁ ଜାଣିଛି ମୋର ସଂସ୍ଥାନ ଏହାଠାରୁ ହୋଇ ପାରିବ ନାହିଁ ।

ପ୍ଲାବନୀ ଅଭିରାମର ସ୍ୱଭାବ ପ୍ରବଣତା କଥା ଜାଣିଛି । ସେ ଯଦି କୌଣସି ବିଷୟ ଆରମ୍ଭ କରିବ ତେବେ ଘଣ୍ଟା ଘଣ୍ଟା ଧରି ସେ ସମ୍ବନ୍ଧରେ ବକ୍ତୃତା ଦେଇ ଚାଲିବ । କଥାର ମୋଡ଼ ଘୁରେଇଲା ପ୍ଲାବନୀ,

ଶୁଣୁଛ ! ଦୟାକର ଲେକ୍‌ଚର ବନ୍ଦ କର । ଗାଧୁଆ ପାଧୁଆ କର ଯାଇ । ଘଣ୍ଟାରେ କେତେଟା ବାଜିଲାଣି ଦେଖୁଛ କି । ସବୁଦିନ ଏମିତି ଲେଟ୍ କରି ଚଳେ କେମିତି ଚଳିବ ! ଅଫି- ଫେରିଲା ବେଳେ ଗୋଟାଏ ଗ୍ଲାକ୍ସୋ ଆଣିବ, କାଲି ଶେଷ ହୋଇ ଯାଇଛି । ଆଉ ଗୋଟେ କଥା କହିବ ? ମୋ କଥା କହୁ । ଚାରି ଛ' ପଟ ଭଲ ଚୁଡ଼ି ଆଣିବ । ପୁରୁଣା ତ ସବୁ ଭାଙ୍ଗି ଦେଇଛି ।

ଅଭିରାମ ହସି ହସି ଚେୟାର ଉପରେ ବସି ପଡ଼ିଲା । ଟେବୁଲ ଉପରର ଘଣ୍ଟା ଆଡ଼େ ଚାହିଁ କହିଲା—

ହଁ, ସମୟ ହୋଇ ଗଲାଣି । ତେଲ ଟିକେ ଆଣିଲ, ଗାଧୋଇ ଯିବି ।

ପ୍ଲାବନୀ ହୁ କନା ଉଠି ପଡ଼ି କରୁଡ଼ି ହୋଇ ପଡ଼ିଲା । ଚାରି ଆଡ଼େ ଅନ୍ଧାର ଘୋଟି ଯାଇଥିଲା । ସେ ସ୍ତବ୍ଧ ହୋଇ ଗୋଟାଏ ଜାଗାରେ ଠିଆ ହୋଇ ଗଲା । ଅଭିରାମ ତା' ହେଲେ ଏତେବେଳଯାଏ ଫେରି ନାହିଁ ? କେତେବେଳ ହେଲାଣି ?

ପ୍ଲାବନୀ ଦେହସାରା ଅବସାଦର ନିଶା ଘାରି ଯାଇଥିଲା । ଧୀରେ ଧୀରେ ଘରେ ବତୀ ଜଳେଇଲା । ଚୁଲି ପାଖରେ ଚୁଁ'ଚଳ

ଥଣ୍ଡା ହେଲଣି । ରାତି କେତେ ହେଲାଣି କେଜାଣି, ଅଭିରାମ ଗଲା କୁଆଡ଼େ ? ସେ କ'ଣ ଏତେବେଳ ଯାଏ ସେଇ କେଦାର ଗୌରୀ ମନ୍ଦିର ପାଖରେ ବସି ଆକାଶ ପାତାଳ ଚିନ୍ତା କରୁଛି ।

ଅଭିରାମ ପକ୍ଷରେ ସବୁ ସମ୍ଭବ । ହୁଏତ ବସି ରହି କେଦାର ଗୌରୀ ମନ୍ଦିରର ଶୀର୍ଷ ଦେଶକୁ ଚାହିଁ ରହିଥିବ । ଆଲୋକ ଲିଭି ଅନ୍ଧକାର ରାଜତ୍ୱ ବିସ୍ତାର କଥା ସେ ବୁଝି ପାରିବ ନାହିଁ । ଭଗବାନ ଅଭିରାମକୁ କେଉଁ ଧାତୁରେ ଗଢ଼ି ଥିଲେ କେଜାଣି ।

ପ୍ଲାବନୀ ଘର ବାହାର ହେଇ ପ୍ରାୟ ଅଧଘଣ୍ଟା କଟିଗଲା । ଅଭିରାମ ତଥାପି ଫେରିଲା ନାହିଁ । ନ ଫେରୁ । କେତେ ରାତି ଯାଏ ସେ ଆକାଶକୁ ଚାହିଁ ତାରା ଗଣୁଥିବ ଗଣୁ ଥାଉ ।

ପ୍ଲାବନୀ ଅଭିମାନରେ ଫୁଲିଗଲା । ଆଜି ଅଭିରାମ ଫେରିଲେ ତା' ସହିତ ଭଲ ଭାବରେ କଥା ବାର୍ତ୍ତା କରିବ ନାହିଁ । କାହିଁକି ଏତେ ମିଜାଜ ! ପୁରୁଷ ହୋଇ ନାରୀର ଅମର୍ଯ୍ୟାଦା କରିବା ଯଦି ତା'ର ଧର୍ମ ହୁଏ, ତେବେ ନାରୀ କାହିଁକି ତାକୁ ମର୍ଯ୍ୟାଦା ଦେବ ?

ପ୍ଲାବନୀ କବାଟ କିଳିଦେଇ ରାଗ ଆଉ ଅଭିମାନରେ ବିଛଣାରେ ନିଜର ଦେହଟାକୁ ଲେଟେଇ ଦେଲା । ଯେତେ ଚେଷ୍ଟା କଲେ ବି ଆଖିକୁ ନିଦ ଆସିଲା ନାହିଁ । ସେ ଖାଲି ରହି ରହି ଶିହରି ଉଠୁଥିଲା । ଆଖିରୁ ଲୁହ ନିଗାଡ଼ି ମନର ସମସ୍ତ ଗ୍ଲାନି, ସମସ୍ତ ଅବସାଦ ଧୋଇ ଦେବାକୁ ମନ ହେଉ ଥିଲା ।

କିନ୍ତୁ ଆଖି ପତାରୁ ସ୍ୱପ୍ନର ଅଞ୍ଜନ ଲିଭୁ ନଥିଲା । ଅଭିରାମ ଫେରିବ, ଯେତେ ରାତି ହେଲେବି ଫେରି ଆସିବ । ହୁଏତ ଦୁର୍ଭାବନା ଭିତରେ ସେ ତା ପେଟ କଥା ଭୁଲି ଯାଇଥିବ । ହସି

ପହଞ୍ଚିଲା ମାତ୍ରେ ପ୍ଲାବନୀକୁ ଯଦି ଖାଇବାକୁ ମାଗେ, କ'ଣ ଦେବ ପ୍ଲାବନୀ ? ଘର ଭର ରହିଲେ ଏତେ ମାନ ଅପମାନ ଶୋଭା ପାଏନା । ଯେତେ ହେଲେ ଅଭିରାମ ପୁରୁଷ । ମୁକ୍ତ ଆକାଶ ତଳେ ଉଡ଼ି ବୁଲିବା ତା'ର ଧର୍ମ । ପ୍ଲାବନୀ ନାରୀ । ନୀଡ଼ ରଚନା ତା'ର କର୍ତ୍ତବ୍ୟ । ମନକୁ ସାନ୍ତ୍ୱନା ଦେଇ ଅଜଥରେ ଉଠିଲା ପ୍ଲାବନୀ ।

ରୋଷେଇ ଘରେ ଯାଇ ଦେଖିଲା, ସବୁ ସରଞ୍ଜାମ ଯେପରି ତାର ଆଗମନୀକୁ ପ୍ରତୀକ୍ଷା କରିଛନ୍ତି । ଗୋଟି ଗୋଟି କରି ସବୁ ସଜାଡ଼ିଲା । ରାନ୍ଧିବାକୁ ପ୍ଲାବନୀ ଭଲପାଏ । ଘରେ ଥିଲା ବେଳେ ପ୍ରାୟ ମଝିରେ ମଝିରେ ନିଜେ ସେ ରାନ୍ଧେ । ବାପାଙ୍କୁ ଖୁଆଏ । ବନ୍ଧୁ ବାନ୍ଧବ କେହି ଆସିଥିଲେ ନିଜେ ପରିବେଷଣ କରେ । ବିଶେଷତଃ ଏ କେଇଦିନ ହେବ ଅଭିରାମକୁ ନିଜ ହାତରେ ରାନ୍ଧି ଖୁଆଇବାରେ ତା'ର ଏତେ ଆନନ୍ଦ ବଢି ଯାଇଛି, ଯା ସେ ଭାବିଲେ ଆତ୍ମହରା ହୋଇପଡ଼େ ।

ଗୋଟିକ ପରେ ଗୋଟିଏ କାମ ଶେଷ ହୋଇ ଆସିଲା । ଚୁଲି ପାଖରେ ବସି ଥିଲେ ସୁଦ୍ଧା କାନ ଯୋଡ଼ିକ ଚକିତା ହରିଣୀ ପରି ସବୁବେଳେ ଠିଆ ହୋଇ ରହିଥିଲା । କିନ୍ତୁ କବାଟରେ କେହି କରାଘାତ କଲେ ନାହିଁ ।

ପ୍ଲାବନୀ ରୋଷେଇ ବାସ ଶେଷ କରି, ଭଲ କରି ପରିଷ୍କାର ପରିଚ୍ଛନ୍ନ ହୋଇ କିଛି ସମୟ ବସି ରହିଲା । କାହିଁ ଅଭିରାମ ? ରାତି ପ୍ରାୟ ନ'ଟାରୁ ବଳି ଗଲାଣି । କେହି କ'ଣ ଦେଖା ହେଲେ କି ? ହୁଏତ କାହା ସହିତ କେଉଁଠି ବସି ବସି ଗପୁଛି ।

ପ୍ଲାବନୀର ଭାବନା ଶେଷ ହେଲା ନାହିଁ । ଶେଷରେ ସେ ସ୍ଥିର କଲା ନିଜେ ଯାଇ ଖୋଜିବ ଅଭିରାମକୁ । ପ୍ରଥମେ କେଦାର-ଗୌରୀ,

ତା' ପରେ ରାଜରାଣୀ, ଶେଷରେ ଲିଙ୍ଗରାଜ ମନ୍ଦିର ବେଢ଼ାରେ ଅନୁସନ୍ଧାନ କରିବ । କିନ୍ତୁ ଏତେ ରାତିରେ...... ନିରେଳା, ନିଛାଟିଆ । ଦମ୍ଭ ଭାଙ୍ଗି ଭାଙ୍ଗି ଆସୁଥିଲା ।

ପ୍ଲାବିନୀ ବିଛଣାରେ ଭୟକ୍ଳାନ୍ତ ଦେହଟାକୁ ଲେଟେଇ ଦେଲା । ନା, ଅଭିରାମ ତା' ପାଇଁ ମୋଟେ ବ୍ୟସ୍ତ ନୁହେଁ । ମୁହୂର୍ତ୍ତେ ବି ପ୍ଲାବିନୀର ପ୍ରତିଛବି ତା' ହୃଦୟ ଦର୍ପଣରେ ପରିସ୍ଫୁଟିତ ହେଉନାହିଁ । ଅତି ବାଧ୍ୟରେ ପ୍ଲାବିନୀ ପଛରେ ପଡ଼ି ରହିଛି ଅଭିରାମ । ସେଥିରେ ଦୁହିଁଙ୍କର ସ୍ୱାତନ୍ତ୍ର୍ୟତା ନଷ୍ଟ ହେଉଛି । ଦୁହେଁ ଦୁଃଖ ଭୋଗୁଛନ୍ତି । ଖାଲି ଦାହ ବଢୁଛି । ମିଥ୍ୟା ପ୍ରଲେପରେ କାହାରି ବ୍ୟଥା କମୁନାହିଁ ।

ପ୍ଲାବିନୀ ସ୍ଥିର କଲା, ଏଠୁ ସେ ଚାଲିଯିବ । ଅଭିରାମକୁ ନ ଜଣାଇ ବାହାରି ଯିବ । ହଁ, ଏହାଠାରୁ ସୁଗମ ପନ୍ଥା ଆଉ ହୁଏତ କିଛି ନାହିଁ । ତା' ହେଲେ ଏଇଟା ହୁଏତ ଶୁଭ ମୁହୂର୍ତ୍ତ । ଏତିକିବେଳେ ଅଭିରାମ ନାହିଁ । ତା' ଉପସ୍ଥିତିରେ ପ୍ଲାବିନୀ ବାନ୍ଧି ହୋଇ ପଡ଼େ । ମନର ସମସ୍ତ ପ୍ରତିକୂଳ ଚିନ୍ତାଧାରା ଅନୁକୂଳ ହୋଇ ଯାଏ । ନା, ସେ ଏଇକ୍ଷଣି ଚାଲିଯିବ । ଗାଡ଼ିର ସମୟ ମଧ୍ୟ ହୋଇଛି ।

ଉଠି ବସିଲା ପ୍ଲାବିନୀ । ଗୋଟିଏ ଚମଡ଼ା ସୁଟ୍‌କେଶ ଭିତରେ ତା'ର ସବୁ ସମ୍ପଦ ଠୁଳ ହୋଇ ରହିଛି । ପ୍ଲାବିନୀ ଖୋଲିଲା । ଅଭିରାମର ଲୁଗା ଜାମା କେତେକ ମଧ୍ୟ ସେଥିରେ ରହିଛି । ଥାଉ । କ'ଣ ହେବ ନେଇ । ଅଭିରାମ ଆସି ଦେଖିବ ସବୁ ସେହିପରି ରହିଛି । ଘରର କାନ୍ଥରେ ଗୃହିଣୀର ହାତ ଚିହ୍ନ ଲାଗି ରହିଛି । କିନ୍ତୁ ଗୃହ ଶୂନ୍ୟ । ଅଭିରାମ ଆସି ଏପାଖ ସେ ପାଖ ହୋଇ ବହୁତ ଖୋଜିବ । ଶେଷରେ ହତାଶ

ହୋଇ ଧାଇଁବ ଏଣେ ତେଣେ । ଡାକିବ ବଣ, ପାହାଡ଼, ମନ୍ଦରର ଫାଙ୍କେ ଫାଙ୍କେ । କେଉଁଠୁ ହେଲେ ସାଉଁଟି ପାଇବନି ପ୍ଲାବଣୀକୁ । ରାଗିବ, ଅଭିମାନ କରିବ । ହୁଏତ ଦୁଃଖର ଅଶ୍ରୁ ବେଦନାର ପାହାଡ଼ ଭେଦ କରି ଆସିବ । କେହି ପୋଛି ଦେବାକୁ ନ ଥିବ, କେହି ସମବେଦନା ଜ୍ଞାପନ କରିବାକୁ ନ ଥିବ । ନିଜ ହାତରେ ଅଭିରାମ ପୋଛିବ ସେ ଅଶ୍ରୁ । ନୋହିଲେ ଆଖି କୋଣରେ ସେମିତି ଶୁଖି ଶୁଖି ଯିବ ।

ପ୍ଲାବଣୀ କବାଟ ମୁକୁଳା କରି ପଦାକୁ ଗୋଡ଼ କାଢିବାକୁ ଚେଷ୍ଟା କଲା । ପାଦ ଯୋଡ଼ିକ କିନ୍ତୁ ଟେକି ମେଲିଲା ପରି ତାକୁ ଜଣାଗଲା । କାନ ଯୋଡ଼ିକ ପବନରୁ ଧ୍ୱନି ତୋଳିବା ପାଇଁ ସତର୍କ ହୋଇ ରହିଥିଲା । କାଳେ କେଉଁଠୁ ଶୁଭିଯିବକି ପରିଚିତ ସ୍ୱର ।

ଲେଉଟି ଆସିଲା ପ୍ଲାବଣୀ । ଏତେ ଦୁଃଖ ସେ ଦେଇ ପାରିବନି ଅଭିରାମକୁ । ହୃଦୟଟି ତା'ର ଭାଙ୍ଗିଯିବ । ସରସତା ମିଳେଇଯିବ । ହୁଏତ ପୁଣି ଅଭିରାମର ଚିନ୍ତା ସ୍ରୋତ ବହିଯିବ ଭିନ୍ନ ପଥରେ । ଆସୁ ସେ । ଆଜି ତାକୁ ଏକା ଏକା ଛାଡ଼ିବନି କେଉଁଠାକୁ । ଛାଇ ପରି ସବୁବେଳେ ଲାଗି ରହିବ ତା' ପଛେ ପଛେ ।

ରାତି ବଢୁଥିଲା । ପ୍ଲାବଣୀ ଅନ୍ତରରେ ବ୍ୟଥା ଜମୁଥିଲା । ମନରେ ବିତୃଷ୍ଣା ଜାଗୁଥିଲା । କାହିଁକି ସେ ଧାଇଁଲା ମରୀଚିକା ପଛରେ ? ଭାବନା ଭାରରେ ଆଖିପତା ଯୋଡ଼ିକ ଭାରି ହୋଇ ଆସୁଥିଲା । ଧୀରେ ଧୀରେ ନିଦ୍ରା ଆଲିଙ୍ଗନ କଲା ପ୍ଲାବଣୀକୁ ।

✦

ନଂ........
ତା 17 JUL 1959

ବିକଳ ମନ ଓ ଆକୁଳ ନୟନରେ ଅଭିରାମ ସମସ୍ତଙ୍କ ଆଡ଼େ ଚାହୁଁଥିଲା । କିନ୍ତୁ କେହି ତାକୁ ଫେରି ଚାହୁଁ ନ ଥିଲେ । ବାଟ ଭାଙ୍ଗି ଆଡ଼େଇ ଯିବାକୁ ଚେଷ୍ଟା କରୁଥିଲେ ଅଧିକାଂଶ । ଇଞ୍ଜିନିୟର ଅଫିସରେ ତାଲା ପଡ଼ିଥିଲା । ମିଲ୍ ପୂରା ଦମ୍‌ରେ ଚାଲିଥିଲା । କର୍ମଚାରୀମାନେ ପଛକଥା ଭୁଲି ଯାଇଥିଲେ । ସେମାନଙ୍କର ଦାବୀ ମେଣ୍ଟି ନ ଥିଲା, ମାତ୍ର ମିଲ୍ ଚାଲୁ ହୋଇ ଯାଇଥିଲା ।

ଅଭିରାମ ମନରେ ଶକ୍ତ ଧକ୍କା ଲାଗିଲା । ଯାହା ଆଡ଼େ ଚାହିଁଲା ସେ ଯେପରି ଅଭିରାମକୁ ବକ୍ର ଦୃଷ୍ଟିରେ ଚାହୁଁଛି । ମନେ ହେଉଛି ଅଭିରାମ ଯେପରି ସେମାନଙ୍କର ଶତ୍ରୁ, ଅଭିରାମ ସେମାନଙ୍କ ଜୀବନର ଧୂମକେତୁ । ତେଣୁ କେହି ତା' ପାଖ ପଶିବାକୁ ଚାହୁଁ ନ ଥିଲେ । କଥା କହିବାକୁ ଭରସା କରୁ ନ ଥିଲେ । ବାଟ ଭାଙ୍ଗି ଚାଲିଗଲେ ରଷା ।

ଅଭିରାମ ଯାହା ଉପରେ ଆଖି ବୁଲେଇ ଆଣୁଥିଲା, ଯାହାକୁ ଗୋଟାଏ ଅଧେ ପ୍ରଶ୍ନ ପଚାରିବାକୁ ଆଗେଇ ଯାଉଥିଲା, ସେ କ୍ଷିପ୍ର ପଦରେ ଦୂରେଇ ଯାଉଥିଲା । ଅଭିରାମ ଠାରୁ ନିଜକୁ ବଞ୍ଚେଇ ପାରିଲେ ବଞ୍ଚିଯିବ ।

ଦିନେ ଯେଉଁ ସ୍ଥାନର ମାଟି ଗୋଡ଼ ପର୍ଯ୍ୟନ୍ତ ଅଭିରାମକୁ

ସ୍ନେହ କରୁଥିଲେ, ଭକ୍ତି କରୁଥିଲେ ଏବଂ କଥା ପଦେକୁ ସାଉଁଟି ନେଉଥିଲେ, ଆଜି ହଠାତ୍ ଏପରି ପରିବର୍ତ୍ତନର କାରଣ ଅଭିରାମ ଅନୁଭବ କଲା କିନ୍ତୁ ପରିସ୍ଥିତି ଏପରି ଚରମକୁ ଉଠି ଯାଇଥିବ ବୋଲି ତା'ର ଧାରଣା ନ ଥିଲା ।

ଏଠାକାର ଶ୍ରମିକମାନଙ୍କର ଇଉନିୟନ ଥିଲା ଖୁବ୍ ଶକ୍ତିଶାଳୀ । ଏକତା ଥିଲା ଏମାନଙ୍କର ମୂଳ ମନ୍ତ୍ର । ଅଭିରାମକୁ ସେମାନେ ଗୁରୁ ପରି ଭକ୍ତି କରୁଥିଲେ, ପୁଅ ପରି ସ୍ନେହ କରୁଥିଲେ ଏବଂ ଅଭିରାମର ଆଦେଶ ପିତାର ଆଦେଶ ପରି ପାଳନ କରୁଥିଲେ । ଅଭିରାମକୁ ଏହି ଶ୍ରମିକ ଇଉନିୟନକୁ ସଂଗଠନ କରିବା ପାଇଁ ଦୀର୍ଘ ଦୁଇବର୍ଷ ସମୟ ଲାଗିଥିଲା । ଏହି ସଂଗଠନ ଜରିଆରେ ଶ୍ରମିକମାନଙ୍କର ଦାବୀ ସେ ମିଲ୍ କର୍ତ୍ତୃପକ୍ଷଙ୍କ ଠାରୁ ଆଦାୟ କରି ପାରିଥିଲା । ବହୁ ଶ୍ରମିକଙ୍କର ଚାକିରୀ ସେ ପୁଣି ଦିଆଇଥିଲା । ଯେତେବେଳେ ଅଭିରାମ ଅନୁଭବ କଲା ସଂଗଠନ ମଜବୁତ୍ ହେଉଛି, ଶକ୍ତି ଠୁଳ ହେଉଛି, ସେତେବେଳେ ଅଭିରାମ ଶ୍ରମିକ ମାନଙ୍କର ସମୂହ କଲ୍ୟାଣ ପାଇଁ, ଶ୍ରମିକମାନଙ୍କର ହକ୍ ଦାବୀ ମିଲ୍‌ର କର୍ତ୍ତୃପକ୍ଷଙ୍କ ପାଖରେ ଉପସ୍ଥାପିତ କଲା । ମିଲ୍‌ର ପରିଚାଳକ କହିଲେ—

ଅସମ୍ଭବ, ଅସମ୍ଭବ । ଏହା ହୁଏନା । ହୋଇ ପାରିବ ନାହିଁ । ଶ୍ରମିକମାନଙ୍କର ଆମେ ଯେତେ ସୁବିଧା କରିଛୁ, ଏପରି ସୁବିଧା ଭାରତରେ ଆଜିଯାଏ କୌଣସି ମିଲ୍ କର୍ତ୍ତୃପକ୍ଷ କରି ନାହାନ୍ତି । ଯାହା ଶ୍ରମ ମୂଲ୍ୟ ଦିଆ ହେଉଛି, ତାହା ଏଠାକାର ବଜାର ତୁଳନାରେ ଦୁଇଗୁଣ ବେଶି ଦିଆ ହେଉଛି । ପ୍ରୋଡକ୍‌ସନ ବୋନସ ? ସେ ପୁଣି କ'ଣ ? ଶ୍ରମିକଙ୍କର କାମ, ଶ୍ରମ କରିବା ପାଇଁ ! ସେମାନେ ଟଙ୍କା ବିନିମୟରେ

ଶ୍ରମ ଦେଇପିବେ । ଆମେ ଟଙ୍କା ଦେଇ ଯେଉଁ ଶ୍ରମ କିଣିବୁ ତାହା ଯେ କୌଣସି ବାଟରେ ବ୍ୟୟ କରିବୁ । ତହିଁରେ ଶ୍ରମିକର ଦାବୀ କ'ଣ ଅଛି ? ତେଣୁ ପ୍ରୋଡକ୍‌ସନ ବୋନସ୍‌ର ପ୍ରଶ୍ନ ଉଠି ପାରେନା । ଅନ୍ୟାନ୍ୟ କୌଣସି ଦାବୀ ମଧ୍ୟ ଆମେ ଅଜି ଅଉ ପୂରଣ କରିବାକୁ ପ୍ରସ୍ତୁତ ନୋହୁଁ ।

ଅଭିରାମ ସେଦିନ ମିଲ୍‌ର କର୍ତ୍ତୃପକ୍ଷମାନଙ୍କ ଠାରୁ ବ୍ୟର୍ଥ ହୋଇ ଫେରି ଆସିଥିଲା । ସେଇକଥା ଜଣେଇଥିଲା ଶ୍ରମିକ ମାନଙ୍କ ପାଖରେ । ଏ ଯୁଗରେ ମାଲିକମାନଙ୍କର ଏପରି ମନୋବୃତ୍ତିକୁ ପ୍ରଶ୍ରୟ ଦିଆ ଯାଇ ନ ପାରେ । ଆମର ହକ୍ ପାଇଁ ଆମେ ସଂଗ୍ରାମ ନ କଲେ, କାଳକ୍ରମେ ସେତକ ବି ବୁଡ଼ିବ । ତେଣୁ ପ୍ରସ୍ତୁତ ଲଢ଼ା ।

ଶ୍ରମିକ ମହଲରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଚହଲ ପଡି ଯାଇଥିଲା ଦେଶ ସାରା । ସଭା ଶୋଭାଯାତ୍ରାରେ ଏକଥାର ସ୍ୱରୂପ ଅମ୍ଳ ପ୍ରକାଶ କରିଥିଲା । ମାଲିକମାନଙ୍କର ମନୋବୃତ୍ତି ପୂର୍ବ ପରି ଅଚଳ ଅଉ ଅଟଳ ରହିଲା ।

ଶେଷରେ ସ୍ଥିର ହେଲା ମିଲ୍ ଷ୍ଟ୍ରାଇକ୍ ହେବ । ତାହାହିଁ କାର୍ଯ୍ୟକାରୀ ହେଲା । ଶ୍ରମିକମାନେ ମିଲ୍ ଭିତରେ ରହି ଷ୍ଟ୍ରାଇକ୍ କଲେ । ଫଳରେ କର୍ତ୍ତୃପକ୍ଷ ସେମାନଙ୍କୁ ପଦାକୁ ବାହାର କରି ଦେବାକୁ ଚେଷ୍ଟା କଲେ । ତଦ୍ଦ୍ୱାରା ଫଳ ଭଲ ହେଲା ନାହିଁ । ଦୁଇ ତରଫରୁ ଉତ୍ତେଜନା ସୃଷ୍ଟି ହେଲା । ଶ୍ରମିକମାନେ ମିଲ୍‌ର କେତେକ କଳକବ୍‌ଜା ଉପରେ ପ୍ରହାର କଲେ । କେଣେ ଦାୟିତ୍ୱ ସମ୍ପନ୍ନ ଅଫିସରଙ୍କୁ ଭୀଷଣ ଭାବରେ ଆଘାତ କଲେ । ଅଭିରାମର ବାରଣ ସେତେବେଳେ କେହି ମାନିଲେ ନାହିଁ । ଶୃଙ୍ଖଳିତ ଭାବରେ ଧର୍ମଘଟ ଚଳାଇ ହେଲା ନାହିଁ । କାରଣ

ସମସ୍ତେ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ । ଫଳରେ ପୋଲିସ୍ ଅଗ୍ନି ଲାଠି ଚାଳନା କଲା ।

ଧର୍ମଘଟ ଚାଲିଥିଲା । ଶ୍ରମିକ ମାନଙ୍କର ଅଟଳ ସଂଘବଦ୍ଧତା ଦେଖି କର୍ତ୍ତୃପକ୍ଷ ବିଚଳିତ ହୋଇ ପଡ଼ିଥିଲେ । କିନ୍ତୁ ହଠାତ୍ ଦିନେ ଦେଖାଗଲା ମିଲ୍‌ର ଦୁଇଜଣ କର୍ମଚାରୀ ମାନଙ୍କ ସହିତ ଦଳେ ଶ୍ରମିକଙ୍କର ଗଣ୍ଡଗୋଳ ଆରମ୍ଭ ହୋଇ ଯାଇଛି । ଅଭିରାମ ଅବସ୍ଥା ସମ୍ଭାଳିବା ପାଇଁ ଧାଇଁ ଯାଇ ଦେଖିଲା, ଜଣେ ଶ୍ରମିକ କର୍ମଚାରୀଙ୍କ ଭିତରୁ ଜଣକ ମୁଣ୍ଡରେ ଶକ୍ତ ଆଘାତ କରିଛି । ରକ୍ତାକ୍ତ କଳେବରରେ କର୍ତ୍ତୃପକ୍ଷ ଜଣକ ଅଚେତ ହୋଇ ପଡ଼ିଛନ୍ତି । ପୋଲିସ୍ ଅଭିରାମକୁ ଘଟଣା ସ୍ଥଳରେ ଉପସ୍ଥିତ ଥିବାର ସଂବାଦ ପାଇଲା ଏବଂ ତା ପରଠୁ ଆରେଷ୍ଟ କରିବା ପାଇଁ ଖୋଜି ବୁଲିଲା ।

ଶ୍ରମିକ ନେତାମାନଙ୍କର ପରାମର୍ଶ କ୍ରମେ ଅଭିରାମ ସେ ସ୍ଥାନ ତ୍ୟାଗ କରି ଚାଲି ଯିବାକୁ ବାଧ୍ୟ ହୋଇଥିଲା । ଶ୍ରମିକମାନେ ଓ ଅନ୍ୟାନ୍ୟ ନେତାମାନେ ଅଭିରାମକୁ ପ୍ରତିଶ୍ରୁତି ଦେଇଥିଲେ ଧର୍ମଘଟ ସେମାନେ ଚଳେଇ ଯିବେ । ଯେତେଦିନ ଯାଏ ସେମାନଙ୍କର ହକ୍ ଦାବୀ କର୍ତ୍ତୃପକ୍ଷ ମଞ୍ଜୁର ନ କରିଛନ୍ତି ।

ଅବଶ୍ୟ ଏହା ପରେ ଦୁଇମାସ ବିତି ଯାଇଛି । ଅଭିରାମ ପୋଲିସ୍‌ର ଲୋପ ଦୃଷ୍ଟିରୁ ନିଜକୁ ବଞ୍ଚେଇବା ପାଇଁ ଏଣେ ତେଣେ ଧାଇଁ ବୁଲୁଛି । ଦୀର୍ଘ ଦେଢମାସ ଧର୍ମଘଟ ଚାଲିବା ପରେ ଏମାନଙ୍କର ଦାବୀ ସଂଗ୍ରାମ କିପରି ବିଫଳ ଭାବରେ ପଙ୍ଗୁ ହୋଇଛି, ଅଭିରାମ ସେ ଖବର ରଖିଛି । ମାତ୍ର ସେ ଯେ ଏଠାକୁ ଆସି ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହେବ, ଏ କଥା ସ୍ୱପ୍ନରେ ସୁଦ୍ଧା ଭାବି ପାରି ନଥିଲା ।

ଅଭିରାମର ମନେ ହେଲା ତା'ର ଯେପରି ଏଠି କେହି ନାହାଁନ୍ତି, କିଛି ନାହିଁ । ଅଭିରାମ ଯେପରି ସମସ୍ତଙ୍କର ସର୍ବନାଶ କରିଛି । ଅଭିରାମ ଯେପରି ସେମାନଙ୍କର ପରମ ଶତ୍ରୁ । ସେ ଚାହାନ୍ତି ନାହିଁ ଅଭିରାମର ଉପଦେଶ, ଚାହାନ୍ତି ନାହିଁ ଅଭିରାମର ପରାମର୍ଶ । ଚାହାନ୍ତି ନାହିଁ ଜୀବନରେ ଉନ୍ନତି । ଠିକ୍ ସେମାନଙ୍କର ଲୋଡ଼ା ନାହିଁ, ଏହାଠୁ ବେଶି ସୁବିଧା ସୁଯୋଗ ସେମାନେ ଚାହାନ୍ତି ନାହିଁ ।

ଅଭିରାମର ଅସହାୟ ଦୃଷ୍ଟି ସେଠାକାର ପ୍ରତି ଘରଦ୍ୱାର ଓ ମାଟି ଗୋଡ଼ି ଉପରେ କରୁଣ ଭାବରେ ବୁଲୁଥିଲା । ହୃଦୟ ବିଦୀର୍ଣ୍ଣ କରି ଦୀର୍ଘଶ୍ୱାସ ବାହାରୁଥିଲା । ମଣିଷ କ'ଣ ଏତେ ସ୍ୱାର୍ଥପର ହୋଇ ପାରେ ! ବାୟୁମଣ୍ଡଳ ଯେପରି ବିଷାକ୍ତ ହୋଇ ଉଠୁଥିଲା । ଅଭିରାମର ଶ୍ୱାସରୁଦ୍ଧ ହୋଇଯିବ ସତେ କି !!

ମୁଣ୍ଡ ତା'ର ଘୂରିବାକୁ ଲାଗିଲା । ଆଖି ଆଗରେ ଦେଖିଲା ଯେପରି ସମସ୍ତ ସ୍ଥାନଟା ତା' ଚତୁଃପାର୍ଶ୍ୱରେ ଘୂରୁଛି । ଅଭିରାମ ଦୁଇ ହାତରେ ମୁଣ୍ଡଟାକୁ ଚାପି ଧରି ଗୋଟାଏ ଜାଗାରେ ବସି ପଡ଼ିଲା । ତାର ସମସ୍ତ ସାଧନା, ସମସ୍ତ ତପସ୍ୟା ବ୍ୟର୍ଥ ହେଇଛି । ଏହା ପରେ କ'ଣ ତାର କର୍ତ୍ତବ୍ୟ ?

ପ୍ଲାବନୀ ! ବିଚାରୀ ପ୍ଲାବନୀର ଏତେ ଆବେଦନ, ନିବେଦନ ସବୁ ସେ ଗୋଡ଼ରେ ଠେଲି ଦେଇଛି । ତାକୁ ପଦେ ନ କହିକି ବି ଅଭିରାମ ଚାଲି ଆସିଛି । ହୁଏତ ସେ ତା'ର ବାହୁଡ଼ା ପଥକୁ ଚାହିଁ ଚାହିଁ ଅଶ୍ରୁ ନିଗାଡୁଥିବ । ବ୍ୟଥିତ ହେଉଥିବ । ବିବ୍ରତ ହେଉଥିବ । ବିଚାରୀ ଅସୁସ୍ଥ । ଅଭିରାମ ତା'ର ଶେଷ ଆଶା ଭରସା । ତା' ପ୍ରିୟ, ଅନ୍ତରଙ୍ଗର ଜୀବନ ମରଣ ସମସ୍ୟାରେ ସେ ନିଜକୁ ନିୟୋଜିତ କରି ପାରିଲା ନାହିଁ । ଯେଉଁ ମାନଙ୍କ

ପାଇଁ ତା' ଜୀବନକୁ ସେ ପଳ ପଳ କରି ନଷ୍ଟ କରୁଛି, କାହାନ୍ତି- କାହାନ୍ତି ସେମାନେ ଆଜି ? କୁଆଡ଼େ ଗଲେ ସେମାନେ ? ଅଭିରାମ ପାଠ. ପଢ଼ାରେ ଜଳାଞ୍ଜଳି ଦେଇଛି, ଜୀବନକୁ ହା-ହୁତାଶ ମୟ କରିଛି । ଶ୍ରମିକ ସମାଜର ଉନ୍ନୟନ ପାଇଁ ନିଜକୁ ସେ ଉତ୍ସର୍ଗ କରିଛି । କିନ୍ତୁ ବଦଳରେ ଆଜି ପାଇଛି କ'ଣ ?

ବସି ବସି ତାର କାନ୍ଦିବାକୁ ମନ ହେଉଥିଲା । ଲୁହ ନିଗାଡ଼ି ଅନ୍ତରର ସମସ୍ତ ଅବସାଦ, ସମସ୍ତ ଗ୍ଲାନି ଧୋଇ ଦେବାକୁ ଇଚ୍ଛା ହେଉଥିଲା । କିନ୍ତୁ ପ୍ରକୃତରେ କଣ ସେମାନେ ଅଭିରାମକୁ ଘୃଣା କରୁଛନ୍ତି ! ଅଭିରାମକୁ ଦୂରେଇ ଦେଉଛନ୍ତି ?

ହଠାତ୍ ଅଭିରାମର ଭାବନା ସ୍ରୋତ ବାଧା ପାଇଲା । ଅତି ନଗଣ୍ୟ ଆଉ ଅତି କରୁଣ ଯେଉଁ ମାନଙ୍କର ଜୀବନ; ଆଜି ଗଣ୍ଡେ ପେଟ ପୁରା ଖାଇବାକୁ ମିଳିଲେ, କାଲିକଥା ଯେଉଁମାନେ ଚିନ୍ତା କରି ପାରନ୍ତି ନାହିଁ; ସେମାନଙ୍କର ଆଚରଣରେ କ୍ଷୁବ୍ଧ ହେବା କ'ଣ ଉଚିତ୍ । କ'ଣ ବା ସେମାନଙ୍କର ଅପରାଧ । ପେଟ ଗୃଖଣ୍ଡିକ ପାଇଁ ସେମାନେ ଯେକୌଣସି ଲୋଭନୀୟ ପ୍ରଲୋଭନରେ ଭୁଲି ଯାଇ ପାରନ୍ତି । ହୁଏତ କର୍ତ୍ତୃପକ୍ଷଙ୍କ କୌଣସି ଲୋଭନୀୟ ପ୍ରଲୋଭନରେ ଭୁଲି ଶ୍ରମିକ ନେତାମାନେ ସେମାନଙ୍କ ଭବିଷ୍ୟ ନଷ୍ଟ କରୁଛନ୍ତି । ଶ୍ରମିକ ମାନେ ଭୁଲିବା ତ ଅତି ସହଜ ! ପାଞ୍ଚ ମାସର ଅନାହାରୀ ଶ୍ରମିକଙ୍କର ଧୈର୍ଯ୍ୟ କେତେ ! କିଏ ବା ତାକୁ ଜିଆଇ ରଖିବ ! ଧୈର୍ଯ୍ୟର ସେତୁ ଭାଙ୍ଗିଛି । କେହି ତାକୁ ଅଟକେଇ ପାରି ନାହାନ୍ତି । ତେଣୁ ମାଲିକର ଜୟ ହୋଇଛି । ପରାଜୟ ସ୍ୱୀକାର କରିଛନ୍ତି ଶ୍ରମିକ ।

ସବୁ ଯୁଗରେ, ସବୁ କ୍ଷେତ୍ରରେ ଉତ୍ଥାନ ପତନ ହୋଇ ଥାଏ । ହୁଏତ ତାହାହିଁ ହୋଇଛି । ଏଥିରେ ଅଭିରାମ

ବଡଲୋକ ହେଲେ ଚଳିବ କିପରି ! ସେ ଅଭିମାନ କଲେ ତାଙ୍କୁ ମାନ ଦେବ କିଏ ? କାହା ଉପରେ ସେ ରାଗିବ ? କାହାଠାରୁ ମାନ ଦାବୀ କରିବ ?

ଅଭିରାମ ଆଖି ମେଲେଇ ଚାହିଁଲା । ଧୀରେ ଅନ୍ଧକାର ଘୋଟି ଆସୁଛି । କେଉଁଠି ଆଜି ସେ ଆଶ୍ରୟ ନେବ । ଏଠାକାର ପ୍ରତିଟି ଘରଦ୍ୱାର, ପ୍ରତିଟି ବୃକ୍ଷଲତା ସହିତ ସେ ଘନିଷ୍ଠ ଭାବରେ ପରିଚିତ । କିନ୍ତୁ ଆଜି ତା ପାଇଁ କେଉଁଠି ସ୍ଥାନ ନାହିଁ । ଅଭିରାମ ଏଇତ ଦୁଃଖରେ ମଧ୍ୟ ହସି ପକେଇଲା ।

ରାତି ଯାପନର ବ୍ୟବସ୍ଥା ତାର ଲୋଡା ନାହିଁ । ପେଟର କ୍ଷୁଧା ନିବାରଣ ସେ ଚାହୁଁ ନାହିଁ । ଆଜି ପ୍ରୟୋଜନ ତାର ସୌଖ୍ୟ, ସାହଚର୍ଯ୍ୟ ଆଉ ସହୃଦୟତା । ଯେଉଁମାନେ ତା'ର ପ୍ରିୟ ଥିଲେ ସେମାନେ ଆଜି ତାଙ୍କୁ ଅପ୍ରିୟ କରିଛନ୍ତି । କିନ୍ତୁ ସେମାନଙ୍କ ଅନ୍ତରରୁ କ'ଣ ପୋଛି ପାରିଛନ୍ତି ? ନା, ନା, ମଣିଷର ମନୁଷ୍ୟତ୍ୱ ଯଦି ଟିକିଏ ହେଲେ ସଜାଗ ହେବ, କଦାପି ସେ ଅଭିରାମକୁ ଅସ୍ୱୀକାର କରି ପାରିବ ନାହିଁ । ଅଭିରାମ ଏଇଠି, ମିଲ୍‌ର ଏଇ ଇଟା ଉପରେ ପୁଣି ବିଜୟ ମଞ୍ଚ ପୋତିବ । ସେ ଫେରିବ ନାହିଁ । ଆଉ ଫେରି ପାରିବ ନାହିଁ । ଯଦି ଶ୍ରମିକ ଆନ୍ଦୋଳନ କରି ଥାଆନ୍ତା, ଯଦି ସେ ଆନ୍ଦୋଳନରେ ଜନମତ ଲକ୍ଷ୍ୟ କରି ଥାଆନ୍ତା, ତା'ହେଲେ ସେ ହୁଏତ ପ୍ଲାବଣୀର କଥା ରଖିବାକୁ ଚେଷ୍ଟା କରି ଥାଆନ୍ତା । କିନ୍ତୁ ଆଜି କିପରି ତାହା ସମ୍ଭବ ହେବ ! ପ୍ଲାବଣୀ ବଡ଼ଲୋକ । ଧନ ଅଛି, ମାନ ଅଛି । ତା ମୃତ୍ୟୁ ସହଜରେ ହୋଇ ପାରିବ ନାହିଁ । ବଡ଼ ବଡ଼ ଡାକ୍ତର ଅଛନ୍ତି, ବଞ୍ଚନାଗାର ଅଛି । ତା' କଥା ଚିନ୍ତା କରିବା ଅଭିରାମର କର୍ତ୍ତବ୍ୟ ନୁହେଁ । ତାକୁ ଚିନ୍ତା କରିବାକୁ ହେବଲ ଶ୍ରମିକ ମାନଙ୍କର ଚିନ୍ତା କରିବାକୁ

ହେବ । ଯୋଜ୍ ମାନେ ଅତି ସରଳ, ଅତି ନୀରବ । ସବୁଳର ଅତ୍ୟାଗୁର ଯୋଜ୍ ମାନଙ୍କ ପଞ୍ଜର ନୁଆଁଇ ଦେଇଚ; କିନ୍ତୁ ସେମାନେ ଯେ ଅଭିରାମକୁ ଦୂରରୁ ଦୂରକୁ ଠେଲି ଦେଉଛନ୍ତି । କିପରି ସେ ନିଜେ ଯାଇ ତାଙ୍କ ଆଗରେ ଠିଆ ହେବ ? ଯଦି ସେମାନେ ଅପମାନ କରନ୍ତି ?

ଅଭିରାମ ପାଦ ଗଣି ଆଗେଇ ଥିଲା । ମଦନ, ଶଙ୍କର, ମହାଦେବ ଅଭିରାମକୁ ଦେଖି ବାଟ ଭାଙ୍ଗି ଅଡ଼େଇ ଗଲେ । ଚମତ୍କାର ପରିବେଶ, ସୁନ୍ଦର ପରିକଳ୍ପନା । ଉଚ୍ଚିଷ୍ଟଙ୍କର ଜୟ ହେଉଚି, ଜୟ ହେଉଚି ଦଲାଲ ମାନଙ୍କର । ବିପକ୍ଷକୁ ସେମାନେ ଚେର ସହିତ ଉପାଡ଼ି ଦେବାକୁ ଯତ୍ନ କରୁଛନ୍ତି । ଯାହା ଫଳରେ ଅଭିରାମ ଆଜି ଅପରିଚିତ, ଅଯାଚିତ ପରି ଘୁରି ବୁଲୁଛି ।

କିନ୍ତୁ ଅଭିରାମ ଯେ ସର୍ବହରା । ଅଭିରାମ ଯେ ସର୍ବଂସହା । କିଏ ତାର ପ୍ରତିଜ୍ଞା ଟଳେଇବ । କିଏ ତାର ଧୈର୍ଯ୍ୟ ଭଙ୍ଗ କରିବ । ସେଇ ଅନ୍ଧକାର ଭିତରେ ହୋ ହୋ ହେଇ ହସି ଉଠିଲା ଅଭିରାମ ।

✤

ବନ୍ଧୁ !

ବ୍ୟଥା, ବେଦନା ଆଉ ଯନ୍ତ୍ରଣା ଯଦି ଜୀବନ ସଂଜ୍ଞା ହୁଏ, ତେବେ ମୁଁ ଜୀବନକୁ ଜୟ କରିଚି । ଜାଣେନି ମୋର ଏଇ କେଇ ଧାଡ଼ି ଲେଖା ତୋ’ ପ୍ରାଣରେ ମୋ ପାଇଁ କରୁଣା ସଂଗ୍ରହ

ଲଭିବ ବି ନାହିଁ । ଆଜି ଅନ୍ତ ମୁଁ ତୋ' ଠାରୁ ମୋ ପାଇଁ କରୁଣା ଆଶା କରିବାକୁ ଯୋଗ୍ୟ ନୁହେଁ । ମୁଁ ତୋତେ ଯଥେଷ୍ଟ ଆଘାତ ଦେଇଛି । ତୋର ବିପନ୍ନ ଅବସ୍ଥାରେ ତୋତେ ମୁଁ ପରିତ୍ୟକ୍ତ କରି ଛାଡ଼ି ଚାଲି ଆସିଛି । ତୋର ସମସ୍ତ ସ୍ନେହ ଓ ସୌହାର୍ଦ୍ଦ୍ୟକୁ ମୁଁ ଛିଡ଼ା ଫୁଲ ପରି ତ୍ୟାଗ କରିଛି । ତେଣୁ ତୋ ବିରୁଦ୍ଧରେ ମୋର କୌଣସି ଅଭିଯୋଗ ନାହିଁ ।

ତୋତେ ଭୁବନେଶ୍ୱରର ସେହି ନିଭୃତ କୋଠରୀରେ ଛାଡ଼ି ଆସିବାର ପ୍ରାୟ ବର୍ଷକରୁ ଅଧିକ ହୋଇଗଲାଣି । ତା'ପରେ ତୋର ଆଉ କୌଣସି ଖବର ରଖି ନାହିଁ । କିମ୍ବା ସେଦିନ ତୋ' ପରିଣତି କ'ଣ ହୋଇଥିବ ସେ ସମ୍ବନ୍ଧରେ କୌଣସି ଚିନ୍ତା ମୁଁ କରି ନାହିଁ । ହୁଏତ ସେଦିନ ଆକୁଳ ହୋଇ ତୁ ମୋତେ ଭୁବନେଶ୍ୱର ବଣ, ପାହାଡ଼, ମନ୍ଦିର ଚତୁର୍ଦ୍ଦିଗରେ ଖୋଜି ବୁଲିଥିବୁ । ନୟନ ଅଶ୍ରୁରେ ଗିରି ଗହ୍ୱର ଭସେଇ ଥିବୁ । ଅଥବା ତପ୍ତ ନିଶ୍ୱାସରେ ବଣ ଭୂଇଁରେ ଅଗ୍ନି ସଂଯୋଗ କରି ମୋତେ ଅଭିଶାପ ଦେଇଥିବୁ । ସେ ସବୁ ପଛ କଥା । ବହୁତ ପଛରେ ପଡି ରହିଲାଣି । ଯାହା ଯାଇଛି ସେ କଥା ମୁଁ ଆଉ ଭାବୁ ନାହିଁ । ତୁ ବି ମଧ୍ୟ ଭୁଲି ଯାଇଥିବା ଉଚିତ ।

କିନ୍ତୁ ମୋର ବର୍ତ୍ତମାନ ! ଅତି କରୁଣ, ଅତି ବିକଳ । ମୋ ତପସ୍ୟାର ପଥ ଧୀରେ ଧୀରେ ଜଟିଳ ହୋଇ ଉଠୁଛି । ମୋ ଜୀବନ ନୌକା ଅସ୍ତେ ଅସ୍ତେ ଡଗମଗ ହେଉଛି । ମୋର ନୀତି, ଆଦର୍ଶ, ସବୁ ହୁଏତ ବ୍ୟର୍ଥ ହୋଇଯିବ । କାରଣ ମୃତ୍ୟୁ ମୋତେ ଅପେକ୍ଷା କରି ବସିଛି ।

ମୋର ଏହି ଅପ୍ରତ୍ୟାଶିତ ସମ୍ବାଦରେ ତୁ ବିଚଳିତ ହେବୁ ନାହିଁ । ଯେ ହେତୁ ମୁଁ ତୋର ମୃତ୍ୟୁ ନିଦାନ ଜାଣି ସୁଦ୍ଧା

ଅବିଚଳିତ ରହିଥିଲି । ତୋର ସମସ୍ତ ଅବେଦନ, ନିବେଦନକୁ
ମୁଁ ତୁଚ୍ଛ ମଣିଥିଲି । କିନ୍ତୁ ଆଜି ଜୀବନର ଶେଷ ଅଧ୍ୟାୟ
ଲେଖିଲାବେଳେ ଅନୁଭବ କରୁଛି, ସେତେବେଳେ ତୋ ମନର
ଅବସ୍ଥା କିପରି ଭୟାବହ ହୋଇଥିବ । ତୁ ଆଖି ଆଗରେ ମୃତ୍ୟୁ
ଛାୟା ଦେଖି କିପରି ଶିହରି ଉଠିଥିବୁ । ଆଜିପରି ସେଦିନ ଯଦି
ତୋ ପରିସ୍ଥିତି ମୁଁ ଅନୁଭବ କରି ପାରି ଥାଆନ୍ତି !! ଥାଉ ।
ସେ ସବୁ ଭାବିଲେ ସଂସାର ପ୍ରତି ମୋହ ବଢ଼ୁଛି । ଜୀବନ ପ୍ରତି
ଆସକ୍ତି ଆସୁଛି !

ଅବଶ୍ୟ ଏହି ଦୀର୍ଘ ଏକ ବର୍ଷର ପଥ ମୁଁ ବହୁ କଷ୍ଟରେ
ଅତିକ୍ରମ କରିଛି । ମୋର ନୀତି, ମୋର ଆଦର୍ଶ କାଏମ୍ କରିବା
ପାଇଁ ମୋତେ କଠୋର ସାଧନା କରିବାକୁ ହୋଇଛି ।
ସେଇଥିପାଇଁ ମୁଁ ଆଜି ଯକ୍ଷ୍ମାର କରାଳ କବଳରେ ଆତ୍ମ ସମର୍ପଣ
କରିବାକୁ ବାଧ୍ୟ ହୋଇଛି ।

ଅବଶ୍ୟ ଯକ୍ଷ୍ମା ଆଜି ଦେଶର ଗୋଟାଏ କଠିନ ରୋଗ
ହୋଇ ରହି ନାହିଁ । ମାତ୍ର ମୋର ପରିସ୍ଥିତି ଆରୋଗ୍ୟ ଲାଭର
ସମସ୍ତ ଅବସ୍ଥାକୁ ଅତିକ୍ରମ କରି ସାରିଲାଣି । ଏହା ସ୍ୱତଃସିଦ୍ଧ
କଥା ଯେ, କୌଣସି ଅବଲମ୍ବନ ମୋତେ ଆଉ ପୁନର୍ଜୀବନ ପ୍ରଦାନ
କରି ପାରିବ ନାହିଁ । ସେଥିପାଇଁ ମୋର ତିଳେ ହେଲେ
କ୍ଷୋଭ ନାହିଁ । କିନ୍ତୁ ଅଭିଶୋଚ କେଉଁଠି ଜାଣୁ ? ତୋ ସ୍ୱପ୍ନ
ରୂପ ପାଇ ପାରିଲା ନାହିଁ । ଯେଉଁ ସଙ୍ଗପାଳି ଦଳର ସ୍ୱଭାବ
ପରିବର୍ତ୍ତନ କରି ମୁଁ ଆଜି ସେମାନଙ୍କ ଠାରେ ସୃଜନ ଶକ୍ତି ସୃଷ୍ଟି
କରିବାକୁ ଚାହିଁଥିଲି, ଶେଷରେ ସେଇମାନେ ମୋର ରକ୍ତ
ଶୋଷିଲେ । କିନ୍ତୁ ରକ୍ତ ଦେଇ ମୁଁ ଯଥେଷ୍ଟ ଲାଭ ପାଇଛି ।

ସେମାନେ ଅଜ୍ଞ ଅଜ୍ଞରେ ସଚେତନ ହୋଇଛନ୍ତି । ମୋର ମୃତ୍ୟୁ ଶଯ୍ୟା ପାଖରେ ବସି ଶପଥ ଗ୍ରହଣ କରିଛନ୍ତି ।

କିନ୍ତୁ କିଏ ସେମାନଙ୍କୁ ପଥ ଦେଖାଇବ ? କିଏ ସେମାନଙ୍କର ସ୍ୱଭାବ ପରିବର୍ତ୍ତନ ପାଇଁ ପ୍ରାଣମୂର୍ଚ୍ଛା ଶ୍ରମ କରିବ ? କିଏ ସେମାନଙ୍କର ମନକଥା ବୁଝି ଅନ୍ଧାରରୁ ବାହାରକୁ ଡାକିବ !

ତୋର ବର୍ତ୍ତମାନ ପରିସ୍ଥିତି ସମ୍ବନ୍ଧରେ ମୁଁ ସଂପୂର୍ଣ୍ଣ ଅଚେତନ । ଶେଷରେ ଶୁଣିଥିଲି ତୋର କର୍ମମୟ ଜୀବନରେ ତୁ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛୁ । ତୋ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଦେଶର ଯଥେଷ୍ଟ ଉପକାର ହୋଇଛି । ବେଳେ ବେଳେ ଖବର କାଗଜମାନେ ଉଚ୍ଚ ସ୍ୱରରେ ତୋର ପ୍ରଶଂସା ଗାନ କରିଛନ୍ତି । କିନ୍ତୁ ସେଥିରେ ତୋର ଜଣେ ଅନ୍ତରଙ୍ଗ ହିସାବରେ ଗର୍ବ କରିବାକୁ ମୁଁ ଅବକାଶ ପାଇ ନାହିଁ । ସବୁବେଳେ ମୁଁ ଭାବି ଆସିଛି 'ଦୀପ ତଳ ଅନ୍ଧାର ।' ଆଜି ବି ମୁଁ ଅନୁଭବ କରୁଛି ପ୍ରକୃତରେ ଦୀପ ତଳ ଅନ୍ଧାର । ମୋର ଆଜି ଈର୍ଷା ହେଉଛି ମୋ ପ୍ରତି । କାହିଁକି ମୁଁ ଜନ୍ମ ହୋଇଥିଲି !

ଆଜି, ସେ ଦୁର୍ଭାବନା ଭିତର ଭିତରେ ଆଉ ଘାଣ୍ଟି ହେବାକୁ ଭଲ ଲାଗୁ ନାହିଁ । ଜୀବନର ଦୀପ ଲିଭି ଲିଭି ଆସୁଛି । ମୁଁ ଭାବୁଛି ମୋ ଅସରନ୍ତି କର୍ମ ଯୋଜନା କଥା । ଏହା କ'ଣ ଦିନେ ପୂର୍ଣ୍ଣାଙ୍ଗ ରୂପ ଗ୍ରହଣ କରିବ ନାହିଁ ?

ଭୀଷଣ କାଶ ହେଉଛି । ଥୋପା ଥୋପା ରକ୍ତ ବାହାରି ମୋତେ ଅଚେତନ କରି ପକାଉଛି । ଯାହା ଲେଖିବାକୁ ଇଚ୍ଛା କରୁଛି ତାର ପୂର୍ଣ୍ଣ ରୂପ ଦେଇ ପାରୁନାହିଁ । ଏଇ ସୁନ୍ଦର ସଂସାରର ସମସ୍ତ ମୋହ ତୁଟାଇ ମୋତେ ଚାଲି ଯିବାକୁ ହେବ । ସେଇ କଥା ତୁ ବି ଦିନେ ମୋତେ ପଚାରି ଥିଲୁ । ସେଦିନ ମୁଁ

ମନେ ମନେ ହସି ଥିଲ ! ଭାବୁଥିଲ, ବାଗାଳଟା । କିନ୍ତୁ ଆଜି ମୁ ବାଗାଳଙ୍କ ପରି ଭାବୁଛି ଏଇ ସୁନ୍ଦର ସଂସାରର ଅପରୂପ ସୌନ୍ଦର୍ଯ୍ୟ କଥା । ସଂସାରଟା ଯେ କେତେ ମଧୁର, କେତେ ରସାଳ, ମଣିଷ ଜୀବନର ଶେଷ ପାହାଚରେ ପାଦ ନ ଥାପିବା ଯାଏ କଳ୍ପନା କରି ପାରିବ ନାହିଁ ।

ଆଜି ମୋର ଏ ଚିଠି ଲେଖିବା ମୂଳରେ ଗୋଟିଏ ଉଦ୍ଦେଶ୍ୟ ନିହିତ ଅଛି । ମୁଁ ତୋତେ ଗୋଟିଏ ଅନୁରୋଧ କରିବି । ଅବଶ୍ୟ ଏଇଟା ମୋର ଶେଷ ଅନୁରୋଧ । ଏ କଥା ମୋତେ ଜଣା ଅଛି ଯେ; ମୁଁ ତୋର କୌଣସି ଅନୁରୋଧ କେବେ ରଖିନାହିଁ, ଅନୁଯୋଗ କେବେ ଶୁଣି ନାହିଁ । ଏପରିକି ତୋର ଶେଷ ଅନୁରୋଧ ଆଡେ ମୁଁ କର୍ଣ୍ଣପାତ ବି କରିନାହିଁ । ସେହି ଦୃଷ୍ଟିରୁ ବିଚାର କଲେ ତୋତେ ଅନୁରୋଧ କରିବାକୁ ମୋର କୌଣସି ଅଧିକାର ନାହିଁ । ତଥାପି ମୋର କାହିଁକି ଇଚ୍ଛା ହେଉଛି ମୋର ଶେଷ କଥା କେଇପଦ ତୋ ଆଗରେ କହି ଯିବା ପାଇଁ । ଏହା ତୋ ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି ନ କଲେ ମୋ ଆତ୍ମା ସବୁଠାରୁ ବେଶି ତୃପ୍ତି ଲାଭ କରିବ । କାରଣ ତୋତେ କର୍ତ୍ତବ୍ୟ ଚ୍ୟୁତ ହେବାକୁ ପଡ଼ିବ ନାହିଁ ।

ଶୁଣୁଛି ଡମ ମିଲ୍‌ର ଶ୍ରମିକମାନେ ଆନ୍ଦୋଳନ ସୃଷ୍ଟି କରିଛନ୍ତି । ମୋର ପରିକଳ୍ପିତ ଯୋଜନା ଅନୁସାରେ ସେମାନେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେମାନଙ୍କର ଦାବୀ ନିଶ୍ଚୟ ତୋ ଆଗରେ ଉପସ୍ଥାପିତ ହୋଇଥିବ । ମୁଁ ତୋ ଉପରେ ପ୍ରଭାବ ବିସ୍ତାର କରି ଏ କଥା ବିଚାର କରିବାକୁ କହୁ ନାହିଁ । ତୁ ଥରେ ଧୀର ମନ ସ୍ଥିର ଚିତ୍ତରେ ବିଚାର କରି କହିଲୁ

ପ୍ରକୃତରେ ମିଲ୍‌ର ମାଲିକ କିଏ ? ଧନ ଆଉ ଶ୍ରମ ଏ ଦୁହେଁ ସେ ଦେହର ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗୋଟିକ ବିନିମୟରେ ଅନ୍ୟଟି ଅଚଳ । ତେଣୁ କହିଲି, ନ୍ୟାୟତଃ ଦୁହେଁ ସମାନ ଅଧିକାରୀ ନୁହଁନ୍ତି କି ? ଯଦି ତାହାହିଁ ସତ୍ୟ ହୁଏ, ତେବେ ଶ୍ରମିକମାନେ ମାଲିକଙ୍କ ଦ୍ୱାରା ଦିନ ପରେ ଦିନ ଏପରି ଅପମାନିତ ଲାଞ୍ଛିତ ହେବେ କାହିଁକି ?

ମୋର ଯୁକ୍ତି, ବର୍ତ୍ତମାନ ଜାତୀୟ ସଙ୍କଟ ଦିନରେ, ଦେଶର ଦୁର୍ଦ୍ଦଶା ମେଣ୍ଟାଇବା ପାଇଁ ପ୍ରଚୁର ଉତ୍ପାଦନର ଆବଶ୍ୟକ । ସେ ଦୃଷ୍ଟିରୁ ପ୍ରତ୍ୟେକ ମିଲ୍ ମାଲିକମାନଙ୍କର ଯଥେଷ୍ଟ ଦାୟିତ୍ୱ ଅଛି । କିନ୍ତୁ ଏଠାରେ ଭାବିବା କଥା ହେଉଛି, ଅଳସ ମାଲିକ [illegible]ମାନେ କଣ ଇଚ୍ଛା କଲେ ଉତ୍ପାଦନ ବୃଦ୍ଧି କରି ପାରିବେ ? ସମ୍ପୂର୍ଣ୍ଣ ନିର୍ଭର କରୁଛି ଶ୍ରମିକମାନଙ୍କ ଉପରେ । ତେଣୁ ଶ୍ରମିକମାନଙ୍କର ସହଯୋଗ ଆଜି ଅମର ପୂର୍ଣ୍ଣ ମାତ୍ରାରେ ଲୋଡ଼ା ଏ କଥା ଅସ୍ୱୀକାର କରି ହେବ ନାହିଁ । କିନ୍ତୁ ସେମାନେ କାହିଁକି ସହଯୋଗ କରିବେ ? ଶ୍ରମ ବିନିମୟରେ ସେମାନେ ଯାହା ପାଆନ୍ତି ସେଥିରେ ପେଟ ପୂରେ ନାହିଁ, ପିଠି ଲୁଚେ ନାହିଁ । ପିଲା ଛୁଆ ସେମାନଙ୍କର ରୋଗ ଶୋକରେ ବୁଡ଼ି ରହନ୍ତି । ଶିକ୍ଷାର ଦୂରର କଥା ଅନ୍ଧାର ଭିତରେ ସେମାନେ ଘାଣ୍ଟି ହୁଅନ୍ତି । ଶ୍ରମିକ ତା ସ୍ତ୍ରୀର ଅସୁସ୍ଥତା ବେଳେ ତାକୁ ଔଷଧ ଟିକିଏ କିଣି ଖୁଆଇ ପାରେନା । ପୁଅକୁ ମୃତ୍ୟୁ ଶଯ୍ୟାରେ ଛାଡ଼ି କାମ କରିବାକୁ ବାହାରି ଯାଏ । ଏପରି ଯେଉଁ ଶ୍ରମିକ ସମାଜର କାରୁଣ୍ୟ, ସେଠି ଉତ୍ସାହ ଆସିବ କେଉଁଠୁ ? ନିଜ କଥା ଚିନ୍ତା କରିବାକୁ ଯାହାର ବେଳ ଅଣ୍ଟେନା, ସେ ଦେଶକଥା ଚିନ୍ତା କରିବ କେତେବେଳେ ?

ତେଣୁ ମୋର କହିବା କଥା ହେଉଛି, ସେମାନଙ୍କୁ ଦେଶର ସମୂହ କଲ୍ୟାଣରେ ଲଗେଇବାକୁ ହେଲେ, ପ୍ରଥମେ ସେମାନଙ୍କର ମନର ପରିବର୍ତ୍ତନ କରିବାକୁ ହେବ । ମନ ଭିତରେ ବସା ବାନ୍ଧି ରହିଥିବା ସମସ୍ତ ଦୁଃଖ, ଶୋକ, ଅବସାଦ ଘୁଞ୍ଚେଇବାକୁ ହେବ । ତା ହେଲେ ଅନେକ ମାଳା ଆପଣା ଛାଏଁ ତାଙ୍କ ଆଖି ଆଗରେ ଜଳି ଉଠିବ । ସେତେବେଳେ ତାଙ୍କ ନିଜର ହୋଇ କୌଣସି ସମସ୍ୟା ନ ଥିବ । ତା' ହେଲେ ଦେଶ ଓ ଜାତି କଥା ଆପଣା ଛାଏଁ ସେମାନଙ୍କ ମନକୁ ଆସିବ ।

ମୋ ଆନ୍ଦୋଳନର ଧାରା ଏହି ଶ୍ରମିକ ମାନଙ୍କୁ କେନ୍ଦ୍ର କରି । ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଅର୍ଥଲୋଭୀ ମାଲିକ ମାନଙ୍କୁ ଯଥେଷ୍ଟ କ୍ଷତି ସ୍ୱୀକାର କରିବାକୁ ହେବ । ମୁଁ ଜାଣେ କୌଣସି ମାଲିକ ଏହା ବରଦାସ୍ତ କରିବେ ନାହିଁ । ସେମାନଙ୍କର ଲକ୍ଷ୍ୟ ଅର୍ଥ । ଧନ ବଢ଼ିବ, କୋଠା ବଢ଼ିବ, ଗାଡ଼ି, ଘୋଡ଼ା, ଦାସ ଦାସୀ ବଢ଼ିବେ । ଗୋଟାଏ ମିଲ୍‌ର ଲବ୍‌ଧ ଧନରେ ଆଉ ତିନିଟା ମିଲ୍ ପ୍ରତିଷ୍ଠା କରାହେବ । ସେଇଥି ପାଇଁ ମୁଁ ମୋ ଆନ୍ଦୋଳନରେ ଯୋଗସୂତ୍ର ମାଲିକ ଅଡ୍ଡା ସ୍ଥାପନ ନ କରି ଶ୍ରମିକ ଅଡ୍ଡା ସ୍ଥାପନ କରିଛି । ସେମାନଙ୍କୁ ମୁଁ ଶିଖେଇଛି, ଯେଉଁ ମିଲ୍‌ରେ ତମେ ଶ୍ରମ ଦାନ କରୁଛ, ସେ ମିଲ୍ ତମ ନିଜସ୍ୱ । ତହିଁରେ ଧନଦାନ କାରୀର ଯେତିକି ଅଧିକାର ଅଛି, ଶ୍ରମଦାନ କାରୀର ସେତିକି ଅଧିକାର ଅଛି । ତେଣୁ ମିଲ୍‌ର ଲବ୍ଧ ଧନରେ ମାଲିକର ଯେତିକି ଅଧିକାର, ଶ୍ରମିକର ଠିକ୍ ସେତିକି ଅଧିକାର । ଲବ୍‌ଧ ଧନକୁ ଶତକଡ଼ା ପଚିଶ ଭାଗ ମିଲ୍‌ର ଉନ୍ନତି ପାଇଁ ରଖି, ପଚିଶ ଭାଗ ମାଲିକର ଧନଦାନ ବାବଦକୁ ଦେଇ ବାକି ପଚାଶ ଭାଗ ଶ୍ରମିକମାନଙ୍କ ଶ୍ରମଦାନ ବାବଦକୁ ଦିଆଯିବ ।

ଅବଶ୍ୟ ଆମ ଦେଶର ଶ୍ରମିକ ମାନଙ୍କ ପକ୍ଷରେ ଏହା ଏକ ମହା ବିପ୍ଳବ । ମୁଁ ଜାଣେ ଏହା ମାଲିକ ମାନେ କୌଣସି ପ୍ରକାର ସମର୍ଥନ କରିବେ ନାହିଁ । ଏଥିପାଇଁ ବହୁ ରକ୍ତପାତ ହୋଇ ପାରେ, ଅତିଶୋଚନୀୟ ଦୁର୍ଘଟଣା ଘଟି ପାରେ, ମାତ୍ର ଦିନେ ନା ଦିନେ ଏହାର ସୁଫଳ ଫଳିବ । ଶ୍ରମିକ ମାନେ ଉପଯୁକ୍ତ ହେବେ ।

ମୋର କହିବାରେ ଲେଖିବା କଥା ତମ ମିଲ୍‌ରେ ଏହି ଧାରାକୁ ଭିତ୍ତିକରି ଆନ୍ଦୋଳନ ପ୍ରାୟ ମାସେ ହେବ ଆରମ୍ଭ ହୋଇଛି । ମୋର ଏହି ଶ୍ରମ ଯୋଜନା ସମ୍ବନ୍ଧରେ ତୁ ଥରେ ଚିନ୍ତା କରିବୁ । ଅବଶ୍ୟ ମାଲିକର ମନୋବୃତ୍ତି ନେଇ ଚିନ୍ତା କଲେ ତତେ ସବୁ ଅସଂଗତ ମନେ ହେବ । ତୁ ଥରେ ନିଜ ବିବେଚନାରେ ମୋର ଏହି ଚିନ୍ତା ଧାରା ଉପରେ ବିଚାର କରିବୁ ।

ସବୁଠାରୁ ସୁଖର କଥା ହେଉଛି, ମୁଁ ମୋର ଏହି ଭଙ୍ଗା ଦେହଟାକୁ ନେଇ କଲିକତା ଯାଉଛି । ଦିନେ ତୋତେ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ହୁଏତ ତାହା ପୂରଣ ହେବ । କିନ୍ତୁ ଆଜି କ'ଣ ତୁ ମୋତେ ମିତ୍ର ଭାବରେ ଗ୍ରହଣ କରି ପାରିବୁ ?

ମୋର ଏହି ଭଙ୍ଗା ଦେହଟାର ଭାର ବହନ କରିବାର ଶକ୍ତି ଆଜି ନାହିଁ । ତଥାପି ସେଠାକାର ଶ୍ରମିକ ନେତାମାନେ ମୋତେ ସଶ୍ରଦ୍ଧ ନିମନ୍ତ୍ରଣ ଜଣାଇଛନ୍ତି । ସେମାନେ ମୋ ଯୋଜନାକୁ ରୂପ ଦେବା ପାଇଁ ଆୟୋଜନ କରିଛନ୍ତି ଯେତେବେଳେ, ମୋର ଏହି ଶେଷ ଅବସ୍ଥାରେ ସେତିକି ଦେଖି ଗଲେ ହୁଏତ ଟିକିଏ ଶାନ୍ତି ପାଇବି । ସେସବୁ ପରେ ମଧ୍ୟ ଅତୁର ଗୋଟାଏ ବଡ଼ ଆକାଂକ୍ଷା ମୋର ଅଛି । ସେ ହେଉଛି,

ତୁ । ଅନ୍ତତଃ ଜୀବନର ଦୀପ ଲିଭିବା ଆଗରୁ ଥରେ ତୋ ଦେଖା ପାଇବି ।

ଜାଣେନି ମୋର ଏହି ଚିଠିଟି ତୋ ପ୍ରାଣରେ କିପରି ପ୍ରତିକ୍ରିୟା ସୃଷ୍ଟି କରିବ । କିନ୍ତୁ ଗୋଟାଏ କଥା ଜାଣି, ତୁ ଅତୀତ ଆଡ଼େ ଦୃଷ୍ଟିପାତ କରି ଦୁର୍ବଳ ହେବୁ ନାହିଁ । ନୀତି ଭ୍ରଷ୍ଟ ହେବୁ ନାହିଁ । ମୋ ପରି ତୋ ପଥରେ ତୁ ଶେଷ ଯାଏ ଅଟଳ ହୋଇ ରହି ପାରିଲେ ମୋ ଆତ୍ମା ତୃପ୍ତି ହେବ ।

ଆଉ କ'ଣ ଲେଖିବି ! ଲେଖି ବସିଲେ ତ ଯୁଗ ଯୁଗ ବିତିଯିବ । କାହାଣୀ ଶେଷ ହେବ ନାହିଁ । କିନ୍ତୁ କ'ଣ ଜାଣୁ ଝିଅ ! ଏ ଭଙ୍ଗା ଦେହ ଆଉ ସେ ଅଧିକାର ଦେଉନାହିଁ । ବହୁ ଚେଷ୍ଟା ବହୁ ଯତ୍ନ କରି ଏ ଚିଠିଟି ଲେଖିବାକୁ ସମର୍ଥ ହୋଇଛି । ଯଦି ଏଇଟି ତୋ ହାତର ସ୍ପର୍ଶ ପାଇବା ପାଇଁ ସମର୍ଥ ହୁଏ, ତା ହେଲେ ମୋର ସମସ୍ତ ଦୁଃଖ ଲାଘବ ହେବ । ଖୁବ୍ ଶିଘ୍ର ତୋ ନିକଟରେ ପହଞ୍ଚିବାର ଚେଷ୍ଟା କରୁଛି । ଯଦି ମୃତ୍ୟୁର ଶୀତଳ ସ୍ପର୍ଶ ମୋ ମନଟାକୁ ପଙ୍ଗୁ ନ କରିଦିଏ, ତା' ହେଲେ ଦେହ କୌଣସି ବାଧା ସୃଷ୍ଟି କରି ପାରିବ ନାହିଁ । ରହିଲି । ସ୍ନେହ ନେବୁ ।

ତୋର

ଅଭି

ଚିଠିଟି ପଢ଼ିସାରି ପ୍ଲାବନୀ ହୋ ହୋ ହୋଇ ହସି ଉଠିଲା । ହସର ପ୍ଲାବନ ଯେପରି କୋଠରୀଟାର କୂଳ ଲଙ୍ଘିଯିବ । ବାହାରେ ଶ୍ରମିକମାନଙ୍କର ସ୍ଲୋଗାନକୁ ପ୍ଲାବନୀର ହସ ବୁଡ଼େଇ ପକେଇଲା । ହସ ଥମେଇ ଝରକା ପାଖରେ ଯାଇ ଦେଖିଲା, ଶ୍ରମିକମାନଙ୍କର ପଟୁଆର ଚାଲିଛି । କାଲିଠାରୁ ଧର୍ମଘଟ ହେବ । ଧର୍ମଘଟ କାରୀମାନେ ଦାବୀ ପୂରଣ ନ ହେବା ଯାଏ ଧର୍ମଘଟ ଚଳେଇ

ଯିବେ । ପଟୁଆର ! କଙ୍କାଳର ପଟୁଆର । ନିରନ୍ନ ଜନତାର ପଟୁଆର । ଅଭିରାମ ଲେଖିଛି, ଏମାନେ କୁଆଡ଼େ ମିଲ୍‌ର ମାଲିକ ହେବେ । ଏମାନେ କୁଆଡ଼େ ଦାବୀ ହାସଲ ଯାଏ ସଂଗ୍ରାମ ଚଳେଇ ଯିବେ । ଅସମ୍ଭବ ପରିକଳ୍ପନା । ଅଯୁକ୍ତିକର ଆନ୍ଦୋଳନ । ଫେରି ଆସି ପୁଣି ପ୍ଲାବନୀ ନିଜର ସ୍ଥାନ ଦଖଲ କଲା । ପୁଣି ଅଭିରାମ ! ନା, ନା, ଅଭିରାମ ତାର କେହି ନୁହେଁ । ଅଭିରାମ ସହିତ ପ୍ଲାବନୀର କେବେ କୌଣସି ସଂପର୍କ ନ ଥିଲା ।

ବାହାରୁ ଶ୍ରମିକମାନଙ୍କ ମୁହଁରୁ ଅଭିରାମର ଜୟଧ୍ୱନି ଶୁଣାଗଲା । ପ୍ଲାବନୀ ଯନ୍ତ୍ରଗୁଡ଼ିକ ପରି ପୁଣି ଉଠିଗଲା । ଶୋଭାଯାତ୍ରାକାରୀମାନେ ବହୁ ବହୁ ଅଭିରାମର ଜୟଧ୍ୱନି ଦେଉଛନ୍ତି । ତେବେ କ'ଣ ଅଭିରାମ ଆସି ପହଞ୍ଚିଛି !!

ନିର୍ନିମେଷ ନୟନରେ ପ୍ଲାବନୀ ଚାହିଁ ରହିଲା ରାଜପଥ ଆଡ଼େ । ବିରାଟ ପଟୁଆର । ସହରର ଅନ୍ୟାନ୍ୟ ଶ୍ରମିକ ସଂସ୍ଥା ଗୁଡ଼ିକ ଯୋଗ ଦେଇଛନ୍ତି । ଜନତାର ସ୍ରୋତ ବଢ଼ି ଚାଲିଛି । କିନ୍ତୁ ଅଭିରାମ କେଉଁଠି ? ପ୍ଲାବନୀ ବ୍ୟସ୍ତ ହୋଇ ପଡ଼ିଲା । ଅଭିରାମକୁ ଦେଖିବା ପାଇଁ ତା' ଅନ୍ତର ଭିତରଟା ଚହଲି ଉଠିଲା । କାହିଁ ? କାହିଁ ଅଭିରାମ ! ମନ ହେଉଥିଲା ସେ ଧାଇଁ ଯାଇ ଏଇ ବିଶାଳ ଜନସ୍ରୋତ ଆଡ଼େଇ ଅଭିରାମକୁ ଖୋଜିବ । ଅସୁସ୍ଥ ଅଙ୍ଗଳତାରେ ତାର ହସ୍ତ ସଂଚାଳନ କରି କହିବ—

ଏଏ କ'ଣ କଲ ଅଭି ! ଜାଣି ଜାଣି ନିଜର ସର୍ବନାଶ ଡାକି ଆଣିଲ !

କବାଟ ଆଡ଼େଇ ମହେନ୍ଦ୍ରବାବୁ ଭିତରକୁ ପଶି ଆସିଲେ ।

ପ୍ଲାବନୀ ପ୍ରକୃତସ୍ଥ ହୋଇ ଫେରି ଆସି ନିଜ ସ୍ଥାନ ଅଧିକାର କଲା ।
ମହେନ୍ଦ୍ର ବାବୁ ସଙ୍ଗେ ସଙ୍ଗେ ଆରମ୍ଭ କଲେ—

ଶୁଣିଲୁ ଅଭିରାମ ଆଜି ଏଠାକୁ ଆସିଛି । ତୁ କିଛି ଜାଣିଛୁ ?

ପ୍ଲାବନୀ ମୁଣ୍ଡ ହଲେଇ ମନା କଲା ।

ସେ ଯେ ଶେଷଯାଏ ମୋ ସହିତ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିବ, ମୁଁ ଭାବି ନ ଥିଲି । ସେ ଯା ହେଉ, କାଲିଠାରୁ ମିଲ୍‌ର ସଦର ଗେଟ୍‌ରେ ପୋଲିସ୍ ମହଜୁଦ୍ ରହିବେ । କେତେଦିନ ଧର୍ମଘଟ ଚଳେଇବେ ଦେଖାଯାଉ !! ତୋର ଯଦି କାମ ଶେଷ ହେଲାଣି, ମୋ ସହିତ ଘରକୁ ଚାଲିଆ ।

ପ୍ଲାବନୀ ମନା କଲା । ଆହୁରି ଘଣ୍ଟାଏ ଖଣ୍ଡେ ଡେରି ହେବ ।

ମହେନ୍ଦ୍ର ବାବୁ ଉଠି ଯାଉଥିଲେ । ପୁଣି ଫେରି ଆସି କହିଲେ—

ଅଚ୍ଛା ବାନି ! ଗୋଟାଏ କଥା କହି ପାରିବୁ ?

ମହେନ୍ଦ୍ର ବାବୁ କିଛିକ୍ଷଣ ଯାଏ ଚିନ୍ତା କଲେ । ପ୍ଲାବନୀ ଜିଜ୍ଞାସୁ ନୟନରେ ପିତାଙ୍କର ଭାବଭଙ୍ଗୀ ଅପେକ୍ଷା କରି ରହିଥିଲା ।

ହଁ, ମୁଁ କ'ଣ କହୁଥିଲି କି, ତୋର ଏବେ ଅଭିରାମ ସହିତ କ'ଣ ସମ୍ପର୍କ ?

ପ୍ଲାବନୀର ମୁଣ୍ଡ ବୁଲେଇ ଦେଲା । ସେ ମହେନ୍ଦ୍ର ବାବୁଙ୍କ କଥାର କୌଣସି ଅର୍ଥ ବୁଝି ନ ପାରି ପଚାରିଲା—

କାହିଁକି ବୁଝୁଛନ୍ତି ?

ମହେନ୍ଦ୍ର ବାବୁଙ୍କ କପାଳରେ ସ୍ୱେଦ ବିନ୍ଦୁ ଦିଶୁଥିଲା । ସେ ଆହୁରି କିଛିକ୍ଷଣ ଚିନ୍ତା କରି କହିଲେ—

ବର୍ତ୍ତମାନ ପରିସ୍ଥିତିରେ ମିଲ୍ ଷ୍ଟ୍ରାଇକ୍ ହେଲେ କେତେ କ୍ଷତି ହେବ ତୋତେ ତ ଜଣା ଅଛି । ବିଦେଶକୁ ଯେଉଁ ମାଲ୍ ସବୁ

ରପ୍ରାଣୀ ହେବାର ଥିଲା, ତାହା ଆଜ ସମ୍ଭବ ହେବ ନାହିଁ । ସେଥିପାଇଁ ସ୍ୱପ୍ନଥିଲା ଅଭିରାମଙ୍କୁ ହାତ କରି ପାରିଲେ……

ମହେନ୍ଦ୍ର ବାବୁ କଥା ଅସମାପ୍ତ ରଖି ଧୀରେ ଧୀରେ ଉଠିଲେ । ସେ ଯେପରି ପ୍ଲାବନୀ ମୁହଁରୁ କୌଣସି ଶୁଭ ସୂଚନା ପାଇଲେ ନାହିଁ । ବରଂ ମୁହଁରେ ତା'ର କଠୋର ଦୀପ୍ତି ଫୁଟି ଉଠୁଥିଲା । ମହେନ୍ଦ୍ର ବାବୁ ଅପରାଧୀଟି ପରି ଧୀରେ ଧୀରେ ସେଠାରୁ ଚାଲିଗଲେ ।

ପ୍ଲାବନୀ ସ୍ତବ୍ଧ ହୋଇ ସେଇଠି ବସି ରହିଲା । କ'ଣ ସେ ଆଜି ଶୁଣିଲା ବାପାଙ୍କ ମୁହଁରୁ ? ନୀତିବାଗୀଶ ମହେନ୍ଦ୍ର ପଟ୍ଟନାୟକ ! ସାମାନ୍ୟ ଟଙ୍କା ଲୋଭରେ ସେ ନିଜ କନ୍ୟାର ମହତ୍ତ୍ୱ ବିକ୍ରୟ କରିବାକୁ କହୁଛନ୍ତି । ପ୍ଲାବନୀ ଦେହ ସାରା ବିଦ୍ୟୁତ 'ତରଙ୍ଗ' ଖେଳିଗଲା । ଗର୍ବରେ ଫୁଲି ଉଠିଲା ଛାତି । ତା' ପ୍ରିୟ, ଅନ୍ତରଙ୍ଗ ଅଭିର ତା' ହେଲେ ଜୟ ହେଲଚି !!

ଗୋଟିଏ ରୋଗକ୍ଲିଷ୍ଟ ବେଦନା ଜର୍ଜରିତ ମୁହଁ ପ୍ଲାବନୀର ଆଖି ଆଗରେ ଭାସିଉଠିଲା । ମୃତ୍ୟୁ ଯାହାକୁ ହାତଠାରି ଡାକୁଛି, ଯିଏ ହୁଏତ ନିଜ ପାଦ ଉପରେ ଭରା କରି ଠିଆ ହୋଇ ପାରୁନାହିଁ, ଯାହାର କାହାରି ବିରୁଦ୍ଧରେ ଅଭିଯୋଗ ରଚନା କରିବାର ସାମର୍ଥ୍ୟ ଶକ୍ତି ମଧ୍ୟ ନାହିଁ, ପ୍ରତାପ ଶାଳୀ ମହେନ୍ଦ୍ର ପଟ୍ଟନାୟକ ଆଜି ତାଙ୍କୁ ଭୟ କରୁଛନ୍ତି । ପ୍ଲାବନୀର ମନ ହେଉଥିଲା ସେ ସେଇ ମୁହୂର୍ତ୍ତରେ ଅଭିରାମର ଚରଣ ତଳେ ଲୋଟି ପଡ଼ି କହନ୍ତା— ମୋର ଭୁଲ ଭାଙ୍ଗିଛି ଅଭି, ମୋର ଅହମିକା ଚୂର୍ଣ୍ଣ ହୋଇଛି । ଏବେ ମୋତେ ତୁମର ଚରଣ ତଳେ ଆଶ୍ରୟ ଦିଅ ।

ରାଜପଥରୁ ଅଭିରାମର ଜୟଧ୍ୱନି ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ । ପ୍ଲାବନୀ ଚିଠି ଖଣ୍ଡିକ ଅତି ଯତ୍ନରେ ଆଉ ଥରେ ଖୋଲି ପଢ଼ିଲା ।

ଏଥର ସେ ଅଭସମର କରୁଣ ମୂର୍ତ୍ତି ସତେ ଯେମିତ ଆଖି ଆଗରେ ଦେଖିବାକୁ ପାଇଲା । ବେଦନା ଜର୍ଜରିତ , ବିଭକ୍ତ, ବିକଳ ସେ ମୂର୍ତ୍ତି । ଯେମିତ ଯୁଗ ଯୁଗର ଅସଙ୍ଖ୍ୟ ନୟନ ମଣିରେ, ତା'ର ଅଶ୍ରୁ ଲେଖା, ଆଶ୍ୱାସନା ଲେଖା ।

ପ୍ଲାବନୀ ବିଚଳିତ ହୋଇ ପଡ଼ିଲା । କ୍ଷଣକ ଆଗରୁ ଯେଉଁ ଅଭସମର ଶତ ପତି ଦେହ ସାରା ବିଷ ଚରି ଯାଇଥିଲା, ରାଗ, ଦୁଃଖ, କ୍ଷୋଭରେ ଜର୍ଜରିତ ହୋଇ ଉଠିଥିଲା, ଅଟ୍ଟହାସ୍ୟ କରି ଯାହାକୁ ଉପହାସ କରୁଥିଲା—ବର୍ତ୍ତମାନ ତା' ବିରୁଦ୍ଧରେ କୌଣସି ଅଭିଯୋଗ ତ ଦୂରର କଥା, ପ୍ଲାବନୀର ଅନ୍ତର କରୁଣାରେ ବିଗଳିତ ହୋଇ ଉଠିଲା । ଅଭସମ ତା ଆଗରେ ଏକ ବିରାଟ ବ୍ୟକ୍ତିତ୍ୱ ପ୍ରକାଶ କରି ଠିଆ ହେଲା ।

ଅଭସମର ଜୟ ହୋଇଛି । ଗଗନ ପବନ ମୁଖରିତ କରି ଉଠୁଛି ଜୟଧ୍ୱନି । ପ୍ଲାବନୀର ଅଭିନନ୍ଦନ ଜଣେଇବା ଉଚିତ । ହୁଏତ ଅଭସମ ପ୍ରତି ମୁହୂର୍ତ୍ତରେ ପ୍ଲାବନୀର ଦର୍ଶନ ପାଇଁ ଉତ୍କଣ୍ଠିତ ହୋଇ ଉଠୁଥିବ । ଶିଥିଳ ଆଖି ଯୋଡ଼ିକ ତା'ର ଅନୁସନ୍ଧାନ କରି କରି କ୍ଲାନ୍ତ ହୋଇ ପଡ଼ୁଥିବ । ହୁଏତ ଶେଷ ଆଶା ତା'ର ଅପୂରଣ ନ ରହିବା ପାଇଁ ପ୍ଲାବନୀକି ସେ ଅନୁରୋଧ ଜଣେଇବ । ଅଥବା ନିଭୃତରେ ଅବଶ ହାତ ଯୋଡ଼ିକ ପ୍ଲାବନୀ ମଥା ଉପରେ ଥୋଇ ଆଶୀର୍ବାଦ କରିବ ।

ପ୍ଲାବନୀ ପୁଣି ଯାଇ ଝରକା ପାଖରେ ଠିଆ ହେଲା । ରାଜପଥ ନିସ୍ତବ୍ଧ ହୋଇଛି । ଆଲୋକର ଶୋଭାଯାତ୍ରୀ ଲାଗିଛି । ଅଭସମର ଜୟଧ୍ୱନି ଲିଭିଛି । ପ୍ଲାବନୀ ଫେରି ଆସିଲା ।

ଟେବୁଲ ଉପରେ କେତୋଟି ଦରକାରୀ ଫାଇଲ୍ ରଖା ହୋଇଛି । କାଲିଠାରୁ ଧର୍ମଘଟ ଆରମ୍ଭ ହେବ । ସେଥିପାଇଁ

ପୋଲିସ୍ ଅଫିସରଙ୍କୁ ସମ୍ବାଦ ଦେଇ ରିଜର୍ଭ ଫୋର୍ସ ଅଣିବା କଥା । ସେ କାମଟା ଏତେବେଳଯାଏ ହୋଇ ନାହିଁ । ତା'ଛଡ଼ା କେତେଜଣ ଶ୍ରମିକ ନେତାମାନଙ୍କ ଘରକୁ କାର୍ ପଠେଇବାକୁ ହେବ । ପ୍ଲାବନୀର ଆଜି ଏକୋନବିଂଶ ଜନ୍ମ ବାର୍ଷିକୀ ।

ହସ ମାଡ଼ିଲା ପ୍ଲାବନୀକୁ । ଏଇ ନେତାମାନେ କୁଆଡ଼େ ଶ୍ରମିକ ସମାଜକୁ ଉଦ୍ଧାର କରିବେ । ଯେଉଁମାନଙ୍କର ନିଜ ଘର ସମ୍ଭାଳିବାର କ୍ଷମତା ନାହିଁ, ସେମାନେ ଅନ୍ୟକୁ ଘର କରି ଦେବେ । ଯେଉଁମାନେ ଖାଇବା ଟେବୁଲରେ କେକ୍ ଖଣ୍ଡେ ପାଇଁ କଳି କରନ୍ତି, ସେମାନେ ଅନ୍ୟର ପେଟ କଥା ବୁଝିବେ ! ହୁଏତ ଆଜିର ଏହି ଭୋଜି ପର୍ବ ମାଧ୍ୟମରେ ଶ୍ରମିକମାନଙ୍କ ସମସ୍ୟାରେ ଦୃଷ୍ଟିଚ୍ଛେଦ ପଡ଼ି ଥାଆନ୍ତା, କାଲି ପୁଣି କଳ ଘରର ବଂଶୀ ବାଜି ଉଠି ଥାଆନ୍ତା । ପ୍ଲାବନୀ ସେଇଥି ସ୍ଥିର କରି ଆଜିର ଆୟୋଜନ କରିଥିଲା । କିନ୍ତୁ ଅଭିଗମ ! ତାକୁ କିଏ ନିରସ୍ତ କରିବ ? କୌଣସି ପ୍ରଲୋଭନ ତା' ମନର କଠିନ ସ୍ତର ଭେଦ ପାରିବ ନାହିଁ । ସେ ନିର୍ବିକାର, ସେ ଦିଗମ୍ବର । ହୁଏତ ପ୍ଲାବନୀର ସମସ୍ତ ଆୟୋଜନ ଆଜି ବୃଥା ହୋଇଯିବ । ସମସ୍ତ ଚକ୍ରାନ୍ତ ତା'ର ବିଫଳ ହୋଇଯିବ । ଯେଉଁ ନେତାମାନେ ଆସିବେ, ସେମାନେ କେବଳ ଭୋଜନ କରି ଲମ୍ବା ଲମ୍ବା କଥା କହି ଚାଲିଯିବେ । ଅଭିଗମ ଉପରେ କାହାରି ପ୍ରଭାବ ଚଳିବ ନାହିଁ । ତେଣୁ କାଲିର ଧର୍ମଘଟ ସୁନିଶ୍ଚିତ ।

ପ୍ଲାବନୀ ଟେଲିଫୋନର ଡାୟାଲ୍ ଘୁରେଇଲା । ପୋଲିସ୍ ଷ୍ଟେସନ । କିନ୍ତୁ କାହା ବିରୁଦ୍ଧରେ ଏ ଅଭିଯାନ ! ପ୍ଲାବନୀ ଚିନ୍ତା କଲା । ଯାହା ସେ କରିବାକୁ ଯାଉଛି, ସମସ୍ତ ଅଭିଗମ ବିରୁଦ୍ଧରେ । ଟେଲିଫୋନର ଅପର ପ୍ରାନ୍ତରୁ ଉତ୍ତର ଆସିଲାଣି ।

କିନ୍ତୁ ପ୍ଲାବନୀ କିଛି କହି ପାରୁ ନାହିଁ । ରିସିଭରଟା କାନରେ ଲଗେଇ ଭାବୁଛି, ସତେ କ'ଣ ଅଦମ୍ୟ ତା' ପାଇଁ ପ୍ରତୀକ୍ଷା କରିଥିବ ! ସତେ କ'ଣ ଅଭିରାମ ପ୍ଲାବନୀକୁ ଅନୁରୋଧ କରିଣେଇବ । ଟେଲିଫୋନର ଅପର ପ୍ରାନ୍ତରୁ ଭାରି ସ୍ୱର ଶୁଣି ପ୍ଲାବନୀର ଧ୍ୟାନ ଭାଙ୍ଗିଲା ।

ମୁଁ ପ୍ଲାବନୀ ଦେବୀ । ଆପଣ ?

ସେନଗୁପ୍ତ ।

ହଁ, ମିଃ ସେନଗୁପ୍ତ ! କାଲି ଆମର କର୍ମଚାରୀମାନେ ଷ୍ଟ୍ରାଇକ୍ କରୁଛନ୍ତି । ଆମ ମିଲ୍‌ର ନିରାପତ୍ତାର ଦାୟିତ୍ୱ ଆପଣଙ୍କ ଉପରେ ରହିଲା । ଆଉ କୌଣସି ଉତ୍ତରକୁ ଅପେକ୍ଷା ନ କରି ପ୍ଲାବନୀ ରିସିଭରଟା ରଖି ଦେଲା । ଆଉ ଭଲ ଲାଗୁନାହିଁ । ଏଥର ଘରକୁ ଯିବାକୁ ହେବ । ଏଇ ଅବଶ ଦେହଟାକୁ ବିଛଣା ଉପରେ ଲୋଟେଇ ଦେଇ ପାରିଲେ ପ୍ଲାବନୀ ଟିକିଏ ଶାନ୍ତି ପାଆନ୍ତା । କିନ୍ତୁ ଉପାୟ ନାହିଁ । ଆଜି ତାର ଜନ୍ମ ଉତ୍ସବ । ଘଣ୍ଟାରେ ଅଠଟା ବାଜୁ ନ ବାଜୁଣୁ ଘର ତାଙ୍କର କୋଳାହଳମୟ ହୋଇ ଉଠିବ । କେତେ ଯୁବକ ଯୁବତୀ, କେତେ ଆତ୍ମୀୟ ସ୍ୱଜନ ଆସି ପ୍ଲାବନୀର ଦୀର୍ଘାୟୁ କାମନା କରି ଯିବେ । ଭାସ୍ୱକାନ୍ତ ଜୀବନର ଭାର ଅହୁରି ବଢ଼ାଇ ଦେଇଯିବେ । ପ୍ଲାବନୀର ମନ ହେଉଥିଲା ସେ ଏଇଠି, ଅଫିସ ଟେବୁଲ ଉପରେ ଅସମୟରେ ଶୋଇ ଯାଆନ୍ତା ।

ନା, ତାକୁ ଫେରି ଯିବାକୁ ହେବ । ବାପା ତେଣେ ଅପେକ୍ଷା କରିଥିବେ । ହୁଏତ କେତେଜଣ ବନ୍ଧୁ ବାନ୍ଧବ ଏହା ଭିତରେ ଆସି ପହଞ୍ଚି ସାରିଥିବେ । ଆଜିର ଏହି ଜନ୍ମ ବାର୍ଷିକୀକୁ

ଅଭଗମଙ୍କୁ ନେଇ ପାରିଲେ, ତା' ଅପ୍ରୋଜନ ସାର୍ଥକ ହୁଅନ୍ତା । ଅଭଗମ କ'ଣ ଅସ୍ୱୀକାର କରିବ !!

ପ୍ଲାବଣୀ ଟେବୁଲ ଉପରୁ ସମସ୍ତ ଫାଇଲ୍ ପତ୍ର ଗୋଟେଇ ଡ୍ରୟାରରେ ବନ୍ଦ କଲା । ତା'ର ଏପରି ଦୁର୍ବଳତା ହୁଏତ ଅଶୋଭନ । ଏଭଳି ଚିନ୍ତା କରିବା ହୁଏତ ଅସଙ୍ଗତ । କିନ୍ତୁ ପ୍ଲାବଣୀ ଆଉ ପାରୁ ନ ଥିଲା । ତା' ଦେହ ଭାର ବି ବହନ କରିବାକୁ ଅସମର୍ଥ ହୋଇ ପଡ଼ିଥିଲା । ଅଫିସରେ କେହି ନାହାନ୍ତି । କେବଳ ଚପରାଶିଟି ବାହାରେ ବସି ଢୋଳଉଛି । ପ୍ଲାବଣୀ ଧୀରେ ଧୀରେ ଅଫିସରୁ ବାହାରି ଗଲା । ଚଳେ ପହଞ୍ଚିଲା ଝଟି ଡ୍ରାଇଭର ମଟର ଦରଜା ଖୋଲି ଦେଲା । ପ୍ଲାବନୀ ମୁଣ୍ଡ ଟେକି ଅଟେରେ ଅନେଇଲା, କହିଲା—

ତୁମେ ଚାଲିଯାଅ । ମୁଁ ନିଜେ ଗାଡ଼ି ନେଇଯିବି ।

ପ୍ଲାବନୀ ମଟରର ଷ୍ଟିଅରିଂ ଧରିଲା । ଚାବି ଖୋଲି ଷ୍ଟାର୍ଟ ଦେଲା । ସମଗ୍ର ମଟରଟା କମ୍ପିବା ସଙ୍ଗେ ସଙ୍ଗେ ପ୍ଲାବନୀର ଅଙ୍ଗ ପ୍ରତ୍ୟଙ୍ଗ କମ୍ପି ଉଠିଲା । କେଉଁଠୁ ସେ ଅଭିରାମଙ୍କୁ ପାଇବ ? ଶ୍ରମିକମାନେ ହୁଏତ ମିଟିଂ କରୁଥିବେ । ଅଭିରାମ ଉପଦେଶ ଦେଉଥିବ । ଅଥବା କେଉଁ ଅନ୍ଧକାର କୋଠରୀରେ ମଳିନ ଆଲୁଅରେ ଚଉକି ଟେବୁଲ ମଧ୍ୟରେ ନୂଆ ସ୍ୱପ୍ନ ଗୁଣୁଥିବ ।

ପ୍ଲାବନୀ ମଟରର ଗିଅର ବଦଳେଇଲା । ମନ ଏବଂ ମଟରକୁ ନିୟନ୍ତ୍ରିତ କରିବାର ଶକ୍ତି ମଧ୍ୟ ସେ ହରେଇଛି । ମଟର ଊର୍ଦ୍ଧ୍ୱଶ୍ୱାସରେ ଛୁଟି ଚାଲିଥିଲା ଶ୍ରମିକ ବସ୍ତି ଆଡ଼େ । ଅଭିରାମକୁ ସେ ଆଜି ଅଭିନନ୍ଦନ ଜଣେଇବ । ନିମନ୍ତ୍ରଣ କରିବ ତା' ଜନ୍ମବାର୍ଷିକୀରେ ଯୋଗଦାନ କରିବାକୁ । ଖାଲି ସେତିକି

ନୁହେଁ, ବାପା କହୁ ଯାଇଛନ୍ତି ଅଭିରାମକୁ ହାତ କରି ପାରିଲେ ଏ ଷ୍ଟ୍ରାଇକ୍ ଭାଙ୍ଗିଯିବ । ବିଦେଶରୁ ପାଇଥିବା ଅର୍ଡର ଅକ୍ଲେଶରେ ସପ୍ଲାଇ କରି ହେବ । ଦୋଷ କ'ଣ ! ଅଭିରାମ ତ ପୁଣି ଲେଖିଚି—ତୋ ପଥରେ ତୁ ଅବିଚଳିତ ରହିଲେ ମୁଁ ଖୁସି ହେବି । ପ୍ଲାବନୀର ତ ପୁଣି କର୍ତ୍ତବ୍ୟ ଅଛି । ସେ ଯେଉଁ ଦାୟିତ୍ୱପୂର୍ଣ୍ଣ ପଦର ଅଧିକାରିଣୀ ହୋଇଛି, ସେ ପଦର ଅମର୍ଯ୍ୟାଦା କରିବ କିପରି ?

ହଠାତ୍ ପ୍ଲାବନୀ ଦୂରରୁ ଗୋଳମାଳ ଶୁଣିଲା । ମଟରର ସ୍ପିଡ୍ କମେଇ ଚାହିଁଲା, ବାଁ ପାଖ ପଡ଼ିଆରେ ଅସମ୍ଭବ ଲୋକ ଗହଳି । ସ୍ଲୋଗାନ ଓ ଜୟଧ୍ୱନି ଉଠି ଶ୍ରମିକ ମାନଙ୍କର ଆନ୍ଦୋଳନକୁ ଉତ୍ତେଜିତ କରୁଚି । ହୁଏତ ଅଭିରାମ ଏଇଠି ଥିବ । କିନ୍ତୁ ପ୍ଲାବନୀ ତାକୁ ଭେଟିବ କିପରି !!

ହଠାତ୍ ପ୍ଲାବନୀ ଶୁଣିଲା, ସେଇ ଜନତା ଭିତରୁ ଯେପରି ଉତ୍ତେଜନା ସୃଷ୍ଟି ହୋଇଚି । ଚାହୁଁ ଚାହୁଁ ଦଳେ ଉତ୍ୟକ୍ତ ଜନତା ତା ମଟର ଆଡ଼େ ଛୁଟି ଆସୁଚନ୍ତି । ପ୍ଲାବନୀ କାନରେ ଆସି ତା' ବିରୁଦ୍ଧରେ ନାନା ପ୍ରକାର ଅସଂଯତ କଥା ବାଜୁଚି । ଜନତା ଭିତରୁ ତା' ବିରୁଦ୍ଧରେ ଅଭିଯୋଗର ସୀମା ନାହିଁ । ପ୍ଲାବନୀ ସବୁ କଥା ସ୍ପଷ୍ଟ ଶୁଣି ପାରୁ ନ ଥିଲା ।

ଆଖି ପିଛୁଳାକେ ପ୍ଲାବନୀ ଦେଖିଲା ତା' ମଟରର ଚତୁଃପାର୍ଶ୍ୱରେ ଲୋକ ଜମି ଯାଇଛନ୍ତି । ଅଜସ୍ର ଲୋକମାନେ ମାଡ଼ି ଆସୁଛନ୍ତି । ପ୍ଲାବନୀ ଶିହରି ଉଠିଲା । ଉପାୟ କ'ଣ ?

ମଟରର ପଛ କାଚଟା ଝଣ୍ ଝଣ୍ ହୋଇ ଭାଙ୍ଗି ଗଲା । ପ୍ଲାବନୀ ଦେହଟା କମ୍ପି ଉଠିଲା । ଗୋଳମାଳ ବଢ଼ୁଛି । ଅଶ୍ଳୀଳ ଇଂଗିତ ଭାସି ଆସୁଚି । ମଟରର ଆଗ କାଚରେ ବି ଖଣ୍ଡେ ଇଟା

ଆସି ଲାଗିଲା । ଭିଡ଼ ଭିତରୁ କିଏ କହୁଚି ଭଣ୍ଡଅଣ । କିଏ ଯେପରି ମଠରର ଦରଜା ଖୋଲିଲା ପରି ପ୍ଲାବନୀ ଅନୁଭବ କଲା । ଆତ୍ମ ରକ୍ଷାର କୌଣସି ଉପାୟ ଚିନ୍ତା କରି ପାରିଲନି ପ୍ଲାବନୀ ।

ତେଣୁ ଭିଡ଼ ଆଡ଼େଇ ଅଭିରାମ ତା' ଭଙ୍ଗା ଦେହଟାକୁ ଟାଣି ଓଟାରି ଆପ୍ରାଣ ଚେଷ୍ଟା କରି ଛୁଟି ଆସୁଥିଲା । ପ୍ଲାବନୀ ! ସେ କାହିଁକି ଆସିଲା ଏଇ ଜନ୍ତୁଙ୍କ ଜନ ସମୁଦ୍ର ଭିତରକୁ । ଏମାନେ ଯେତେ ହେଲେବି ସଂଯମ ହୋଇ ନାହାନ୍ତି । କିଛି ଯଦି ଗୋଟାଏ ଅପ୍ରୀତିକର ଘଟଣା ଘଟେଇ ବସନ୍ତି !!

ହଠାତ୍ ଗୋଟାଏ ଗୁଳି ଆସି ଅଭିରାମର କପାଳରେ ଲାଗିଗଲା । ଜନତା ଛତ୍ରଭଙ୍ଗ ହେଉଛନ୍ତି । ପଛରୁ ପୋଲିସ୍ ଭ୍ୟାନ୍ ଆସୁଚି । କିନ୍ତୁ ପ୍ଲାବନୀ ହାତର ପିସ୍ତଲଟା କମ୍ପୁଚି । ସେ ଆତ୍ମରକ୍ଷା କରିବାପାଇଁ ଯେଉଁ ଗୁଳି ଚଳେଇଲା, ତହିଁରେ ଅଭିରାମ ଶୀକାର ହେଇଚି ।

ପ୍ଲାବନୀ ବୁଝି ପାରିଲା ନାହିଁ । ଠିକ୍ ତା ମଠର ଉପରେ ଅଭିରାମର ଦେହ ଭାର ନଇ ହୋଇ ପଡ଼ିଥିଲା । ପୋଲିସ୍ ଫୋର୍ସ ଆସି ପହଞ୍ଚି ଯାଇଥିଲେ । ଉତ୍ତେଜିତ ଶ୍ରମିକମାନେ ଘୁଞ୍ଚି ଯାଇଥିଲେ । ପ୍ଲାବନୀ ଷ୍ଟିଅରିଂ ଟାକୁ ଯୋରରେ ମୁଠେଇ ଧରିଥିଲା ।

ପୋଲିସ୍ ଫୋର୍ସ ଆସି ଦେଖିଲେ, ଅଭିରାମ ଅଜ୍ଞାନ ନୁହେଁ, ନିହତ । ପ୍ଲାବନୀ ତା'ର ଦୁଇଟି ଯାକ ହାତ ଷ୍ଟିଅରିଂ ଉପରେ ଛାଡ଼ି ଦେଲା । ହାତର ଚୁଡ଼ି କେଇପଟେ ଝଣ୍ ଝଣ୍ ହୋଇ ଭାଙ୍ଗିଗଲା ।